• Vol.- 46, Issue No. 221
• Friday, 13 November 2026
• ଶୁକ୍ରବାର, ୧୩ ନଭେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



ବଢ଼ିଲା ବସ୍ ଭଡ଼ା



ଭୁବନେଶ୍ୱର,୧୨।୧୧: ରାଜ୍ୟରେ ବଢ଼ିଲା ବସ୍ ଭଡ଼ା । ସାଧାରଣ ବସ୍‌ଠାରୁ ଆରମ୍ଭ କରି ଏସି ଓ ସୁପର ପ୍ରିମିୟମ୍ ବସ୍ ପର୍ଯ୍ୟନ୍ତ ସବୁ ବର୍ଗର ବସ୍ ଭଡ଼ା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏନେଇ ଗୁରୁବାର ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ନୂଆ ଭଡ଼ା ଲାଗୁ ହେବା ପରେ ଯାତ୍ରୀଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡ଼ିବା ଆଶଙ୍କା ରହିଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଅର୍ଡିନାରୀ ବସ୍‌ର କିଲୋମିଟର ପିଛା ଭଡ଼ା ୯୨ ପଇସାରୁ ବୃଦ୍ଧି ପାଇ ୧ ଟଙ୍କା ୧୮ ପଇସା ହୋଇଛି । ସେହିପରି ଏକ୍ସପ୍ରେସ୍ ବସ୍ ଭଡ଼ା ୯୬ ପଇସାରୁ ବଢ଼ି ୧ ଟଙ୍କା ୨୪ ପଇସା ହୋଇଛି । ପ୍ରଥମ ଥର ପାଇଁ ବସ୍ ଭଡ଼ା ତାଲିକାରେ ସେମି ଡିଲକ୍ସ କାଟାଗୋରୀକୁ ସାମିଲ କରାଯାଇଛି । ଏହି ବର୍ଗର ବସ୍ ପାଇଁ କିଲୋମିଟର ପିଛା ୧ ଟଙ୍କା ୩୦ ପଇସା ଧାର୍ଯ୍ୟ କରାଯାଇଛି । ଅନ୍ୟପକ୍ଷରେ, ଡିଲକ୍ସ ବସ୍ ଭଡ଼ା ୧ ଟଙ୍କା ୩୫ ପଇସାରୁ ବୃଦ୍ଧି ପାଇ ୧ ଟଙ୍କା ୪୧ ପଇସା ହୋଇଥିବା ବେଳେ, ଏସି ଡିଲକ୍ସ ବସ୍ ଭଡ଼ା ୧ ଟଙ୍କା ୬୩ ପଇସାରୁ ୧ ଟଙ୍କା ୯୯ ପଇସାକୁ ବୃଦ୍ଧି କରାଯାଇଛି। ସେହିପରି ସୁପର ପ୍ରିମିୟମ୍ ବସ୍ ଭଡ଼ା ୨ ଟଙ୍କା ୫୩ ପଇସାରୁ ବଢ଼ି ୩ ଟଙ୍କା ୨୧ ପଇସା ହୋଇଛି। ସୁପର ପ୍ରିମିୟମ୍ ଡିଲକ୍ସ ବସ୍ ଭଡ଼ା ୩ ଟଙ୍କା ୫୦ ପଇସାରୁ ବୃଦ୍ଧି ପାଇ ୪ ଟଙ୍କା ୬୧ ପଇସା ହୋଇଛି। ସ୍ଲିପର ଏସି କୋଚ୍ ପାଇଁ ମଧ୍ୟ କିଲୋମିଟର ପିଛା ୪ ଟଙ୍କା ୬୧ ପଇସା ଭଡ଼ା ଧାର୍ଯ୍ୟ କରାଯାଇଛି। ସୂଚନା ଅନୁଯାୟୀ, ବସ୍‌ର ରକ୍ଷଣାବେକ୍ଷଣ, ବୀମା, ଯନ୍ତ୍ରାଂଶ ଓ ଅନ୍ୟାନ୍ୟ ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଦୀର୍ଘଦିନ ଧରି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଭଡ଼ା ବୃଦ୍ଧି ପାଇଁ ଦାବି ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ବସ୍ ଭଡ଼ା ସଂଶୋଧନ କରିଥିବା ଜଣାପଡ଼ିଛି।

୭୦୦ ମିଟର ତଳକୁ ଖସିଲା ଯାତ୍ରୀବାହୀ ଗାଡ଼ି: ୧୪ ମୃତ

କାଠମାଣ୍ଡୁ: ନେପାଳର ପାହାଡ଼ିଆ ରାସ୍ତାରେ ଗୁରୁବାର ସକାଳେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ଗାଡ଼ିଟି ରାସ୍ତାରୁ ନିୟନ୍ତ୍ରଣ ହରାଇ ପ୍ରାୟ ୭୦୦ ମିଟର ତଳକୁ ଖସିପଡ଼ିବାରୁ ୧୪ ଜଣଙ୍କ ମୃତ୍ୟୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ନେପାଳର ମକୱାନପୁର ଜିଲ୍ଲା ଅନ୍ତର୍ଗତ ଭିମଫେଦି ଅଞ୍ଚଳର ଚିସାପାନି ଗଡ଼ି ନିକଟରେ ଏହି ଦୁର୍ଘଟଣା ଘଟିଛି। ଗାଡ଼ିଟି କାଠମାଣ୍ଡୁରୁ ସରଲାହି ଅଭିମୁଖେ ଯାଉଥିବାବେଳେ ପାହାଡ଼ିଆ ରାସ୍ତାରେ ଭାରସାମ୍ୟ ହରାଇ ଗଭୀର ଖାଇକୁ ଖସିପଡ଼ିଥିଲା। ଏଥିରେ ମୋଟ ୨୦ ଜଣ ଯାତ୍ରୀ ଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ପୁଲିସ ଓ ସୁରକ୍ଷାକର୍ମୀ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଏଯାଏଁ ଜଣାପଡ଼ିନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି। ନେପାଳରେ ଏବେ ତିହାର ପର୍ବ ପାଳନ ହେଉଥିବାରୁ ଅନେକ ଲୋକ ନିଜ ଘରକୁ ଯାତ୍ରା କରୁଛନ୍ତି।

ଗୋପାଳପୁରରେ ହେବ ପ୍ରଥମ ସମୁଦ୍ର ଜଳରୁ ମଧୁର ଜଳ ପ୍ରସ୍ତୁତ ପ୍ରକଳ୍ପ

ଭୁବନେଶ୍ୱର,୧୨।୧୧: ପ୍ରାୟ ୧ ହଜାର କୋଟି ଟଙ୍କା ବ୍ୟୟରେ ଗଞ୍ଜାମ ଜିଲ୍ଲାର ଗୋପାଳପୁର ସମୁଦ୍ର ତଟରେ ରାଜ୍ୟର ପ୍ରଥମ ସମୁଦ୍ରରୁ ମଧୁର ଜଳ ପ୍ରସ୍ତୁତ ପ୍ରକଳ୍ପ (ଲବଣମୁକ୍ତ ଜଳ ପ୍ରକଳ୍ପ) ସରକାରୀ-ଘରୋଇ ସହଭାଗିତା (ପିପିପି) ରେ ନିର୍ମାଣ ହେବ। ଏଥିପାଇଁ ଇଡକୋ, ଆଇଏଫସି ଏବଂ ପିପିପି ସେଲ୍ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ସରକାରୀ ଓ ଘରୋଇ ସହଭାଗିତା (ପିପିପି) ପ୍ରକଳ୍ପ ପାଇଁ ଭିତ୍ତିଭୂମି ସମ୍ପର୍କିତ କ୍ଷମତାସମ୍ପନ୍ନ କମିଟି(ଇସିଆଇ)ର ୬୬ତମ ବୈଠକ ଗୁରୁବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ଅବସରରେ ଆଇଏଫସିର ଦକ୍ଷିଣ ଏସିଆ ଅଞ୍ଚଳର ପିପିପି କାରବାର ପରାମର୍ଶ ସେବା



■ ବ୍ୟୟ ହେବ ୧ ହଜାର କୋଟି

ବିଭାଗର ପରିଚାଳକ କମଲ ଡୋରାବାୱିଲା ନିଜ ଅଭିଭାଷଣରେ କହିଥିଲେ, ଓଡ଼ିଶାକୁ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ନିବେଶ ସୁଯୋଗର ଏକ ରଣନୈତିକ କେନ୍ଦ୍ର ଭାବେ ଗଢ଼ି ତୋଳିବା ଦିଗରେ ଆଇଏଫସିର ସମଗ୍ର ଟିମ୍ ଏକାଗ୍ରତାର ସହ କାର୍ଯ୍ୟ କରୁଛନ୍ତି । ଆଇଏଫସି ସହଯୋଗର ଅଂଶସ୍ୱରୂପ ଚିହ୍ନଟ କରାଯାଇଥିବା ମୋଟ ୧୧ଟି ପ୍ରକଳ୍ପକୁ କମିଟି ପକ୍ଷରୁ ନୀତିଗତ ଅନୁମୋଦନ ପ୍ରଦାନ କରାଯାଇଥିଲା । ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ବ୍ୟୟ ପ୍ରାୟ ୧୫,୪୯୮ କୋଟି ଟଙ୍କା । ଏଥିସହ ପ୍ରାୟ ୮୩୧.୬୮ କୋଟି ଟଙ୍କାର ମୋଟ ଆନୁମାନିକ ବ୍ୟୟ ବିଶିଷ୍ଟ ଅନ୍ୟ ୫ଟି ନୂତନ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ମିଳିଛି । ଏହା ବ୍ୟତୀତ, ପ୍ରାୟ ୨୮,୭୬୪.୨୮ କୋଟି ଟଙ୍କାର ମୋଟ ଆନୁମାନିକ ବ୍ୟୟ ବିଶିଷ୍ଟ ୨୮ଟି ଚାଲୁ ରହିଥିବା ପିପିପି ପ୍ରକଳ୍ପର ଅଗ୍ରଗତି ଓ ସ୍ଥିତି ମଧ୍ୟ ସମୀକ୍ଷା କରାଯାଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ କହିଲେ, ଅନ୍ତର୍ଜାତୀୟ ଅର୍ଥ ନିଗମ (ଆଇଏଫସି) ସହ ବର୍ତ୍ତମାନର ସହଯୋଗ ଅନୁଯାୟୀ, ସହରାଞ୍ଚଳରେ ସୁଲଭ ଗୃହ ନିର୍ମାଣ, ଶିକ୍ଷ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ର ସମେତ ବ୍ୟାପକ ସାମାଜିକ ପ୍ରଭାବ ସୃଷ୍ଟି କରିପାରୁଥିବା ସରକାରୀ-ଘରୋଇ ସହଭାଗିତା (ପିପିପି) ପ୍ରକଳ୍ପଗୁଡ଼ିକର ଏକ ସୁସଂଗଠିତ ତାଲିକା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କହିଥିଲେ।

ଓଏଏସ୍ ସ୍ତରରେ ପୁଣି ବଡ଼ ଅଦଳବଦଳ

୬ ଅଧିକାରୀଙ୍କୁ ମିଳିଲା ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୨।୧୧: ଓଏଏସ୍ ସ୍ତରରେ ପୁଣି ବଡ଼ ଅଦଳବଦଳ। ୬ ଅଧିକାରୀଙ୍କୁ ମିଳିଲା ନୂଆ ଦାୟିତ୍ୱ। ୩ ଜଣଙ୍କ ବଦଳି ନିର୍ଦ୍ଦେଶ ବାତିଲ କଲେ ସରକାର। ଏକାଧିକ ଓଏଏସ୍ ଅଧିକାରୀଙ୍କ ବଦଳି ଓ ନୂଆ ନିଯୁକ୍ତି ନେଇ ରାଜ୍ୟ ସରକାର ସାନି ବିଜ୍ଞପ୍ତି ଜାରି କରିଛନ୍ତି। ୬ ଜଣ ଅଧିକାରୀଙ୍କୁ ନୂଆ ଦାୟିତ୍ୱ ଦିଆଯାଇଥିବା ବେଳେ ୩ ଜଣଙ୍କ ପୂର୍ବ ବଦଳି ନିର୍ଦ୍ଦେଶ ବାତିଲ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସେହିପରି ରାଜ୍ୟପାଳଙ୍କ ସ୍ୱତନ୍ତ୍ର ସଚିବ ବେଦବନ୍ଧୁ ମିଶ୍ରଙ୍କୁ ରାଜ୍ୟ




ନିର୍ବାଚନ ଆୟୋଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ନିର୍ଦ୍ଦେଶକ ଥିବା ଶୁଭଦର୍ଶିନୀ ସ୍ୱାଇଁଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାୟଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ମହାପ୍ରବନ୍ଧକ ବିଶ୍ୱନାଥ ସାହୁଙ୍କୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଉପସଚିବ ଭାବେ ନିଯୁକ୍ତି ଦିଆଯାଇଛି। କର୍ଣ୍ଣଦେବ ସମାଦାରଙ୍କୁ କୁଚିଣ୍ଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଭାବେ ଅବସ୍ଥାପିତ କରାଯାଇଛି। ଅନ୍ୟପଟେ ଅକ୍ଟୋବର ୩୦ ତାରିଖରେ ଜାରି ହୋଇଥିବା କେତେକ ବଦଳି ନିର୍ଦ୍ଦେଶକୁ ସରକାର ବାତିଲ କରିଛନ୍ତି।

୧୪ରେ ମିଳିବ ପ୍ରଧାନମନ୍ତ୍ରୀ ଆବାସ ଘର

ଭୁବନେଶ୍ୱର,୧୨।୧୧: ଆସନ୍ତା ୧୪ ତାରିଖରେ ରାଜ୍ୟରେ ଅତିରିକ୍ତ ୨ ଲକ୍ଷ ୯୧ ହଜାର ୬୬୬ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଆବଣ୍ଟନ କରାଯିବ। ଏନେଇ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରେ ଏହି ଆବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ ହିତାଧିକାରୀଙ୍କୁ ଘର ଆବଣ୍ଟନ କରିବେ। ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ। କେବଳ ବଲାଙ୍ଗିର ନୁହେଁ, ରାଜ୍ୟର ପ୍ରତ୍ୟେକ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ଏକକାଳୀନ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହାଦ୍ୱାରା ଗରିବ ପରିବାରଙ୍କ ମୁଣ୍ଡ ଉପରେ ପକ୍କା ଛାତର ସ୍ୱପ୍ନ ସାକାର ହେବାକୁ ଯାଉଛି। ମନ୍ତ୍ରୀଙ୍କ ସୂଚନା ମୁତାବକ, ପୂର୍ବରୁ ରାଜ୍ୟରେ ଆବାସ ଯୋଜନାରେ ୪ ଲକ୍ଷ ଏବଂ ଅନ୍ତ୍ୟୋଦୟ ଯୋଜନାରେ ୫ ଲକ୍ଷ ଘର ମିଳିଛି। ଏବେ ଅତିରିକ୍ତ ୨ ଲକ୍ଷ ୯୧ ହଜାର ୬୬୬ ଘର ଆବଣ୍ଟନ ହେବା ଫଳରେ ଆବାସ ଯୋଜନାରେ ଆଉ ଏକ ବଡ଼ ସଫଳତା ଯୋଡ଼ି ହେବାକୁ ଯାଉଛି।

ଘରେ ସୁନା ରଖିବା ନେଇ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ନୂଆଦିଲ୍ଲୀ,୧୨।୧୧: ଘରେ ସୁନା ରଖିବାକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ଏବେ ଯାଏଁ ଧାରଣା ଥିଲା ଯେ, ଆୟକର ନିୟମ ଅନୁଯାୟୀ ବିବାହିତା ମହିଳାଙ୍କ ପାଖରେ ୫୦୦ ଗ୍ରାମ, ଅବିବାହିତାଙ୍କ ପାଖରେ ୨୫୦ ଗ୍ରାମ ଏବଂ ପୁରୁଷଙ୍କ ପାଖରେ ୧୦୦ ଗ୍ରାମ ପର୍ଯ୍ୟନ୍ତ ସୁନା ଥିଲେ ଅସୁବିଧା ନାହିଁ । କିନ୍ତୁ ଏହି ଧାରଣାକୁ ଭୁଲ୍ ବୋଲି କହିଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ । ବିହାରର ଫୁଲପରୀ କୁମାରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ମାମଲାର ଶୁଣାଣି କରି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ୫୦୦ ଗ୍ରାମ୍ ପର୍ଯ୍ୟନ୍ତ ସୁନା ଜବତ ନ ହେବାର ନିୟମ କେବଳ ଚଢ଼ାଉ ବେଳେ ଏକ ସୁରକ୍ଷା କବଚ। କିନ୍ତୁ ଯଦି କୌଣସି ଦୁର୍ନୀତି ବା ଆୟ ବହିର୍ଭୂତ ସମ୍ପତ୍ତି ମାମଲା ରୁଜୁ ହୁଏ, କେବଳ ସରକାରୀ ସର୍କୁଲାର ଦେଖାଇ ଖସିଯାଇହେବ ନାହିଁ । ସୁନା କେଉଁଠୁ ଆସିଲା, ତାର ପାଇ ପାଇ ହିସାବ ଦେବାକୁ



ପଡ଼ିବ । ପୂର୍ବରୁ ପାଟନା ହାଇକୋର୍ଟ ୫୦୦ ଗ୍ରାମ ସୀମା ଭିତରେ ସୁନା ଥିବା ଦର୍ଶାଇ ଫୁଲପରୀ କୁମାରୀଙ୍କ ବିରୋଧରେ ଥିବା ମାମଲାକୁ ଖାରଜ କରିଦେଇଥିଲେ। ହେଲେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ସେହି ନିଷ୍ପତ୍ତିକୁ ରଦ୍ଦ କରିଛନ୍ତି । ବିଶେଷଜ୍ଞଙ୍କ କହିବା କଥା ହେଲା, ଜବତ ନହେବା ଏବଂ ମାଲିକାନା ସ୍ୱତ୍ତ୍ୱ ପ୍ରମାଣ କରିବା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ କଥା । ଯଦି ଆପଣଙ୍କ ପାଖରେ ବୈଧ କାଗଜପତ୍ର ଥାଏ, ତେବେ ଆପଣ ୫୦୦ ଗ୍ରାମ୍ କାହିଁକି, ତା'ଠାରୁ ଅଧିକ ସୁନା ମଧ୍ୟ ରଖିପାରିବେ । କିନ୍ତୁ ବିନା ହିସାବରେ ଥିବା ସୁନା ୫୦୦ ଗ୍ରାମରୁ କମ୍ ହୋଇଥିଲେ ବି ଅଡୁଆ ବଢ଼ାଇପାରେ ।

ତିନିଦିନିଆ ଶିଶୁ ମହୋତ୍ସବ ଉଦ୍‌ଘାଟିତ

ଡିଗ୍ରୀ ନୁହେଁ ବରଂ ଦକ୍ଷତା ହିଁ ରୋଜଗାରର ଗ୍ୟାରେଣ୍ଟି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧୧ : ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଏକ ସାଧାରଣ ଶିଶୁ ମହୋତ୍ସବ ନୁହେଁ, ବରଂ ଏହା ହେଉଛି ପିଲାମାନଙ୍କ ସ୍ୱପ୍ନ, ସୃଜନଶୀଳତା, ପ୍ରତିଭା ଓ ଅସୀମ ସମ୍ଭାବନାର ଏକ ମହାମିଳନ। ଭୁବନେଶ୍ୱରସ୍ଥିତ ୟୁନିଟ୍-୩ କ୍ୟାପିଟାଲ୍ ହାଇସ୍କୁଲ ପଡ଼ିଆଠାରେ ସୁରଭି ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଠାକୁ କେବଳ ଜଣେ ମୁଖ୍ୟମନ୍ତ୍ରୀ ଭାବେ ନୁହେଁ, ବରଂ ଜଣେ ଶିକ୍ଷକ ଭାବେ ଆସିଛନ୍ତି, କାରଣ ଯେତେବେଳେ ବି ସେ କୌଣସି ବିଦ୍ୟାଳୟ କିମ୍ବା ଛାତ୍ରଭିତ୍ତିକ କାର୍ଯ୍ୟକ୍ରମକୁ ଯାଆନ୍ତି, ତାଙ୍କ ଭିତରେ ଥିବା ଶିକ୍ଷକଟି ଆପେ ଆପେ ବାହାରକୁ ଆସିଥାଏ। ମଣିଷ ଜୀବନର ବିଭିନ୍ନ ପର୍ଯ୍ୟାୟ ମଧ୍ୟରୁ ଶୈଶବ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ, କାରଣ ଏହି ସମୟରେ ଶିଶୁ ଏକ କଞ୍ଚା ମାଟି ପିଣ୍ଡୁଳା ପରି ରହିଥାଏ। କୁମ୍ଭାର ଯେପରି କଞ୍ଚା ମାଟିକୁ ନିଜ ମନ ମୁତାବକ ସୁନ୍ଦର ଆକାର ଦେଇଥାଏ,




ସେହିପରି ଶିକ୍ଷା, ଦୀକ୍ଷା, ପ୍ରଶିକ୍ଷଣ ଓ ସଂସ୍କାର ମାଧ୍ୟମରେ ନିଷ୍ପାପ ଶିଶୁମାନଙ୍କୁ ଜଣେ ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ଗଢ଼ିତୋଳିବା ପିତାମାତା ଓ ଶିକ୍ଷକମାନଙ୍କର ପବିତ୍ର କର୍ତ୍ତବ୍ୟ। ଡିଗ୍ରୀ ନୁହେଁ ବରଂ ଦକ୍ଷତା ହିଁ ରୋଜଗାରର ଗ୍ୟାରେଣ୍ଟି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଚଳିତ ବର୍ଷ 'ସୁରଭି-୨୦୨୬'ର ମୁଖ୍ୟ ବିଷୟବସ୍ତୁ ରହିଛି 'ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା'। ଭାଷା ହେଉଛି ଏକ ଜାତିର ପରିଚୟ, ସଂସ୍କୃତି ଓ ଐତିହ୍ୟର ବାହକ। ଏହି ବିଷୟବସ୍ତୁ ମାଧ୍ୟମରେ କୋମଳମତି ପିଲାମାନଙ୍କ ମଧ୍ୟରେ ମାତୃଭାଷା ଓଡ଼ିଆ ପ୍ରତି ଆଗ୍ରହ, ଭାଷାଗତ ଗର୍ବ, ସାହିତ୍ୟିକ ରୁଚି ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ସହିତ ଓଡ଼ିଶାର ଭାଷାଗତ ଓ ସାଂସ୍କୃତିକ ବିବିଧତା ପ୍ରତି ସମ୍ମାନ ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ମୂଳ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ରାଜ୍ୟର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କୃତୀ ଶିକ୍ଷକ, ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ ସମେତ ନବରଙ୍ଗପୁର, କଟକ, କଳାହାଣ୍ଡି ଜିଲ୍ଲାକୁ ସମ୍ମାନଜନକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ମାତୃଭାଷା ଓଡ଼ିଆର ପ୍ରଚାର ଓ ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି ବିତରଣ କରିଛନ୍ତି। ଏଥିସହିତ ପ୍ରାଥମିକ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିବା ନିମନ୍ତେ 'ନିପୁଣ ଆପ୍'ର ଲୋକାର୍ପଣ ଏବଂ ଗ୍ରାମାଞ୍ଚଳର ପିଲାମାନଙ୍କୁ ଅତ୍ୟାଧୁନିକ ବିଜ୍ଞାନ ସହ ଯୋଡ଼ିବା ପାଇଁ ରାଜ୍ୟର ୮୦୭ଟି ବିଦ୍ୟାଳୟରେ ରୋବୋଟିକ୍ସ ଲ୍ୟାବ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏଥିପାଇଁ ୧୬୪.୩୩ କୋଟି ଟଙ୍କା ବିନିଯୋଗ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ 'ସୁରଭି' କାର୍ଯ୍ୟକ୍ରମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ପିଲାମାନଙ୍କୁ କେବଳ ପାଠ୍ୟପୁସ୍ତକରେ ସୀମିତ ନ ରଖି ସେମାନଙ୍କର ସାହିତ୍ୟ, ସଂସ୍କୃତି, କଳା, ସଙ୍ଗୀତ, ନୃତ୍ୟ, ତର୍କ, କୁଇଜ୍ ଓ ସୃଜନଶୀଳ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିଥାଏ।

ବଙ୍ଗୋପସାଗରରେ ବଳ ଗୋଟାଉଛି ଘୂର୍ଣ୍ଣିବଳୟ

୧୬ରେ ଗଭୀର ଅବପାତ !

ଭୁବନେଶ୍ୱର,୧୨।୧୧: ବଢ଼ିଲା ବାତ୍ୟା ଭୟ । ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ଏହାର ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଅଞ୍ଚଳରେ 'ଘୂର୍ଣ୍ଣିବଳୟ' ସକ୍ରିୟ ରହିଛି। ଏହା ଅଧିକ ଘନୀଭୂତ ହୋଇ ଆସନ୍ତାକାଲି ଦକ୍ଷିଣ ପୂର୍ବ ବଙ୍ଗୋପସାଗର ନିକଟବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ସହିତ ୧୪ ରେ 'ସୁଦୃଶ୍ୟ ଲଘୁଚାପ କ୍ଷେତ୍ର', ୧୫ରେ 'ଅବପାତ' ଏବଂ ୧୬ରେ



'ଗଭୀର ଅବପାତ' ରେ ପରିଣତ ହେବାର ସମ୍ଭାବନା ରହିଛି । ତେବେ ନଭେମ୍ବର ୧୬ ଯାଏ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହିତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଅନ୍ୟପକ୍ଷରେ, ଏହି ସମ୍ଭାବ୍ୟ ପାଣିପାଗ ପରିବର୍ତ୍ତନର ଓଡ଼ିଶା ଉପରେ ବିଶେଷ ପ୍ରଭାବ ପଡ଼ିବାର ଆଶଙ୍କା କମ୍ ରହିଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମୁଖ୍ୟତଃ ଶୁଖିଲା ରହିବ ।

କୁମାରୀନଦୀ ନର୍ମଦା








ଭାକାସୁର ବଧ ପରେ ପାଣ୍ଡବମାନେ ଏକଚକ୍ରା ନଗରୀ ପରିତ୍ୟାଗ କରି ପାଞ୍ଚାଳ ନଗରୀ ଅଭିମୁଖେ ଯାତ୍ରା ଆରମ୍ଭ କଲେ। ଏହି ଯାତ୍ରା ପାଣ୍ଡବମାନଙ୍କର ଗୁପ୍ତଯାତ୍ରା ଥିବାରୁ ସେମାନେ ପ୍ରାୟ ରାତିର ଅନ୍ଧକାରରେ ଯାତ୍ରା କରୁଥିଲେ। ଏହି ସମୟରେ ସେମାନେ ଗଙ୍ଗାକୂଳରେ ଯାଉଥିବାବେଳେ ଏକ ଅଘଟଣ ଘଟିଲା। ସେହି ସମୟରେ ଅଙ୍ଗାରପର୍ଣ୍ଣ ନାମରେ ଜଣେ ଗନ୍ଧର୍ବ ତା'ର ପତ୍ନୀମାନଙ୍କ ସହିତ ଜଳକ୍ରୀଡ଼ା କରୁଥିଲା। ଏହି ଗନ୍ଧର୍ବ ଅତ୍ୟନ୍ତ ଗର୍ବୀ ଓ ଈର୍ଷାଳୁ ଥିଲା। ତା'ର ସୁନ୍ଦରଭାବେ ଚିତ୍ରିତ ଏକ ଅପୂର୍ବ ରଥ ଥିଲା; ତେଣୁ ତା'ର ଅନ୍ୟ ନାମ ଥିଲା ଚିତ୍ରରଥ। ଗଙ୍ଗାତଟର ସେହି ବନଭୂମି ତା'ର ଅଧୀନରେ ଥିଲା। ସେଠାରେ ମନୁଷ୍ୟମାନଙ୍କର ପଦଧ୍ୱନି ଶୁଣି ସେ କ୍ରୋଧରେ ଅନ୍ଧ ହୋଇ ତା'ର ଧନୁ ଟଙ୍କାରର ଭୀଷଣ ଘୋଷ କରି କହିଲା- ହେ ମନୁଷ୍ୟମାନେ, ଏଠାରୁ ଦୂର ହୁଅ। ଗନ୍ଧର୍ବରାଜ ଅଙ୍ଗାରପର୍ଣ୍ଣ ଏଠାରେ ଏବେ ଜଳକ୍ରୀଡ଼ା କରୁଛନ୍ତି। ଏ ବନଭୂମି ମୋର ଅଧୀନ। ତୁମର କିପରି ସାହସ ହେଲା ଏଠାକୁ ଆସିବାକୁ? ନିୟମ ଅନୁସାରେ ମନୁଷ୍ୟମାନଙ୍କର ବିଚରଣର ସମୟ ଦିବାକାଳ। ଯକ୍ଷ, ଗନ୍ଧର୍ବ, ରାକ୍ଷସ ଆଦିଙ୍କର ବିହାର ଓ ବିଚରଣ ସମୟ ରାତ୍ରିକାଳ। ମୋର ବଳବୀର୍ଯ୍ୟ ଓ ସାହସ ସଂପର୍କରେ ବୋଧହୁଏ ତୁମେମାନେ ଅଜ୍ଞ। ସେହି ଗନ୍ଧର୍ବର ଏପରି ଆହ୍ୱାଳନ ଶୁଣି ଅର୍ଜୁନ ଆଉ ସ୍ଥିର ହୋଇ ରହିପାରିଲେ ନାହିଁ। ସେ କହିଲେ- ଆକାଶଗଙ୍ଗା ପୁଣ୍ୟ ପ୍ରଦାନ ନିମିତ୍ତ ମର୍ତ୍ତ୍ୟଲୋକରେ ପ୍ରବାହିତ। ତେଣୁ ତାଙ୍କର ତଟଦେଶ ସମସ୍ତଙ୍କ ନିମିତ୍ତ ଉନ୍ମୁକ୍ତ। ଗଙ୍ଗାତଟକୁ ଆସିବା ପାଇଁ ଆମକୁ ବାଧା ଦେବାକୁ ତୁମେ କିଏ? ଏହିପରି ବାକ୍ୟ ବିନିମୟ ମଧ୍ୟରେ ଅଙ୍ଗାରପର୍ଣ୍ଣ ଅଧିକ କ୍ରୋଧିତ ହୋଇ ଅର୍ଜୁନଙ୍କୁ ଲକ୍ଷ୍ୟ କରି ବାଣ ନିକ୍ଷେପ କଲା। ଅର୍ଜୁନ ଗୋଟିଏ ବାଣରେ ଅଙ୍ଗାରପର୍ଣ୍ଣର ରଥ ଓ ଅସ୍ତ୍ର ସହିତ ସେହି ଗନ୍ଧର୍ବକୁ ମଧ୍ୟ ଭୂତଳଶାୟୀ କରିଦେଲେ। ତା'ପରେ ସେହି ଗନ୍ଧର୍ବକୁ ଧରି ସେ ଯୁଧିଷ୍ଠିରଙ୍କ ପାଖକୁ ଆଣିଲେ। ଗନ୍ଧର୍ବ ଅଙ୍ଗାରପର୍ଣ୍ଣର କୁମ୍ଭୀନାଶୀ ନାମରେ ଏକ ଗୁଣବତୀ ପତ୍ନୀ ଥିଲା। ସେ ଆସି ଯୁଧିଷ୍ଠିରଙ୍କ ପାଦତଳେ ପଡ଼ି ସ୍ୱାମୀର ଆଚରଣ ପାଇଁ କ୍ଷମାପ୍ରାର୍ଥନା କଲା। ଧର୍ମରାଜ ଯୁଧିଷ୍ଠିର ଗନ୍ଧର୍ବକୁ କ୍ଷମା କରିଦେଲେ। ତାହାର ସମସ୍ତ ଅହଂକାର ଚୂର୍ଣ୍ଣ ହେଲା ଏବଂ ସେ ପାଣ୍ଡବ ପାଞ୍ଚଭାଇଙ୍କ ପରିଚୟ ଜାଣି ଆନନ୍ଦରେ ସେମାନଙ୍କ ସହିତ ବନ୍ଧୁତା ଆଚରଣ କଲା। ସେ ?ପ୍ରତ୍ୟେକ ଭାଇଙ୍କୁ ଏକ ଏକ ସୁନ୍ଦର ରଥ ତଥା ମନପବନ ସଦୃଶ ଗତି କରିପାରୁଥିବା ଅଶ୍ୱମାନ ଉପହାର ସ୍ୱରୂପ ପ୍ରଦାନ କଲା। ପରିଶେଷରେ ସେ ଅର୍ଜୁନଙ୍କୁ ଚାକ୍ଷୁଷୀ ବିଦ୍ୟା ଶିକ୍ଷା ଦେଲା- ଯାହା ଯୁଦ୍ଧକାଳରେ ଅର୍ଜୁନଙ୍କୁ ବିଶେଷ ସାହାଯ୍ୟ କରିପାରିବ। ଅଙ୍ଗାରପର୍ଣ୍ଣ ଭୂତ ଓ ଭବିଷ୍ୟତର ଜ୍ଞାତା ହେତୁ ପାଣ୍ଡବମାନଙ୍କୁ ତାଙ୍କ ବଂଶର ଆଦିପୁରୁଷ କୁରୁଙ୍କର ଜନ୍ମଠାରୁ ସାଂପ୍ରତିକ କାଳ ପର୍ଯ୍ୟନ୍ତ ଯଶକୀର୍ତ୍ତି ଆଦି ସଂପର୍କରେ କଥାମାନ ଶୁଣାଇଲା। ଏବଂ କହିଲା- ପାଣ୍ଡବମାନେ ଯେହେତୁ ରାଜପୁତ୍ର ଏବଂ ପରବର୍ତ୍ତୀ କାଳରେ ନିଶ୍ଚିତ ଭାବରେ ରାଜ୍ୟ ଶାସନ କରିବେ, ତେଣୁ ଜଣେ କୁଳଗୁରୁଙ୍କର ସନ୍ଧାନ କରି ତାଙ୍କର ନିର୍ଦ୍ଦେଶରେ ହିଁ କାର୍ଯ୍ୟ କରନ୍ତୁ। ଏହି ଅଙ୍ଗାରପର୍ଣ୍ଣ ବା ଚିତ୍ରରଥ ମହାଭାରତର ଅନେକ ସ୍ଥାନରେ ଅନେକ ଭାବରେ ଦେଖାଯାଇଛନ୍ତି। ଏବଂ ସଦାସର୍ବଦା ସେ ପାଣ୍ଡବମାନଙ୍କ ସହିତ ସ୍ଥାପନ କରିଥିବା ମିତ୍ରତାର ମାନ ରକ୍ଷା କରିଛନ୍ତି।

ଅନ୍ତରଙ୍ଗ ଅନୁଗାମୀ



ହରିଦ୍ୱାର ଯାତ୍ରା ନିମନ୍ତେ ମନସ୍ଥ କରି ହାତରସ ରେଳ ଷ୍ଟେସନର ଏକ ସ୍ଥାନରେ ବସିଥାନ୍ତି ସ୍ୱାମୀ ବିବେକାନନ୍ଦ। କ୍ଷୁଧାତୁର ଥିଲେ, ତେଣୁ ମାନସିକ ସ୍ଥିତି ଠିକ୍ ନଥିଲା। ସେହି ଛୋଟ ଷ୍ଟେସନଟିରେ ଷ୍ଟେସନମାଷ୍ଟର ଭାବରେ କାର୍ଯ୍ୟରତ ଥିଲେ ଶରତଚନ୍ଦ୍ର ଗୁପ୍ତ। ଚୁମ୍ବକ ଲୁହାକୁ ଆକର୍ଷିତ କଲାପରି ଏକ ଅଜଣା ଆକର୍ଷଣରେ ଆକର୍ଷିତ ହୋଇ ଶରତଚନ୍ଦ୍ର ଚାଲିଯାଇଥିଲେ ବିବେକାନନ୍ଦଙ୍କ ନିକଟକୁ। ବୋଧହୁଏ ବିବେକାନନ୍ଦଙ୍କ ମୁଖମଣ୍ଡଳର ଅନନ୍ୟ ଦୀପ୍ତି, ତେଜସ୍ୱୀ ଚେହେରା ତାଙ୍କୁ ଆକୃଷ୍ଟ କରିଥିଲା। ଗୁଣ ଚିହ୍ନେ ଗୁଣିଆ ଭଳି ସ୍ୱାମୀଜୀଙ୍କ ନିକଟରେ ପହଞ୍ଚିବା ପରେ ଜାଣିପାରିଥିଲେ ସେ କ୍ଷୁଧିତ ଅଛନ୍ତି ବୋଲି। ନିଜ ସରକାରୀ ବାସଭବନକୁ ଆମନ୍ତ୍ରଣ କରିଥିଲେ ଭୋଜନ ତଥା ବିଶ୍ରାମ ନିମନ୍ତେ। ସାନ୍ନିଧ୍ୟ ଲାଭ ମାତ୍ରେ ଶରତଚନ୍ଦ୍ରଙ୍କଠାରେ ଅଦ୍ଭୁତ ପ୍ରତିକ୍ରିୟା ଦେଖା ଦେଇଥିଲା। ସ୍ୱାମୀଜୀଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ତାଙ୍କର ପଦାଙ୍କ ଅନୁସରଣ କରିବା ନିମନ୍ତେ ନିଜର ମନୋଭାବ ବ୍ୟକ୍ତ କରିଥିଲେ। ଗୈରିକବସନ ପରିଧାନ କରି, କାନ୍ଧରେ ଝୁଲା ପକାଇ ସନ୍ନ୍ୟାସୀର ଭୂମିକା ନିଭାଇବାକୁ ପ୍ରସ୍ତୁତ ହୋଇଯାଇଥିଲେ ଶରତଚନ୍ଦ୍ର। ସମଗ୍ର ବିଶ୍ୱକୁ ଆଧ୍ୟାତ୍ମିକତାର ଆଲୋକରେ ଆଲୋକିତ କରିବାକୁ ଯିଏ ସଂକଳ୍ପବଦ୍ଧ, ଭଙ୍ଗା ପଡ଼ିଯାଇଥିବା ଧର୍ମୀୟ ଚେତନାର ପୁନରୁତ୍ଥାନ ପାଇଁ ଯିଏ ଏକାନ୍ତ ଭାବରେ ନିଜକୁ ଉତ୍ସର୍ଗ କରିଦେଇଛନ୍ତି, ସେ ଖୋଜୁଥିଲେ ଏହି ଭଳି ଜଣେ ତ୍ୟାଗୀ ଶିଷ୍ୟ। ରାଷ୍ଟ୍ରର ପୁନରୁତ୍ଥାନ (ନୈତିକ, ଆଧ୍ୟାତ୍ମିକ) ଥିଲା ଜୀବନର ଏକମାତ୍ର ଲକ୍ଷ୍ୟ, ବ୍ରତ। ତେବେ ତତ୍କାଳୀନ ଭାରତବର୍ଷରେ ଏହା ଏତେ ସହଜ ନଥିଲା। ସାଗ୍ରହରେ ଶରତ ଚନ୍ଦ୍ର ଶିଷ୍ୟତ୍ୱ ସ୍ୱୀକାର କରିଥିଲେ। ପ୍ରଥମ ଶିଷ୍ୟ ହେବାର ଗୌରବ ଅର୍ଜନ କରିଥିଲେ ସେ। ଦୁହେଁ ତୀର୍ଥଯାତ୍ରା କାଳରେ ଅକଳ୍ପନୀୟ ଦୁଃଖକଷ୍ଟର ସମ୍ମୁଖୀନ ହୋଇଥିଲେ। ଶରତଚନ୍ଦ୍ର ଅନାହାର ଜନିତ ଦୁଃଖକଷ୍ଟ କାରଣରୁ ରୁଗ୍ଣ, ବ୍ୟାଧିଗ୍ରସ୍ତ ହୋଇ ପଡ଼ିଥିଲେ ହେଁ ଗୁରୁଙ୍କର ପଦାଙ୍କ ଅନୁସରଣରୁ ବିଚ୍ୟୁତ ହୋଇ ନଥିଲେ। ଭିକ୍ଷା ମାଗି ଜୀବନନିର୍ବାହ କରିବାକୁ ପଡୁଥିଲା। ମାନବରୂପୀ ମାଧବ ସେବା ନିମିତ୍ତ ଉତ୍ସର୍ଗୀକୃତ ବ୍ୟକ୍ତି ଥିଲେ ଶରତ ଚନ୍ଦ୍ର। ଚାକିରିର ମୋହ ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ କରିବା ଦିଗରେ ଥିଲା ଏକ ମହତ୍ ଲକ୍ଷ୍ୟ। ରାଷ୍ଟ୍ର ସେବା, ଜନସେବା, ଏହାକୁ ଶରତଚନ୍ଦ୍ର ଶିଷ୍ୟ ଭାବରେ ପରିପୂରଣରେ ସକ୍ଷମ ହୋଇଥିଲେ। ଜଣେ ଅନ୍ତରଙ୍ଗ ଅନୁଗାମୀ ଭାବରେ ସେ ଯେ ନିଜ ଭୂମିକା ନିଭାଇବାରେ ସକ୍ଷମ ହୋଇଥିଲେ, ଏହା ସମ୍ଭବ ହୋଇଥିଲା ସ୍ୱାମୀଜୀଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରେ।

ରୁଦ୍ରାକ୍ଷର ଆଧ୍ୟାତ୍ମିକ ଗୁଣ



ହିନ୍ଦୁ ଧର୍ମରେ ବହୁ ପ୍ରାଚୀନ କାଳରୁ, ପୂଜା-ପାଠ, ଯଜ୍ଞ, ହୋମ ପରି ଶୁଭ କାର୍ଯ୍ୟରେ ରୁଦ୍ରାକ୍ଷର ପ୍ରୟୋଗ କରାଯାଏ। ରୁଦ୍ରାକ୍ଷ ବିନା କୌଣସି ଧାର୍ମିକ ଅନୁଷ୍ଠାନ ପୂର୍ଣ୍ଣ ହୁଏ ନାହିଁ। ଏବେ ବୈଜ୍ଞାନିକଙ୍କ ଅନୁସନ୍ଧାନ ମାଧ୍ୟମରେ ସାରା ବିଶ୍ୱରେ ରୁଦ୍ରାକ୍ଷର ଗୁଣବତ୍ତା ପ୍ରମାଣିତ ହୋଇଗଲାଣି। ଏହାର ଔଷଧୀୟ ଗୁଣ ଏବଂ ଆଧ୍ୟାତ୍ମିକ ଗୁଣ ରହିଛି। ଏହାକୁ ଧାରଣ କଲେ ଶରୀର ସୁସ୍ଥ ଏବଂ ମନ ଶାନ୍ତ ରହେ। **ରୁଦ୍ରାକ୍ଷର ଉତ୍ପତ୍ତି:** ରୁଦ୍ରାକ୍ଷ ଅର୍ଥ ରୁଦ୍ରଙ୍କ ନେତ୍ର। ଏହାର ଉତ୍ପତ୍ତି ତଥା ନାମକରଣ ପଛରେ ଏକ କଥା ପ୍ରଚଳିତ। ତ୍ରିପୁରାସୁର ନାମକ ରାକ୍ଷସକୁ ବଧ କରିବା ସମୟରେ ରୁଦ୍ରାବତାର ଧାରଣ କରିଥିବା ଶିବଙ୍କ ଆଖିରୁ ପାଣି ବାହାରି ପୃଥିବୀ ଉପରେ ପଡ଼ିଗଲା। ଯାହାକୁ ରୁଦ୍ରାକ୍ଷ ନାମ ଦିଆଗଲା। ଆହୁରି କୁହାଯାଏ ଯେ, ଯେତେବେଳେ ହିମାଳୟଙ୍କ କନ୍ୟା ସତୀ ନିଜକୁ ଯଜ୍ଞ କୁଣ୍ଡରେ ସମାହିତ କରିଦେଲେ ସେତେବେଳେ ଭଗବାନ ଶିବ ରୌଦ୍ର ରୂପ ଧାରଣ କରି ସତୀଙ୍କ ପୋଡ଼ା ଶରୀରକୁ ନିଜ କାନ୍ଧରେ ଧରି ବ୍ରହ୍ମାଣ୍ଡର ବିନାଶ କରିବାକୁ ତାଣ୍ଡବ ନୃତ୍ୟ କଲେ। ଶିବଙ୍କୁ ଏଥିରୁ ନିବୃତ୍ତ କରିବାକୁ ବିଷ୍ଣୁ ଠାକୁର ସୁଦର୍ଶନ ଚକ୍ର ପଠାଇଲେ, ଯାହାଦ୍ୱାରା ସତୀଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଗଲା। ଯେଉଁ ସ୍ଥାନମାନଙ୍କରେ ଏହା ପଡ଼ିଲା ସେଠାରେ ଶକ୍ତିପୀଠର ସ୍ଥାପନା ହେଲା। ଶେଷରେ ଶିବଙ୍କ କାନ୍ଧରେ କେବଳ ସତୀଙ୍କ ଭସ୍ମ ରହିଥିଲା। ଯାହାକୁ ଦେଖି ଶିବ କାନ୍ଦି ପକାଇଥିଲେ। ତାଙ୍କ ଆଖିର ଲୁହ ପୃଥିବୀରେ ପଡ଼ି ଗଛ ରୂପେ ଜନ୍ମ ନେଲା। ତେଣୁ ତାହାର ନାମ ରୁଦ୍ରାକ୍ଷ ରଖାଗଲା। ଏହିପରି ଭାବେ ରୁଦ୍ରଙ୍କ ଅଶ୍ରୁରୁ ବା ଲୁହରୁ ରୁଦ୍ରାକ୍ଷର ସୃଷ୍ଟି। **ରୁଦ୍ରାକ୍ଷର ଆଧ୍ୟାତ୍ମିକ ଗୁଣ:** ରୁଦ୍ରାକ୍ଷ ଏକରୁ ଆରମ୍ଭ କରି ୩୫ ମୁଖବାଲା ରହିଛି। ବିଭିନ୍ନ କାର୍ଯ୍ୟସିଦ୍ଧି ପାଇଁ ଭିନ୍ନ ଭିନ୍ନ ରୁଦ୍ରାକ୍ଷର ଉପଯୋଗ କରାଯାଏ। ପୁରୁଣା ରୁଦ୍ରାକ୍ଷ ଅଧିକ ପ୍ରଭାବଶାଳୀ ଅଟେ। ମାନସିକ ଶାନ୍ତି, ଧୈର୍ଯ୍ୟ, ସାମାଜିକ ପ୍ରତିଷ୍ଠା, ସଫଳତା, ପୁତ୍ର ପ୍ରାପ୍ତି, ଲକ୍ଷ୍ମୀ ପ୍ରାପ୍ତି, ଜ୍ଞାନ ପ୍ରାପ୍ତି ଆଦି ପାଇଁ ମଧ୍ୟ ରୁଦ୍ରାକ୍ଷ ଧାରଣର ମହତ୍ତ୍ୱ ରହିଛି। ତେବେ ରୁଦ୍ରାକ୍ଷକୁ ଶୁଦ୍ଧ କରାଇ ସ୍ୱତନ୍ତ୍ର ଭାବେ ସିଦ୍ଧି କରାଯିବା ପରେ ଧାରଣ କରିବା ପ୍ରଭାବଶାଳୀ ହୋଇଥାଏ। ରୁଦ୍ରାକ୍ଷକୁ ମନ୍ତ୍ର ଜପ ପୂର୍ବକ ଧାରଣ କରିବା ଉଚିତ। ଭିନ୍ନ ଭିନ୍ନ ରୁଦ୍ରାକ୍ଷ ପାଇଁ ଅଲଗା ଅଲଗା ମନ୍ତ୍ର ଉଚ୍ଚାରଣ କରିବା ଜରୁରୀ। ତେଣୁ ଯୋଗ୍ୟ ବ୍ରାହ୍ମଣଙ୍କ ଉପଦେଶରେ ରୁଦ୍ରାକ୍ଷ ଧାରଣ କରିବା ଲାଭ ଦେବ।



ହନୁମାନଙ୍କୁ ମାତା ସୀତା ଦେଇଥିଲେ ଅଷ୍ଟସିଦ୍ଧି ଓ ଅମରତ୍ୱର ବରଦାନ

ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ହନୁମାନଙ୍କୁ ହିନ୍ଦୁ ଧର୍ମରେ ଜଣେ ଜୀବନ୍ତ ଦେବତା ଭାବରେ ପୂଜା କରାଯାଏ। ସେ ଅଷ୍ଟସିଦ୍ଧି ଏବଂ ନବନିଧିର ଅଧିକାରୀ ଭାବେ ପରିଚିତ। କିନ୍ତୁ ଜାଣନ୍ତି କି, ବଜରଙ୍ଗବଳୀଙ୍କୁ ଏହି ବିଶେଷ ସିଦ୍ଧି ଏବଂ ଅମର ହେବାର ବରଦାନ କିଏ ଦେଇଥିଲେ? ପୌରାଣିକ କଥା ଏବଂ ରାମଚରିତମାନସର ସୁନ ରକାଣ୍ଡ ଅନୁଯାୟୀ, ମାତା ସୀତା ହିଁ ହନୁମାନଙ୍କୁ ଏହି ଅଲୌକିକ ଶକ୍ତି ପ୍ରଦାନ କରିଥିଲେ।

ମାତା ସୀତାଙ୍କଠାରୁ ଅଷ୍ଟସିଦ୍ଧି ପ୍ରାପ୍ତି:

ରାମାୟଣର କାହାଣୀ ଅନୁଯାୟୀ, ଯେତେବେଳେ ହନୁମାନ ଲଙ୍କାର ଅଶୋକ ବାଟିକାରେ ମାତା ସୀତାଙ୍କୁ ଭେଟିଥିଲେ ଏବଂ ତାଙ୍କୁ ପ୍ରଭୁ ଶ୍ରୀରାମଙ୍କର ବାର୍ତ୍ତା ଦେଇଥିଲେ, ସେତେବେଳେ ମାତା ସୀତା ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ। ନିଜ ସ୍ୱାମୀଙ୍କର କୁଶଳ ସମାଦ ପାଇ ତାଙ୍କର ସମସ୍ତ ଦୁଃଖ ଦୂର ହୋଇଯାଇଥିଲା। ଏହି ଅପାର ଆନନ୍ଦ ଓ ପ୍ରେମରେ ସେ ହନୁମାନଙ୍କୁ ଗୋଟିଏ ପରେ ଗୋଟିଏ କରି ଆଠଟି ଯାକ ସିଦ୍ଧି ବା ଅଷ୍ଟସିଦ୍ଧି ବରଦାନ ସ୍ୱରୂପ ପ୍ରଦାନ କରିଥିଲେ।

କାହିଁକି ସ୍ୱର୍ଗଲୋକ ଯାଇନଥିଲେ ବଜରଙ୍ଗବଳୀ ?

ଯେତେବେଳେ ଶ୍ରୀରାମଙ୍କର ଯୁଗ ଶେଷ ହେବାକୁ ବସିଲା, ସେ ସ୍ୱର୍ଗଲୋକ ଅଭିମୁଖେ ଯାତ୍ରା କରିଥିଲେ। ଅଯୋଧ୍ୟାବାସୀ, ବାନର ସେନା ଏବଂ ତାଙ୍କର ଅନେକ ମିତ୍ର ମଧ୍ୟ ତାଙ୍କ ସହ ସ୍ୱର୍ଗକୁ ଯାଇଥିଲେ। କିନ୍ତୁ ପ୍ରଭୁ ଶ୍ରୀରାମଙ୍କର ସବୁଠାରୁ ବଡ଼ ଭକ୍ତ ହୋଇ ମଧ୍ୟ ହନୁମାନ ପୃଥିବୀ ଛାଡ଼ି ଯାଇନଥିଲେ। ଏହାର କାରଣ ହେଉଛି, କଳିଯୁଗର ଅନ୍ତ ପର୍ଯ୍ୟନ୍ତ ପୃଥିବୀରେ ରହି ରାମଭକ୍ତମାନଙ୍କର ରକ୍ଷା କରିବା ପାଇଁ ଶ୍ରୀରାମ ନିଜେ ତାଙ୍କୁ ଆଦେଶ ଦେଇଥିଲେ। ଏହାଛଡ଼ା ମାତା ସୀତା ତାଙ୍କୁ ପୂର୍ବରୁ ହିଁ ଅମରତ୍ୱର ବରଦାନ ଦେଇ ସାରିଥିଲେ।

ରାମଚରିତମାନସ ଏବଂ ହନୁମାନ ଚାଳିଶାରେ ବର୍ଣ୍ଣନା

ଗୋସ୍ୱାମୀ ତୁଳସୀଦାସଙ୍କ ରଚିତ ରାମଚରିତମାନସର ସୁନ ରକାଣ୍ଡରେ ମାତା ସୀତାଙ୍କର ଏହି ବରଦାନ ବିଷୟରେ ଉଲ୍ଲେଖ କରାଯାଇଛି। ସୀତା ମାତା ହନୁମାନଙ୍କୁ ଆଶୀର୍ବାଦ ଦେଇ କହିଥିଲେ, 'ଅଜର ଅମର ଗୁଣ ନିଧି ସୁତ ହୋହୁ, କରହୁଁ ବହୁତ ରଘୁନାୟକ ଛୋହୁ' ଅର୍ଥାତ୍ ହେ ପୁତ୍ର ! ତୁମେ ବାର୍ଦ୍ଧକ୍ୟହୀନ, ଅମର ଏବଂ ଗୁଣର ଭଣ୍ଡାର ହୁଅ ଏବଂ ପ୍ରଭୁ ଶ୍ରୀରାମ ତୁମ ଉପରେ ସର୍ବଦା କୃପା କରନ୍ତୁ। ସେହିପରି ହନୁମାନ ଚାଳିଶାରେ ମଧ୍ୟ ଉଲ୍ଲେଖ ରହିଛି, 'ଅଷ୍ଟ ସିଦ୍ଧି ନବ ନିଧି କେ ଦାତା, ଅସ ବର ଦୀନ ଜାନକୀ ମାତା'। ଏହି ଅଷ୍ଟସିଦ୍ଧିର ବର୍ଣ୍ଣନା ମାର୍କଣ୍ଡେୟ ପୁରାଣରେ ମଧ୍ୟ ଦେଖିବାକୁ ମିଳେ, ଯାହା ବ୍ୟକ୍ତିକୁ ୮ଟି ଅଲୌକିକ ଶକ୍ତି ପ୍ରଦାନ କରିଥାଏ। ଏହି ଶକ୍ତି ବଳରେ ବଜରଙ୍ଗବଳୀ ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରନ୍ତି।



ମହାଦେବଙ୍କୁ ଲିଙ୍ଗ ରୂପରେ କାହିଁକି ପୂଜା କରାଯାଏ

ହିନ୍ଦୁ ଧର୍ମରେ ତିନି ଜଣ ମୁଖ୍ୟ ଦେବତା ଅଛନ୍ତି: ବ୍ରହ୍ମା, ବିଷ୍ଣୁ ଏବଂ ମହେଶ। ମହେଶ ହେଉଛି ଭଗବାନ ଶଙ୍କରଙ୍କ ନାମ। ମହାଦେବ ଅନନ୍ତ। ଶାସ୍ତ୍ରରେ, ସୋମବାର ତାଙ୍କ ପାଇଁ ଉତ୍ସର୍ଗୀକୃତ। ତାଙ୍କ ପାଇଁ ଅନେକ ବିଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ ଉପବାସ ଅଛି, ଯାହା ପାଳନ କରିବା ଦ୍ୱାରା ଭକ୍ତମାନଙ୍କୁ ବିଶେଷ ଲାଭ ମିଳିଥାଏ। ଭଗବାନ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଭକ୍ତମାନେ ପ୍ରତିଦିନ ଶିବଲିଙ୍ଗରେ ଜଳ ଅର୍ପଣ କରନ୍ତି। ବିଶ୍ୱାସ କରାଯାଏ ଯେ କେବଳ ଶିବଲିଙ୍ଗକୁ ଜଳ ଅର୍ପଣ କରିବା ଦ୍ୱାରା ଭଗବାନ ଶିବ ପ୍ରସନ୍ନ ହୁଅନ୍ତି ଏବଂ ତାଙ୍କର ଆଶୀର୍ବାଦ ପ୍ରଦାନ କରନ୍ତି। ମହାଶିବରାତ୍ରି, ଶ୍ରାବଣ ମାସ, ପ୍ରଦୋଷ ବ୍ରତ ଏବଂ ମାସିକ ଶିବରାତ୍ରି ଭଳି ଉପବାସରେ, ଶିବଲିଙ୍ଗକୁ ଜଳରେ ଅଭିଷେକ କରି ପୂଜା କରାଯାଏ। କିନ୍ତୁ ଜାଣନ୍ତି କି ? ମହାଦେବଙ୍କୁ ଲିଙ୍ଗ ରୂପରେ କାହିଁକି ପୂଜା କରାଯାଏ ? ଶିବଲିଙ୍ଗ ପୂଜା ପଛର ରହସ୍ୟ ଏଥର ଅନୁସନ୍ଧାନ କରିବା।

ବେଦ ଅନୁସାରେ...

ବେଦ ଅନୁସାରେ, ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡରେ ଏକମାତ୍ର ଦେବତା ଯାହାଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଭଗବାନ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ କାରଣ ସେ ସମଗ୍ର ବ୍ରହ୍ମାଣ୍ଡର ମୂଳ କାରଣ। ଭଗବାନ ଶିବଙ୍କୁ ଆରମ୍ଭ ଏବଂ ଶେଷର ଦେବତା ବୋଲି ବିବେଚନା କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କର କୌଣସି ଆକାର ନାହିଁ କିମ୍ବା ଆକାର ନାହିଁ। ମହାଦେବଙ୍କୁ ନିରାକାର ବୋଲି ବିବେଚନା କରାଯାଏ। ଭଗବାନ ଶିବଙ୍କ କୌଣସି ଆରମ୍ଭ କିମ୍ବା ଶେଷ ନଥିବାରୁ, ଲିଙ୍ଗକୁ ଭଗବାନ ଶିବଙ୍କ ନିରାକାର ରୂପ ଭାବରେ ବିବେଚନା କରାଯାଏ। ଭଗବାନଙ୍କ ସାକାର ରୂପ ହେଉଛନ୍ତି ଭଗବାନ ଶଙ୍କର, ଏବଂ ନିରାକାର ରୂପ ହେଉଛି ଶିବଲିଙ୍ଗ। ଶିବଲିଙ୍ଗ ନିରାକାର ବ୍ରହ୍ମକୁ ପ୍ରତୀକ କରେ। ବାୟୁ ପୁରାଣ ଅନୁସାରେ, ପ୍ରତ୍ୟେକ ଯୁଗର ମହାକାଳ ପରେ, ଜଗତ ଏହି ଶିବଲିଙ୍ଗରେ ଲୀନ ହୁଏ, ଯାହା ପରେ ଜଗତକୁ ପୁନଃନିର୍ମାଣ କରେ। ବେଦରେ, ଲିଙ୍ଗ ଶବ୍ଦ ସୂକ୍ଷ୍ମ ଶରୀର ପାଇଁ ବ୍ୟବହୃତ ହୋଇଛି। ଏହା ୧୭ଟି ଉପାଦାନରେ ଗଠିତ।

ଜିଲ୍ଲାସ୍ତରୀୟ ମଡେଲ ପାର୍ଲାମେଣ୍ଟର ପ୍ରଦର୍ଶନୀ

ବୁଗୁଡା,(ନିପ୍ର): ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁରସ୍ଥ ପିଏମଶ୍ରୀ ଅନସ୍ଲୋ ହାଇସ୍କୁଲରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ମଡେଲ ପାର୍ଲାମେଣ୍ଟ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ବୁଗୁଡା ପିପୁଲ୍ସ ହାଇସ୍କୁଲ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ହାସଲ ପୂର୍ବକ ପୁରସ୍କୃତ ହୋଇଥିବା ଜଣାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୭୧ଟି ପିଏମଶ୍ରୀ ହାଇସ୍କୁଲ ଅଂଶ ଗ୍ରହଣ କରିଥିବା ବେଳେ କଳାକୃତି, ପିଏମ୍ ପୋଷଣ, ସାହିତ୍ୟ ସୃଜନୀ, ଜିଜ୍ଞାସା, ବିକଶିତ ଭାରତ-୨୦୪୭, ରୋବୋଟିକ୍ସ, ଆମ ସଂସ୍କୃତି ଆମ ଖେଳନା, ଏଫ୍‌ଏଲ୍‌ଏନ୍,



ପିଲାଙ୍କ ଲେଖନୀରୁ, ସ୍କୋର୍ଟିଙ୍ଗ୍ ଏକ୍ସଲେନ୍ସି ଆଦି ବିଷୟରେ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଆୟୋଜିତ 'ଛାୟା ସଂସଦ' କାର୍ଯ୍ୟକ୍ରମରେ ପିପୁଲ୍ସ ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ର ପ୍ରିତମ ପ୍ରଧାନ ବିରୋଧୀ ଦଳର ନେତା ଏବଂ ରୁଦ୍ର ନାରାୟଣ ଦାସ ଶାସକ ଦଳର ପରିବେଶ ଓ ଜଳବାୟୁ ମନ୍ତ୍ରୀ ଭାବେ ଚମତ୍କାର ଅଭିନୟ କରି ପୁରସ୍କୃତ ହୋଇଥିବାରୁ ପ୍ରଧାନ ଶିକ୍ଷକ ଶଙ୍କର ଦାସଙ୍କ ସମେତ ସ୍କୁଲ କର୍ତ୍ତୃପକ୍ଷ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ବିଦ୍ୟାଳୟର ପ୍ରଦର୍ଶନୀ ଏବଂ ଛାତ୍ରଙ୍କ ଅଭିନୟ କ୍ଷେତ୍ରରେ ମାର୍ଗ ଦର୍ଶନ କରିବା ଦିଗରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଚିତ୍ରା ବିଷୋୟୀ, ଶିକ୍ଷକ କାଳୀ ଚରଣ ମହାରଣା ଓ କାର୍ଯ୍ୟାଳୟ ସହକାରୀ ସବିତା ବେହେରା ସହଯୋଗ କରିଥିଲେ।

ଆରକ୍ଷୀ ଅଧିକାରୀ ବାଣ୍ଟିଲେ ବହି ଓ ଲୁଗା ପଟା

ଆସିକା,(ନିପ୍ର): ଗଞ୍ଜାମ ଆରକ୍ଷୀ ଅଧିକାରୀ ମଙ୍ଗଳପୁର ରେ ବାଣ୍ଟିଛନ୍ତି ବହି ଖାତା ଓ ନବରନ୍ଧପୁରରେ ବାଣ୍ଟିଛନ୍ତି ଲୁଗା ପଟା। ବାତ୍ୟା ପରବର୍ତ୍ତୀ ବନ୍ୟାରେ ବନ୍ୟା ବିପନ୍ନଙ୍କ ଦୁଃଖରେ ସାମିଲ ହୋଇ ସହାୟତାର ହାତ ବଢ଼ାଇଛି ଗଞ୍ଜାମ ପୋଲିସ। ଗଞ୍ଜାମ ଏସ୍‌ପି ହରିଶ ବି.ସି. ଆସିକା ବ୍ଲକ ମଙ୍ଗଳପୁର ପଞ୍ଚାୟତର ବନ୍ୟାକ୍ଷତିଗ୍ରସ୍ତ ନବରନ୍ଧପୁର ଗ୍ରାମ ପରିଦର୍ଶନ କରି ବିପନ୍ନ ପରିବାରଙ୍କୁ କମ୍ବଳ ଓ ପୋଷାକ ବଣ୍ଟନ କରିଥିଲେ।

ଏହା ସହ ବନ୍ୟାରେ ପାଠ୍ୟ ସାମଗ୍ରୀ ହରାଇଥିବା ଛାତ୍ରଛାତ୍ରୀଙ୍କୁ ପୁସ୍ତକ, ଖାତା, କଲମ, କମ୍ପାସ୍ ଓ ଶିକ୍ଷା କିଟ୍ ପ୍ରଦାନ କରିଥିଲେ। ମଙ୍ଗଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନବରନ୍ଧପୁର ପ୍ରାଥମିକ ବିଦ୍ୟାଳୟରେ ଏହି ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏସ୍‌ପି ବିପନ୍ନ ପରିବାରଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ କ୍ଷୟକ୍ଷତି ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ।

କାର୍ଯ୍ୟକ୍ରମରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ,ଆସିକା ଅତିରିକ୍ତ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ଜେନା, କୋଟିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ, ଆସିକା ଏସ୍‌ଆଇ କୈଳାସ ସାହୁ, କୋଟିନଡ଼ା ଏସ୍‌ଆଇ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ବିଶ୍ୱ ନିମୋନିଆ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା,(ନିପ୍ର): ବିଶ୍ୱ ନିମୋନିଆ ଦିବସ ଅବସରରେ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ, ରାୟଗଡ଼ାର ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ଆଜି ଏକ ନିମୋନିଆ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ଥିଲା "ନିମୋନିଆ ନିୟନ୍ତ୍ରଣର ଏକ ନୂତନ ଯୁଗ"। ଏହି କାର୍ଯ୍ୟକ୍ରମଟି ପ୍ରଥମ ସେମିଷ୍ଟର ବି.ଏସ୍.ସି. ନର୍ସିଂ ଏବଂ ପ୍ରଥମ ବର୍ଷ ଜି.ଏନ୍.ଏମ୍. ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମାର୍ଗଦର୍ଶନରେ ଆୟୋଜନ କରାଯାଇଥିଲା। ନିମୋନିଆ ଏକ ପ୍ରତିରୋଧଯୋଗ୍ୟ ଏବଂ ଚିକିତ୍ସାଯୋଗ୍ୟ ରୋଗ ବୋଲି ସାଧାରଣ ଲୋକଙ୍କୁ ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ଚିତ୍ର ଓ ପୋଷ୍ଟର ମାଧ୍ୟମରେ ନିମୋନିଆର କାରଣ, ଲକ୍ଷଣ, ପ୍ରାଥମିକ ଯତ୍ନ ଏବଂ ପ୍ରତିରୋଧ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ କାଶ, ଜ୍ୱର, ଛାତିରେ ଯନ୍ତ୍ରଣା, ଦ୍ରୁତ ଶ୍ୱାସକ୍ରିୟା ଏବଂ ଶ୍ୱାସ ନେବାରେ କଷ୍ଟ ଭଳି ନିମୋନିଆର ପ୍ରମୁଖ ଲକ୍ଷଣ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

ନନ୍ଦିରା କୋଇଲାଖଣିରେ ପାଞ୍ଚଦିନିଆ କାଳୀପୂଜା ଉଦ୍‌ଯାପିତ

ତାଳଚେର(ନିପ୍ର): ତାଳଚେର ନନ୍ଦିରା କୋଇଲାଖଣି ପୂଜା କମିଟି ପକ୍ଷରୁ ଆୟୋଜିତ ପାଞ୍ଚଦିନିଆ ମା' କାଳୀଙ୍କ ପୂଜା ମହୋତ୍ସବ ଆଜି ଭକ୍ତିମୟ ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୧୨ ତାରିଖରେ ଶେଷ ହୋଇଥିଲା। ପାଞ୍ଚଦିନ ଧରି ନନ୍ଦିରା କୋଇଲାଖଣି ଅଞ୍ଚଳରେ ଆଧ୍ୟାତ୍ମିକ ଓ ଉତ୍ସବମୁଖର ପରିବେଶ ଲାଗି ରହିଥିଲା। ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ନନ୍ଦିରା ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂଜା ଅବସରରେ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାରୁ ଅଞ୍ଚଳରେ ଉତ୍ସାହ ଓ ଆନନ୍ଦର ମାହୋଲ ସୃଷ୍ଟି ହୋଇଥିଲା। ବୁଧବାର ଶେଷ ଦିନରେ ମା'ଙ୍କ ଭସାଣି ଉତ୍ସବ ଶ୍ରଦ୍ଧା ଓ ଭକ୍ତିର ସହ ଅନୁଷ୍ଠିତ ହୋଇଥିଲା।

ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର : ବ୍ୟୟ ହେବ ୨୭୪ କୋଟି

ବ୍ରହ୍ମପୁର,(ନିପ୍ର): ଗଞ୍ଜାମ ଜିଲ୍ଲାରେ ସମ୍ପ୍ରତି ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଅତ୍ୟଧିକ ଓ ଅପ୍ରତ୍ୟାଶିତ ବୃଷ୍ଟିପାତର ପରିଣାମ। ହଠାତ୍ ପ୍ରବଳ ବର୍ଷା ଯୋଗୁଁ ଜଳଭଣ୍ଡାରଗୁଡ଼ିକର ଜଳସ୍ତରରେ ଦ୍ରୁତ ବୃଦ୍ଧି ଘଟିବା ସହ ନଦୀଗୁଡ଼ିକରେ ଜଳପ୍ରବାହ ବୃଦ୍ଧି ପାଇଥିଲା। ଫଳସ୍ୱରୂପ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା କୌଣସି ମନୁଷ୍ୟକୃତ ପରିସ୍ଥିତି ନୁହେଁ; ବରଂ ଅତ୍ୟଧିକ ବୃଷ୍ଟିପାତର ପ୍ରତ୍ୟକ୍ଷ ପରିଣାମ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଆଜି ବ୍ରହ୍ମପୁରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲ୍ଲୀପ ରାଉତ କହିଥିଲେ ଯେ, ଜଳଭଣ୍ଡାରଗୁଡ଼ିକର ଜଳସ୍ତର ନିୟମିତ ଭାବେ ନିରୀକ୍ଷଣ କରାଯାଇଥିଲା ଏବଂ ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ସମୟରେ ଜଳ ନିଷ୍କାସନ କରାଯାଇଥିଲା। କୌଣସି ଜଳଭଣ୍ଡାରର ଦ୍ୱାର ଅନାବଶ୍ୟକ ଭାବେ ଖୋଲାଯାଇନଥିଲା। ତେଣୁ ଜଳଭଣ୍ଡାର ପରିଚାଳନା କିମ୍ବା ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ପ୍ରକାର ଅବହେଳା ବା ପରିଚାଳନାଗତ ତ୍ରୁଟି ହୋଇନଥିବା ସେ ସ୍ପଷ୍ଟ କରିଥିଲେ।

ବନ୍ୟାଜନିତ କ୍ଷୟକ୍ଷତିର ଆକଳନ ଓ ପୁନରୁଦ୍ଧାର କାର୍ଯ୍ୟ ଗଞ୍ଜାମ ଜିଲ୍ଲାରେ ବନ୍ୟା ଯୋଗୁଁ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବିଭିନ୍ନ ଜଳସେଚନ ଭିତ୍ତିଭୂମିର ପ୍ରାୟ ୩୩୪ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ଏଥିମଧ୍ୟରେ ୯୩୩ଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି। ଏହି ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ନିମନ୍ତେ ପ୍ରାୟ ୨୭୪ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି।

ସେହିପରି ୬୬ଟି କ୍ଷୁଦ୍ର ଜଳସେଚନ ପଏଣ୍ଟ ଏବଂ ୨୧୦୩ଟି ଉଠା ଜଳସେଚନ ପଏଣ୍ଟ କ୍ଷତିଗ୍ରସ୍ତ ହୋଇଛି। ଏସବୁର ପୁନରୁଦ୍ଧାର ପାଇଁ ଆବଶ୍ୟକୀୟ ଅନୁଦାନ ନିମନ୍ତେ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ ଆୟୁକ୍ତଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି। ତେବେ ଅନୁଦାନ ମଞ୍ଜୁରୀକୁ ଅପେକ୍ଷା ନକରି ଜଳସେଚନ ବ୍ୟବସ୍ଥାର ତ୍ୱରିତ ପୁନରୁଦ୍ଧାର ପାଇଁ ଆଗୁଆ ମରାମତି କାର୍ଯ୍ୟ ହାତକୁ ନିଆଯିବ।

ସର୍ବୋଚ୍ଚ ଯନ୍ତ୍ରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବୈଷୟିକ ଦଳ ଜାହ୍ନବିଲି, ସୁରମଣି, ତତାବାଲି, ପଦ୍ମ ବ୍ୟାରେଜ୍, ଜାହାଡ଼ା ଓ ଜୟମଙ୍ଗଳ ଆଦି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅନୁଧ୍ୟାନ ସମୟରେ ପାନୀୟଜଳ ଯୋଗାଣ ଓ ଜଳସେଚନ ବ୍ୟବସ୍ଥାର ପୁନଃସ୍ଥାପନକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି।

ଜାହ୍ନବିଲି ଜଳଭଣ୍ଡାରରୁ ବ୍ରହ୍ମପୁର ସହରକୁ ପାନୀୟଜଳ ଯୋଗାଣ କରାଯାଉଥିବାରୁ ଏହାର ସୁରକ୍ଷା ଓ ନିରବଚ୍ଛିନ୍ନ ଜଳଯୋଗାଣ ନିମନ୍ତେ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଛି। ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଅଂଶରେ ଅସ୍ଥାୟୀ ବନ୍ଧ ନିର୍ମାଣ କରାଯାଇ ପାନୀୟଜଳ ଯୋଗାଣ ସ୍ୱାଭାବିକ ରଖାଯାଇଛି। ଆସନ୍ତା ୧୦ରୁ ୧୨ ଦିନ ମଧ୍ୟରେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ଋଷିକୁଲ୍ୟା ଡାହାଣ ପାର୍ଶ୍ୱ କେନାଲର ସୁରମଣିଠାରେ ପ୍ରାୟ ୯୦୦ ମିଟର ଏବଂ ତତାବାଲିଠାରେ ପ୍ରାୟ ୮୦୦ ମିଟର ଅଂଶ ବନ୍ୟାରେ ଧୋଇଯାଇଛି। ଏହି କ୍ଷତିଗ୍ରସ୍ତ ଅଂଶଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି।

କୃଷି କାର୍ଯ୍ୟ ଯେପରି ବ୍ୟାହତ ନହୁଏ, ସେଥିପାଇଁ ବିଭାଗ ପକ୍ଷରୁ ଜଳସେଚନ ବ୍ୟବସ୍ଥାର ପୁନଃସ୍ଥାପନକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଇତିମଧ୍ୟରେ ଘୋଡ଼ାହାଡ଼, ବାଘଲଟି, କଳଙ୍ଗଡୋଳା, ଡହ, ବାଘୁଆ, ଧନେଇ ଓ ଜୟମଙ୍ଗଳ କେନାଲ ମାଧ୍ୟମରେ ଖରିଫ ଚାଷ ପାଇଁ ଜଳସେଚନ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଋଷିକୁଲ୍ୟା ଏବଂ ହୀରାଧରବାଟି କେନାଲ ମାଧ୍ୟମରେ ମଧ୍ୟ ଜଳସେଚନ ଆରମ୍ଭ କରାଯିବ।

ଚକଡ଼ା ପୋକ ଆକ୍ରମଣରେ ଉଜୁଡୁଛି ଫସଲ, ଚିନ୍ତାରେ ଚାଷୀ

ରାୟଗଡ଼ା,(ନିପ୍ର) : ବାତ୍ୟା 'ଅର୍ଣ୍ଣବ'ର ଦୁଃଖ ମନରୁ ଲିଭିନଥିବାବେଳେ ଏବେ ଚାଷୀଙ୍କ ପାଇଁ ଚକଡ଼ା ପୋକ ନୂଆ ସମସ୍ୟା ସଜିଛି । ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ସମେତ ବିଭିନ୍ନ ଅଞ୍ଚଳରେ ଧାନ ଫସଲରେ ଚକଡ଼ା ପୋକ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି । ଏହାର ପ୍ରଭାବ ଯୋଗୁ ଏକର ଏକର ଜମିରେ ଫସଲ ନଷ୍ଟ ହେବାକୁ ବସିଛି । ଧାନ ଗଛ ଶୁଖିଯିବା ସହ ଦିନ ?କୁଦିନ ଫସଲର ସ୍ଥିତି ବିଗୁଡୁଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଭୈରବଗଡ଼ ଗ୍ରାମର ଧାନ କ୍ଷେତର ପ୍ରବଳ ମାତ୍ରାରେ ଚକଡ଼ା ପୋକ ଆକ୍ରମଣ କରିଛି। ଚାଷୀ ଦିନରାତି ଏକ କରି ଯେଉଁ ଫସଲରୁ ଭଲ ଅମଳ ଆଶା ରଖୁଥିଲେ ତାହା ଏବେ ଚକଡ଼ା ପୋକ ଆକ୍ରମଣରେ ଉଜୁଡ଼ିବାକୁ ବସିଛି । ଗ୍ରାମର ଚାଷୀ ଅରକ୍ଷିତ ଗୌଡ଼ଙ୍କ ପ୍ରାୟ ୪ ଏକର ଧାନ ଜମିରେ ଚକଡ଼ା ପୋକ ଆକ୍ରମଣ କରିଛି। ଧାନ ଗଛ ଶୁଖିଯାଉଥିବାବେଳେ ଫସଲର ସ୍ଥିତି କ୍ରମଶଃ ଖରାପ ହେବାରେ ଲାଗିଛି । ପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଚାଷୀ ୪ଥର ଔଷଧ ସିଞ୍ଚନ କରିଥିଲେ ମଧ୍ୟ ଆଶାନୁରୂପ ସୁଫଳ ମିଳିନାହିଁ। କେବଳ ଅରକ୍ଷିତ ନୁହନ୍ତି, ମୁନିଗୁଡ଼ା ବ୍ଲକ୍‌ର ଅନ୍ୟାନ୍ୟ ଅଞ୍ଚଳର ଚାଷୀ ମଧ୍ୟ ସମାନ



ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ଧାନ ଚାଷ ପାଇଁ ବିହନ, ସାର, କୀଟନାଶକ ଔଷଧ ଓ ଶ୍ରମିକଙ୍କ ପାରିଶ୍ରମିକ ବାବଦରେ ଚାଷୀ ବହୁ ଟଙ୍କା ଖର୍ଚ୍ଚ କରିଥିଲେ ଓ ଭଲ ଅମଳ ହେଲେ ଧାରକରଜ ସୁଝିବା ସହ ପରିବାରର ଆର୍ଥିକ ସ୍ଥିତି ସୁଧୁରିବ ବୋଲି ଆଶା ରଖିଥିଲେ। ହେଲେ ଚକଡ଼ା ପୋକର ଆକ୍ରମଣ ସେମାନଙ୍କ ସବୁ ଆଶାରେ ପାଣି ଢାଳିଦେଇଛି। ଏବେ ଫସଲ ନଷ୍ଟ ହେଲେ କରଜ କିପରି ସୁଝିବେ ଏବଂ ପରିବାର ଚଳାଇବେ ଚାଷୀଙ୍କୁ ସେହି ଚିନ୍ତା ଘାରିଛି। ତେଣୁ କୃଷି ବିଭାଗ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଜମିର କ୍ଷେତ୍ରୀୟ ତଦନ୍ତ କରାଯାଇ ପୋକ ଆକ୍ରମଣର ମାତ୍ରା ଓ ଫସଲ କ୍ଷୟକ୍ଷତିର ଆକଳନ କରିବା ସହ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଏବଂ ସରକାରୀ ସହାୟତା ଯୋଗାଇବାକୁ ଦାବି ହୋଇଛି।

ଚଳିତ ଖରିଫ ଋତୁରେ ମୁନିଗୁଡ଼ା କୃଷି ଜିଲ୍ଲା ଅଧୀନରେ ଥିବା ମୁନିଗୁଡ଼ା ବ୍ଲକ୍‌ରେ ୪ ହଜାର ୩୭୫ ହେକ୍ଟର, ବିଷମକଟକ ବ୍ଲକ୍‌ରେ ୬ ହଜାର ୭୫୫ ହେକ୍ଟର ଓ ଚନ୍ଦ୍ରପୁର ବ୍ଲକ୍‌ରେ ୧ ହଜାର ୭୮୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ମୋଟ୍ ୧୨ ହଜାର ୯୧୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିବାବେଳେ ବର୍ତ୍ତମାନ ମୁନିଗୁଡ଼ା ବ୍ଲକ୍ ?ରେ ଚକଡ଼ା ପୋକ ସମସ୍ୟା ଦେଖାଦେଇଛି। ଏନେଇ ମୁନିଗୁଡ଼ା କୃଷି ଜିଲ୍ଲା ଅଧିକାରୀ କହିଛନ୍ତି ଯେ ସରକାରୀ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ଚକଡ଼ା ପୋକ ଆକ୍ରମଣ ଯୋଗୁ ଚାଷୀଙ୍କ ଆଖି ଆଗରେ ବର୍ଷକର ପରିଶ୍ରମ ଉଜୁଡ଼ିବାକୁ ବସିଛି। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କ ନଜର ଏବେ କୃଷି ବିଭାଗର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଥିବା କୁହାଯାଇଛି।

ଜିଲ୍ଲା ପରିଷଦର ଚତୁର୍ଦ୍ଦଶ ବୈଠକ



କଟକ(ନିପ୍ର): ଚତୁର୍ଦ୍ଦଶ ଜିଲ୍ଲା ପରିଷଦ ବୈଠକ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ତ୍ରୟୋଦଶ ଜିଲ୍ଲା ପରିଷଦ ବୈଠକର କାର୍ଯ୍ୟସୂଚୀ ଟିପ୍ପଣୀ ଅନୁଯାୟୀ ଅନୁମୋଦିତ ହୋଇଥିବା କାର୍ଯ୍ୟ ଓ କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରାଯାଇଥିଲା। ବୈଠକରେ ଚଳିତ କାର୍ଯ୍ୟସୂଚୀ ଅନୁଯାୟୀ କୃଷି, ପଶୁପାଳନ, ଶିକ୍ଷା, ଜଙ୍ଗଲ, ପାନୀୟ ଜଳ, ରାସ୍ତା ଓ କୋଠାବାଡ଼ି ନିର୍ମାଣ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ବୈଠକରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ। ବୈଠକରେ ସାଂସଦ ଡଃ ଭର୍ତ୍ତୃହରି ମହତାବ ଯୋଗଦେଇ, କୃଷି କ୍ଷେତ୍ରରେ ବିଶେଷକରି ଖରିଫ ଉତ୍ପାଦ ବୃଦ୍ଧି,ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ ବନ୍ୟା ସହାୟତା ପ୍ୟାକେଜ୍, ଡାଲି ଜାତୀୟ ଫସଲ ଉତ୍ପାଦନ ବୃଦ୍ଧି ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଆଦି ବିଷୟରେ ସବିଶେଷ ଆଲୋଚନା କରିଥିଲେ । ବିଭିନ୍ନ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟର ଉନ୍ନତିକରଣ ବିଷୟରେ ଆଲୋଚନା କରାଯାଇଥିଲା । ବନଖଣ୍ଡ ଅଞ୍ଚଳର ବିକାଶ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥିତ ବନଖଣ୍ଡ ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଯୋଗଦେଇ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପଶୁପାଳନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଉନ୍ନତମାନର ଗାଈ କ୍ରୟ ଓ ଏହା ମାଧ୍ୟମରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ । ଗ୍ରାମ୍ୟ ଭିତ୍ତିଭୂମିର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ବିଭିନ୍ନ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ବୈଠକରେ ବିଧାୟକ ପ୍ରଶାନ୍ତ ବେହେରା, ପ୍ରକାଶ ଚନ୍ଦ୍ର ସେଠୀ, ସୌଭିକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଜନକଲ୍ୟାଣ ମୂଳକ ଯୋଜନାକୁ ସମୀକ୍ଷା କରିଥିଲେ।

ସହକାରୀ ରିଲିଫ କମିଶନରଙ୍କ କାଶୀନଗର ଗସ୍ତ

କାଶୀନଗର(ନିପ୍ର): ଗଜପତି ଜିଲ୍ଲା ଦାୟିତ୍ୱରେ ଥିବା ସହକାରୀ ରିଲିଫ କମିଶନର ପବନ କୁମାର ଅର୍ଣ୍ଣବ ବାତ୍ୟା ଜନିତ ରିଲିଫ ପ୍ରଦାନ ସହ କ୍ଷୟକ୍ଷତି ଅନୁଧ୍ୟାନ କରିବା ସକାଶେ କାଶୀନଗର ଗସ୍ତରେ ଆସିଥିଲେ। କମିଶନର ଶ୍ରୀ ପବନ କୁମାର କାଶୀନଗର ବ୍ଲକ ଓ ଏନ ଏ ସି କାର୍ଯ୍ୟାଳୟ ଗସ୍ତ କରି ଭତ୍ତା ପ୍ରଦାନ ନିମନ୍ତେ ସମସ୍ତେ କାର୍ଯ୍ୟକ୍ରମ ଓ କ୍ଷୟ କ୍ଷତି ସମୀକ୍ଷା କରି କାର୍ଯ୍ୟାଳୟ ତରଫରୁ ଆକଳନ ପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଗୋଟେ ପରିବାରକୁ ୨୫୦୦ ଟଙ୍କା ସହ ୫୦ କିଲୋ ଚାଉଳ ରିଲିଫ ଦେବା ପାଇଁ ସ୍ୱୀକୃତ ହୋଇଛି ଏବଂ କାଶୀନଗର ସହର ଓ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ଯେଉଁମାନଙ୍କ ନିକଟରେ ରେସନ, ବିପିଏଲ କାର୍ଡ ଅଛି ସେମାନେ ଓ ଯେଉଁମାନଙ୍କ ନିକଟରେ ନାହିଁ ସେମାନେ ମଧ୍ୟ ପାଇବା ପାଇଁ ଯୋଗ୍ୟ ବୋଲି ସହକାରୀ କମିଶନର ପବନ କୁମାର ସୂଚନା ଦେଇଥିଲେ।

ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ-୨୦୨୬ର ଉଦଯାପନୀ ଉତ୍ସବ



ଭଦ୍ରକ, (ନିପ୍ର): ଭଦ୍ରକ ଜିଲ୍ଲାରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍' ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ-୨୦୨୬ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ନଭେମ୍ବର ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହୋଇଥିଲା। ଆଜି ଉଦଯାପନୀ ଉତ୍ସବରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ଯୁବବର୍ଗ ହେଉଛନ୍ତି ଦେଶର ଭବିଷ୍ୟତ। ଯୁବକ-ଯୁବତୀ ଦେଶ ପାଇଁ ଭଲ କାମ କଲେ ଦେଶ ଉନ୍ନତି ଦିଗରେ ଗତି କରିବ। ସେ ଯୁବ ପ୍ରତିଯୋଗୀମାନଙ୍କ ପ୍ରତିଭାକୁ ଉତ୍ସାହିତ କରିଥିଲେ।

ଗଞ୍ଜାମ ବନ୍ୟାକୁ ନେଇ ମୁହଁ ଖୋଲିଲେ ସୁରେଶ ପୂଜାରୀ

ପୂର୍ବ ସରକାରଙ୍କୁ କଲେ ଦାୟୀ

ଭୁବନେଶ୍ୱର,୧୨।୧୧: ଗଞ୍ଜାମ ବନ୍ୟା ପରିଚାଳନାକୁ ନେଇ ଉଠୁଥିବା ଅଭିଯୋଗର ଜବାବ ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ବନ୍ୟା ପରିସ୍ଥିତିର ସମୀକ୍ଷା ପରେ ସେ କହିଛନ୍ତି, ଗଣତନ୍ତ୍ରରେ ଅଭିଯୋଗ କରିବାର ଅଧିକାର ସମସ୍ତଙ୍କର ରହିଛି । ତେବେ ବାତ୍ୟା ଅର୍ଣ୍ଣବକୁ ନେଇ ମିଳିଥିବା ପୂର୍ବାନୁମାନ ଅନୁଯାୟୀ ସରକାର ଆବଶ୍ୟକ ପ୍ରସ୍ତୁତି କରିଥିଲେ ବୋଲି ସେ ସ୍ପଷ୍ଟ କରିଛନ୍ତି । ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଏଥର ଗଞ୍ଜାମ ଜିଲ୍ଲାରେ ଅସ୍ୱାଭାବିକ ଭାବେ ପ୍ରବଳ ବର୍ଷା ହୋଇଛି । ଏଭଳି ବର୍ଷା ପୂର୍ବରୁ ଜିଲ୍ଲାରେ କେବେ ହୋଇନଥିବା ସେ ଦାବି କରିଛନ୍ତି । ସରକାରୀ ତଥ୍ୟ ଉପସ୍ଥାପନ କରି ସୁରେଶ ପୂଜାରୀ କହିଛନ୍ତି, ଅକ୍ଟୋବର ୨୮ରେ ଗଞ୍ଜାମରେ ୮୩ ମିମି, ୨୯ରେ ୧୯୧ ମିମି ଏବଂ ପରବର୍ତ୍ତୀ ଦିନ ୬୩ ମିମି ବର୍ଷା ହୋଇଥିଲା । ତିନି ଦିନରେ ମୋଟ ୩୩୭.୬ ମିମି ବର୍ଷା ରେକର୍ଡ କରାଯାଇଥିବା ସେ ସୂଚନା ଦେଇଛନ୍ତି । ବିଶେଷ କରି ଗଞ୍ଜାମର ପାତ୍ରପୁରରେ ସର୍ବାଧିକ ୮୦୪.୮ ମିମି ବର୍ଷା ରେକର୍ଡ ହୋଇଥିବା ମନ୍ତ୍ରୀ କହିଛନ୍ତି । ଏହା ଓଡ଼ିଶା ଇତିହାସର ଚତୁର୍ଥ ସର୍ବାଧିକ ବର୍ଷା ରେକର୍ଡ ବୋଲି ସେ ଦାବି କରିଛନ୍ତି । ଅନ୍ୟପଟେ ବନ୍ୟା ପରିଚାଳନାକୁ ନେଇ ପୂର୍ବ ସରକାରଙ୍କୁ ମଧ୍ୟ ପାଲଟା ପ୍ରଶ୍ନ କରିଛନ୍ତି ସୁରେଶ ପୂଜାରୀ । ଭଞ୍ଜନଗର ଅଞ୍ଚଳରେ ଥିବା ଜଳଭଣ୍ଡାରରେ ୬ଟି ଗେଟ୍ ଥିବାବେଳେ ସୋରଡ଼ାରେ କୌଣସି ଗେଟ୍ ନଥିବା ସେ କହିଛନ୍ତି । ଗତ ୨୪ ବର୍ଷର ଶାସନକାଳ ମଧ୍ୟରେ ପୂର୍ବ ସରକାର ଏହି ସମସ୍ୟା ପ୍ରତି କାହିଁକି ଧ୍ୟାନ ଦେଇନଥିଲେ ବୋଲି ମନ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି । ବାତ୍ୟା ଅର୍ଣ୍ଣବ ପରେ ଗଞ୍ଜାମର ଆସିକା, ସୋରଡ଼ା ଓ ଭଞ୍ଜନଗର ସମେତ ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଅନେକ ସ୍ଥାନରେ ଘରେ ପାଣି ପଶିବା ସହ ରାସ୍ତାଘାଟ ଜଳମଗ୍ନ ହୋଇଥିଲା । ଏହାପରେ ବନ୍ୟାର କାରଣ, ଜଳଭଣ୍ଡାର ପରିଚାଳନା ଓ ସରକାରୀ ପ୍ରସ୍ତୁତିକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀଙ୍କ ପ୍ରତିକ୍ରିୟା ରାଜନୈତିକ ଆଲୋଚନାକୁ ନୂଆ ମୋଡ଼ ଦେଇଛି ।

ସାଲେପୁର ତହସିଲର ନୂତନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ କେବେ ?

ସାଲେପୁର,(ନିପ୍ର): କଟକ ଜିଲ୍ଲା ସାଲେପୁର ତହସିଲର ନୂତନ କାର୍ଯ୍ୟାଳୟର କାମ ସମ୍ପୂର୍ଣ୍ଣ ହୋଇଥିବା ସମୟରେ ଉଦଘାଟନ ଓ କାର୍ଯ୍ୟକ୍ଷମ ନହେବାରୁ ଏହାକୁ ନେଇ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ପୂର୍ବ ବିଜେଡି ସରକାର ସମୟରେ ନିର୍ମାଣ କାମ ଆରମ୍ଭ ହୋଇଥିବା ସମୟରେ ଏବେ ସାଲେପୁର ତହସିଲର ନୂତନ କାର୍ଯ୍ୟାଳୟ କାମ ଦୀର୍ଘଦିନ ହେବ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା କଣ ପାଇଁ ନୂତନ କାର୍ଯ୍ୟାଳୟର ଉଦଘାଟନ କରାଯାଉ ନଥିବାରୁ ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରାତନ ତହସିଲ କାର୍ଯ୍ୟାଳୟ ଏବେ ଭାଙ୍ଗିରୁଜି ଯାଇ ଥିବା ସମୟରେ ଅନେକ ସ୍ଥାନରେ ବର୍ଷା ପାଣି ଗଳୁ ଥିବା ସମୟରେ ଅନେକ ସ୍ଥାନରେ ଉଇଁ ଉଠି ଯାଇଥବାର ଦେଖିବାକୁ ମିଳୁଛି।



୧୯୫୪ମସିହାରେ ସାଲେପୁର ତହସିଲ ସ୍ଥାପିତ ହୋଇଥିବା ବେଳେ ଆଜକୁ ପ୍ରାୟ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ ସମୟ ଧରି ଏହି ପୁରୁଣା ଭଙ୍ଗା ଦଦରା ଘରେ ଚାଲିଛି ତହସିଲ କାର୍ଯ୍ୟାଳୟ ।

ପୂର୍ବ ସରକାର ସମୟରେ ସାଲେପୁର ତହସିଲର ନୂତନ କାର୍ଯ୍ୟାଳୟ ଗୃହ କାମ ଆରମ୍ଭ ହୋଇଥିବା ସମୟରେ ଇତି ମଧ୍ୟରେ ନୂତନ କାର୍ଯ୍ୟାଳୟ ଗୃହ ସମ୍ପୂର୍ଣ୍ଣ ହୋଇଥିବା ବେଳେ ତାକୁ କାର୍ଯ୍ୟକ୍ଷମ ନ କରିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି ।ସାଲେପୁର ତହସିଲକୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକମାନେ ସେମାନଙ୍କ କାମ ପାଇଁ ଦୀର୍ଘ ସମୟର ଧରି ଅପେକ୍ଷା କରିବାକୁ ପଡୁଥିବା ବେଳେ ସାଲେପୁରର ପୁରୁଣା ତହସିଲ କାର୍ଯ୍ୟାଳୟ ପରିସର ସଂକୀର୍ଣ୍ଣ ହୋଇଥିବା ବେଳେ କର୍ମଚାରୀମାନେ ଲୋକମାନଙ୍କୁ ବାହାରେ ଅପେକ୍ଷା କରିବାକୁ କହି ଭିତରୁ ବାହାର କରି ଦେଉଛନ୍ତି ।ବର୍ଷା ଓ ଖରା ଦାଉରୁ ରକ୍ଷା ପାଇବା ପାଇଁ କୈଣସି ଅପେକ୍ଷାରତ ଗୃହର ବ୍ୟବସ୍ଥା ନ ଥିବାରୁ ଲୋକମାନେ ନାନା ପ୍ରକାର ହିନସ୍ତା ହେଉଛନ୍ତି। ସେହିପରି ସାଲେପୁର ତହସିଲ କର୍ମଚାରୀଙ୍କ ପାଇଁ ନିର୍ମାଣ ହୋଇଥିବା ସରକାରୀ ଆଜବେଷ୍ଟ୍ ବାସଗୃହ ଗୁଡିକ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ହୋଇ ଯାଇଥିବା ବେଳେ ଏହି ବିପଦ ସଂକୁଳ ବାସଗୃହ ଗୁଡିକର ଅନେକ ସ୍ଥାନରୁ ଆଜବେଷ୍ଟ ଫାଟି ପାଣି ବୋହିଲାଣି ତ କେଉଁଠି କାନ୍ଥ ଫାଟି ଆଁ କରିଛି ।କର୍ମଚାରୀଙ୍କ ବାସଗୃହ ଗୁଡିକ ସମ୍ପୂର୍ଣ୍ଣ ବିପଦଶଂକୁଳ ଅବସ୍ଥାରେ ଥିବାରୁ ଏହି ବାସଗୃହରେ ରହୁଥିବା କର୍ମଚାରୀମାନେ ଅନେକ ସମୟରେ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି । ସାଲେପୁର ତହସିଲର ପରିମାଣର ଜମି ଓ ସରକାରଙ୍କ ନିକଟରେ ଆବଶ୍ୟକୀୟ ଅର୍ଥ ଥିବା ସମୟରେ କର୍ମଚାରୀମାନଙ୍କ ପାଇଁ କାହିଁକି ନୂତନ କ୍ୱାଟର ନିର୍ମାଣ କରା ଯାଉନାହିଁ ! ଏଠାରେ ପ୍ରଶ୍ନ ଉଠୁଛି ସାଲେପୁର ତହସିଲର ନୂତନ କାର୍ଯ୍ୟାଳୟ କେବେ କାର୍ଯ୍ୟକ୍ଷମ ହେବ ବେଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ପୁରୀରେ 'ଜଗନ୍ନାଥ ପଞ୍ଚାମୃତ ଯୋଗ ଧର୍ମ ସମ୍ମିଳନୀ'

ପୁରୀ,(ନିପ୍ର): ବିଶ୍ୱ ସନାତନ ପଞ୍ଚାମୃତ ଯୋଗ ବାହିନୀର ଦିବ୍ୟ ସନ୍ଦେଶ କ୍ରମେ ଆଜି ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଯୋଗ ଶିକ୍ଷା କେନ୍ଦ୍ର ପରିସରରେ ଏକ ଦିବସୀୟ 'ଜଗନ୍ନାଥ ପଞ୍ଚାମୃତ ଯୋଗ ଧର୍ମ ସମ୍ମିଳନୀ' ଅତ୍ୟନ୍ତ ଭକ୍ତିପୂତ ଓ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ମାଳିକାରେ ବର୍ଣ୍ଣିତ ଯୋଗାଶ୍ରମ, ବର୍ତ୍ତମାନର ଯୋଗ ପ୍ରାଣାୟାମ ଶିକ୍ଷା କେନ୍ଦ୍ର (ଷ୍ଟେସନ ରୋଡ଼, ପୁରୀ-୨) ଏବଂ ତପୋଭୂମି, ଦିବ୍ୟଭୂମି ଓ ଗୁପ୍ତ ବାବାଜୀଙ୍କ ଆନୁକୂଲ୍ୟରେ ଏହି ମହତ୍ତ୍ୱପୂର୍ଣ୍ଣ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ମହାସମାରୋହରେ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ମୁଖ୍ୟ ପୁରୋଧା ପ୍ରଫେସର ବିପିନ ବିହାରୀ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ଯୋଗାଚାର୍ଯ୍ୟ ଶ୍ରୀ ଅକ୍ଷୟ କୁମାର ଗ୍ରହାଚାର୍ଯ୍ୟ ଯୋଗଦେଇ ଯୋଗ ଓ ଆଧ୍ୟାତ୍ମିକତାର ଶାସ୍ତ୍ରୀୟ ମହତ୍ତ୍ୱ ସମ୍ପର୍କରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ପଞ୍ଚତତ୍ତ୍ୱରେ ମହାପ୍ରଭୁ ଜଗନ୍ନାଥ ବିଷୟକୁ ଆଧାର କରି ନିଜର ମାର୍ମିକ ଅଭିବ୍ୟକ୍ତିକୁ ଉପସ୍ଥାପନ କରିଥିଲେ। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ବର୍ତ୍ତମାନ ସମୟରେ ଯୋଗ ଶରୀର ନିମିତ୍ତ ଅତ୍ୟନ୍ତ ଆବଶ୍ୟକ ।ସମ୍ମାନନୀୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର କୁଳପତି ପ୍ରଫେସର ଡକ୍ଟର ପ୍ରଭାତ କୁମାର ମହାପାତ୍ର ଯୋଗଦେଇଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆଧ୍ୟାତ୍ମିକତା ମାନବ ଜୀବନକୁ ଶୃଙ୍ଖଳିତ କରିବା ସହିତ ମାନସିକ ଶାନ୍ତି ପ୍ରଦାନ କରେ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ଯୋଗଧର୍ମ ମଧ୍ୟରେ ଏକ ନିବିଡ଼ ଅନ୍ତଃସମ୍ପର୍କ ରହିଛି ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ତତ୍ତ୍ୱବିତ୍ ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ (ସମ୍ପାଦକ, ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ) ଯୋଗଦେଇ ଆଜିର ଯୁଗରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ପଞ୍ଚାମୃତ ଯୋଗର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ମତପ୍ରକାଶ କରିଥିଲେ।

ପୂର୍ତ୍ତବିଭାଗ ବଙ୍ଗଳା ପ୍ରାଚୀର ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ



କଣ୍ଟିଲୋ (ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋସ୍ଥିତ ପୂର୍ତ୍ତବିଭାଗ ବଙ୍ଗଳାର ଗୋଟିଏ ପାର୍ଶ୍ୱ ବାହ୍ୟ ପ୍ରାଚୀରର ଏକ ବୃହତ ଅଂଶ ଭାଙ୍ଗି ଯିବାର ଆଶଙ୍କା ପ୍ରକାଶ ପାଇଛି। ଦୀର୍ଘ ବର୍ଷ ଧରି ବଙ୍ଗଳାର ଭିତର ପାର୍ଶ୍ୱ ପ୍ରାଚୀର ନିକଟରେ ଅବସ୍ଥିତ ଏକ ବୃହତକାୟ ବୃକ୍ଷ ପ୍ରାଚୀର ଉପରକୁ ବିପଦଶଙ୍କୁଳ ଅବସ୍ଥାରେ ନଇଁ ରହିଥିବା ଜଣାପଡିଛି। ଫଳରେ ଅପର ପାର୍ଶ୍ୱକୁ ପ୍ରାଚୀରଟି ଢଳି ରହିଥିବାରୁ କେଉଁ ମୁହୂର୍ତ୍ତରେ ପ୍ରାଚୀରଟି ଭାଙ୍ଗି ଯିବାର ଆଶଙ୍କା ପ୍ରକାଶ ପାଇଛି। ଏଥିପ୍ରତି ଖଣ୍ଡପଡ଼ା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ଓ ନୟାଗଡ ଅଧୀକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ପ୍ରକାଶଥାଉକି ବର୍ଷର ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ବଙ୍ଗଳାର ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲେ ହେଁ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ବିପଦଶଙ୍କୁଳ ଅବସ୍ଥାରେ ଥିବା ପ୍ରାଚୀର ଓ ଉକ୍ତ ମହାଦ୍ରୁମ ଗଛ ପ୍ରତି ଧ୍ୟାନ ଦେଇ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କଣ୍ଟିଲୋ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି।

ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ନିମାପଡ଼ା,(ନି.ପ୍ର.): ଏହି ବ୍ଲକ୍ ବାମନାଳ ନିକଟବର୍ତ୍ତୀ କାଟେଣୀପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ବୁଧବାର ଦିନ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ରାଜ୍ୟ ମତ୍ସ୍ୟ, ପଶୁ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଆୟୋଜକଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଥିଲେ । ସମାଜସେବୀ ଧରଣୀଧର ନାୟକ ଜିଲ୍ଲା ସୂଚନା ଅଧିକାର ଅଭିଯାନ ଆବାହକ ଦିବାକର ନାୟକଙ୍କ ସହଯୋଗ କ୍ରମେ ମହାପୁରୁଷ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତି ମଣ୍ଡପ ଏବଂ ପ୍ରତିମୂର୍ତ୍ତି ତାଙ୍କ କର୍ମ ଭୂମି ଅଞ୍ଚଳରେ ସ୍ଥାପିତ ହୋଇପାରିଲା ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ସରପଞ୍ଚ ପ୍ରତିନିଧି ପ୍ରମୋଦ ପାଇକରାୟ, ସ୍ୱେଚ୍ଛାସେବୀ ସନ୍ତୋଷ ପରିଡ଼ା, ସୁଶୀଲ ସାହୁ, ସାମ୍ବାଦିକ ପ୍ରଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ପଣ୍ଡିତ ଗୋପବନ୍ଧୁଙ୍କ ତ୍ୟାଗ, ମାନବ ସେବା ଏବଂ ସ୍ୱାସ୍ଥ୍ୟ ସମସ୍ୟାକୁ ଅଗ୍ରାଧିକାର ଦେବା ନେଇ ୫ଟି ଗ୍ରା.ପ.ର ହଜାର ହଜାର ଜନସାଧାରଣଙ୍କ ନିମନ୍ତେ ତାହା ବଳିଦାନ ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ଅଞ୍ଚଳର ଅନେକ ସହୃଦୟ, ସମାଜସେବୀଙ୍କ ସହଯୋଗରେ ପଣ୍ଡିତ ଗୋପବନ୍ଧୁଙ୍କ ନୀତି, ଆଦର୍ଶକୁ ଚରିତାର୍ଥ କରିବା ନିମନ୍ତେ ଉଦ୍ୟମ ଜାରି ରହିବ ବୋଲି ଶ୍ରୀ ମହାପାତ୍ର ସଂକଳ୍ପ ପତ୍ର ପାଠ କରିଥିଲେ ।

ତିଥି :(ଚତୁର୍ଥୀ): (ମୂଳା ଧନୁ)
ଅମୃତ ବେଳା: ଦିବା ଘ ୬।୪୫ ମଧ୍ୟେ ଘ୭ ।୩୩ ଗତେ

ଆଜିର ଅନୁଚିନ୍ତନ

ଅନ୍ତକାଳରେ ଯେ ମୋତେ ଜାଣନ୍ତି ସେ ମୋତେ ପ୍ରାପ୍ତ ହୁଅନ୍ତି
।। - ଶ୍ରୀମଦ୍ ଭଗବଦ୍ ଗୀତା

ଜୈବ ବିବିଧତା ହିଁ ମୂଳାଧାର

କୃଷି-ଜୈବ ବିବିଧତା ସଂରକ୍ଷଣ, ଜଳବାୟୁ ଅନୁକୂଳ କୃଷି ଏବଂ ଦୀର୍ଘସ୍ଥାୟୀ ଖାଦ୍ୟ ପ୍ରଣାଳୀ ଏସବୁ ଜୀବନ ପାଇଁ ଉପାଦେୟ କେବଳ ନୁହେଁ ଭବିଷ୍ୟତ ପାଇଁ ଭରସା ତଥା ଆଶାର କେନ୍ଦ୍ର ବିନ୍ଦୁ। ମଣିଷ ହେଉ କି ଅନ୍ୟ ପ୍ରାଣୀ କି ଉଦ୍ଭିଦ ହେଉ ଜୈବତା ହେଉଛି ଆଧାର । ଏହାକୁ ବାଦ୍ ଦେଇ ଆଗକୁ ବଢ଼ିହେବ ନାହିଁ। ଏ ସଂକ୍ରାନ୍ତ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ବହୁ ମତ ବିନିମୟ ହେବା ଶୁଭଙ୍କର। ବିଶିଷ୍ଟ କୃଷି ବୈଜ୍ଞାନିକ, ନୀତି ନିର୍ଦ୍ଧାରକ ଏବଂ ଅନ୍ୟ ଅଂଶୀଦାରମାନେ ଯେତେ ଯେତେ ଏପରି କାର୍ଯ୍ୟକ୍ରମରେ ସାମିଲ ହେବେ ତାହା ଭବିଷ୍ୟତ ପାଇଁ ଆଶୀର୍ବାଦ ହେବ। କୃଷି ଉଦ୍ଭାବନ, ସ୍ୱଦେଶୀ ଫସଲର ବିବିଧତା, ମିଲେଟ ବା ଶ୍ରୀଅନ୍ନଭିତ୍ତିକ ଉତ୍ପାଦ ପ୍ରଦର୍ଶନ ସାଙ୍ଗକୁ ଚାଷୀଙ୍କ ସହ ମତ ବିନିମୟ କାର୍ଯ୍ୟକ୍ରମ ମଧ୍ୟରେ ଡକ୍ଟର ଜାଟଙ୍କ ମତ ହେଉଛି ଏକ ସ୍ୱାସ୍ଥ୍ୟ ପରିକଳ୍ପନାକୁ ସାକାର କରିବା ପାଇଁ ସ୍ଥାନୀୟ ଖାଦ୍ୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି । ଆଇସିଏସଆର୍‌ର ଏହି ପ୍ରମୁଖ କର୍ମକର୍ତ୍ତା ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଇତ୍ୟାଦିର ପ୍ରମୁଖ ଆହ୍ୱାନର ମୁକାବିଲା ପାଇଁ ଶ୍ରୀ ଅନ୍ନ ବା ମିଲେଟ୍ ସମେତ ସୁଯୋଗ୍ୟ ଫସଲ ଉପରେ ଅଧିକ ଧ୍ୟାନ ଦେଇଛନ୍ତି। ଓଡ଼ିଶାର ସମୃଦ୍ଧ କୃଷି ଜୈବ ବିବିଧତାର ଉପଯୋଗ ଉପରେ ତାଙ୍କ ଗୁରୁତ୍ୱାରୋପ କେବଳ ସମାବେଶରେ ସୀମିତ ରହିଲେ ହେବ ନାହିଁ, ବରଂ ଏହାକୁ ତୃଣମୂଳ ସ୍ତରକୁ ବିଶେଷ କରି ଗ୍ରାମାଞ୍ଚଳର ଯୁବପିଢ଼ି ନିକଟକୁ ଆକର୍ଷଣୀୟ ଢ଼ଙ୍ଗରେ ତଥା ପ୍ରୋତ୍ସାହନ ଆଧାରରେ ସରକାର ନେଇପାରିଲେ ଆତ୍ମନିଯୁକ୍ତି ବଢ଼ିବ । ବହୁ ବେକାର ଆତ୍ମନିଯୁକ୍ତ ହୋଇପାରିବେ। ଅଧିକନ୍ତୁ ଲୋକେ ଜୈବବିବିଧତାର ମହତ୍ତ୍ୱ ମଧ୍ୟ ଉପଲବ୍ଧି କରିପାରିବେ।

'ଓଡ଼ିଶା ଶ୍ରୀ ଅନ୍ନ ଅଭିଯାନ'ର ସଫଳତା ମିଲେଟ୍ ଆଧାରିତ କୃଷି ପରିବର୍ତ୍ତନ କ୍ଷେତ୍ରରେ ଏକ ଜାତୀୟ ଆଦର୍ଶ ଭାବରେ ଉଭା ହେବାର ସମ୍ଭାବନା ରହିଥିବାର ଯାହା କହିଛନ୍ତି ଜାଟ୍ ତାହା ଆଶ୍ୱସ୍ତିଦାୟକ। ବିଶେଷ କରି ୨୦୪୭ ସୁଦ୍ଧା ଶ୍ରୀ ଅନ୍ନ ଚାଷ କ୍ଷେତ୍ରକୁ ୧.୭୯ ଲକ୍ଷ ହେକ୍ଟରରୁ ୫ ଲକ୍ଷ ହେକ୍ଟରକୁ ବୃଦ୍ଧି କରିବା ଏବଂ ୮ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ଲକ୍ଷ୍ୟ ହାସଲ କରିବା ଉପରେ ତାଙ୍କର ପ୍ରାଧାନ୍ୟ ବାସ୍ତବତାର ରୂପ ନେଲେ ତାହା ପ୍ରେରଣାପ୍ରଦ ହେବ । ସ୍ଥାନୀୟ ମାଣ୍ଡିଆ ପ୍ରଜାତିଗୁଡ଼ିକର ସଂରକ୍ଷଣ, ବିଶେଷକରି ୧୬୩ଟି ଚିହ୍ନଟ ହୋଇଥିବା ମାଣ୍ଡିଆ କିସମ ଯଥା 'କାଳିଆ', 'ବାଟି', 'ମାମି' ଓ 'ଭାରତୀ' ଭଳି ପାରମ୍ପରିକ କିସମଗୁଡ଼ିକର ପ୍ରଚାର ଓ ପ୍ରସାର ହେଉ କି ବୈଜ୍ଞାନିକ ଚାଷ ପଦ୍ଧତିର ବ୍ୟାପକ ପ୍ରସାର, ସୁଆଁ ଓ କାଙ୍ଗୁ ଭଳି ମିଲେଟର ପ୍ରୋତ୍ସାହନ ନିମିତ୍ତ ଲକ୍ଷ୍ୟ ରଖାଯିବା ସକାରାତ୍ମକତାକୁ ହିଁ ସୂଚିତ କରେ। ସୁଲଭ ମୂଲ୍ୟର ପ୍ରକ୍ରିୟାକରଣ ଯନ୍ତ୍ରପାତି ବିକାଶ, କୃଷକ ଉତ୍ପାଦକ ସଂଗଠନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସୁଦୃଢ଼ କରିବା ତଥା ମିଲେଟ୍-ଭିତ୍ତିକ ଉଦ୍ୟୋଗ ଓ ବଜାର ସଂଯୋଗର ସମ୍ପ୍ରସାରଣ ଆଲୋଚ୍ୟ ଦିଗଗୁଡ଼ିକୁ ଆଗେଇନେବାରେ ପ୍ରେରଣା ସାଜିବ, ଏପରି ଆଶା ହିଁ ସଂଚାରିତ ହୋଇଛି।

ଦିନକୁ ଦିନ ଜଳବାୟୁ ପରିବର୍ତ୍ତନର କଷଣ ମଧ୍ୟରେ ସାଂଗଠନିକ ସହଭାଗିତାକୁ ସୁଦୃଢ଼ କରିବା, ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ଏବଂ ଦୀର୍ଘସ୍ଥାୟୀ, ଜଳବାୟୁ-ପ୍ରତିରୋଧୀ ଏବଂ ଆର୍ଥିକ ଦୃଷ୍ଟିରୁ ସଫଳ ମିଲେଟ୍ ଆଧାରିତ କୃଷି ବିକାଶ ଦିଗରେ ଓଡ଼ିଶାର ଯାତ୍ରାକୁ ତ୍ୱରାନ୍ୱିତ କରିବାରେ ବ୍ରତୀ ରହିଲେ ଭବିଷ୍ୟତ ନିମନ୍ତେ ତାହା ମରୁଦ୍ୟାନ ପାଲଟିବା ସମ୍ଭାବନା ଦୃଢ଼।

ଦୋଷ କାହାର, ପ୍ରକୃତିର କି ପ୍ରଶାସନର ?

ସୌଭାଗ୍ୟ ରଞ୍ଜନ ମହାନ୍ତି

"ସେହିପରି ବର୍ତ୍ତମାନର ସରକାର ମଧ ଅତୀତର ଅବହେଳାକୁ ଦର୍ଶାଇ ନିଜର ବର୍ତ୍ତମାନର ଦାୟିତ୍ୱରୁ ଦୂରେଇ ଯାଇପାରିବେ ନାହିଁ। ବିପର୍ଯ୍ୟୟ ଆସିବା ପରେ ଦୋଷାରୋପ ନୁହେଁ, ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ହିଁ ସର୍ବପ୍ରଥମ କର୍ତ୍ତବ୍ୟ। ଅନ୍ୟପଟେ ନବୀନ ପଟ୍ଟନାୟକଙ୍କ ଅଭିଯୋଗକୁ ମଧ ହାଲୁକା ଭାବେ ନେବା ଉଚିତ ନୁହେଁ।

ପ୍ରଥମେ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ସ୍ପଷ୍ଟୀକରଣ, ପରେ ମୁଖ୍ୟ ଶାସନ ସଚିବଙ୍କ ବକ୍ତବ୍ୟ, ଶେଷରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଖୋଲା ଆହ୍ୱାନ—୨୪ ବର୍ଷର ଶାସନରେ ଗଞ୍ଜାମ ପାଇଁ କ'ଣ କରିଥିଲା ବିଜେଡି ? ନଭେମ୍ବର ୧୮ରୁ ବିଧାନସଭାରେ ହେବ ତଥ୍ୟ ଓ ତର୍କର ଲଢ଼େଇ।

ବନ୍ୟାର ଦୋଷ କାହାର ? ପ୍ରକୃତିର, ପ୍ରଶାସନର ନା ପୂର୍ବତନ ୨୪ ବର୍ଷର ଶାସନର ? ଏବେ ଏହାର ଉତ୍ତର ଦେବାକୁ ହେବ ତଥ୍ୟରେ, ଭାବପ୍ରବଣ ଅଭିଯୋଗରେ ନୁହେଁ। ଗଞ୍ଜାମର ବନ୍ୟାକୁ ନେଇ ରାଜ୍ୟରେ ଆରମ୍ଭ ହୋଇଥିବା ରାଜନୈତିକ ତର୍କ ଏବେ ଏକ ନୂଆ ମୋଡ଼ ନେଇଛି। ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ବନ୍ୟାକୁ ମନୁଷ୍ୟକୃତ ବିପର୍ଯ୍ୟୟ ବୋଲି ଅଭିହିତ କରି ସରକାରଙ୍କ ପ୍ରସ୍ତୁତି ଓ ଜଳ ପରିଚାଳନା ଉପରେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ବର୍ତ୍ତମାନର ସରକାର ଅଭୂତପୂର୍ବ ବର୍ଷାକୁ ବନ୍ୟାର ପ୍ରମୁଖ କାରଣ ବୋଲି ଦର୍ଶାଇଛନ୍ତି। ଏହି ବିବାଦ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପକ୍ଷରୁ ବିଜେଡିର ୨୪ ବର୍ଷର ଶାସନକୁ ନେଇ ଖୋଲା ଆହ୍ୱାନ ଏହି ପ୍ରସଙ୍ଗକୁ ଆହୁରି ରୋଚକ କରିଛି। ତାଙ୍କର ମୁହାଁମୁହିଁ ଆଲୋଚନା ପାଇଁ ଆହ୍ୱାନର ଅର୍ଥ ହେଉଛି, ଅତୀତର ଶାସନର ହିସାବ ଏବେ ସାର୍ବଜନୀନ ମଞ୍ଚରେ ଆସିବା ଦରକାର। ଏହା କେବଳ ଦୁଇ ଦଳର ରାଜନୈତିକ ପ୍ରତିଷ୍ଠାର ଲଢ଼େଇ ନୁହେଁ; ଗଞ୍ଜାମର ଚାଷୀ, ଗରିବ, ବ୍ୟବସାୟୀ ଓ ବିପନ୍ନ ପରିବାରଙ୍କ ନ୍ୟାୟର ପ୍ରଶ୍ନ।

ଏହି ବିବାଦର କ୍ରମକୁ ଦେଖିଲେ ତିନୋଟି ପ୍ରମୁଖ ପ୍ରଶାସନିକ ଓ ରାଜନୈତିକ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ପ୍ରଥମେ ଜଳସମ୍ପଦ



ବିଭାଗର ମୁଖ୍ୟଯନ୍ତ୍ରୀ ବନ୍ଧ ଓ ଜଳଭଣ୍ଡାର ପରିଚାଳନାରେ ଅବହେଳା ହୋଇନଥିବା ସ୍ପଷ୍ଟ କରିଥିଲେ। ତାଙ୍କ ମତରେ, ଅସ୍ୱାଭାବିକ ବର୍ଷା ଓ ନଦୀରେ ଅତ୍ୟଧିକ ଜଳପ୍ରବାହ ହିଁ ବନ୍ୟାର ମୁଖ୍ୟ କାରଣ। ଦ୍ୱିତୀୟରେ ମୁଖ୍ୟ ଶାସନ ସଚିବ ପରିସଂଖ୍ୟାନ ଓ ପ୍ରଶାସନିକ ତଥ୍ୟ ରଖି ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି। ପାତ୍ରପୁରରେ ଗୋଟିଏ ଦିନରେ ୫୪୬ ମିଲିମିଟର ବର୍ଷା ଏବଂ ତିନି ଦିନର ଅତ୍ୟଧିକ ବର୍ଷାର ତଥ୍ୟ ଏହି ଯୁକ୍ତିର ଗୁରୁତ୍ୱକୁ ବଢ଼ାଇଛି। ତୃତୀୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ପ୍ରସଙ୍ଗକୁ କେବଳ ପ୍ରଶାସନିକ ସ୍ପଷ୍ଟୀକରଣରେ ସୀମିତ ନ ରଖି ରାଜନୈତିକ ଉତ୍ତରଦାୟିତ୍ୱର ପ୍ରଶ୍ନ ଭାବେ ଉଠାଇଛନ୍ତି। ଏହି ତିନୋଟି ପ୍ରତିକ୍ରିୟା ମଧ୍ୟରେ ଗୋଟିଏ କଥା ସ୍ପଷ୍ଟ—ବନ୍ୟାର ପ୍ରକୃତ କାରଣ ଜାଣିବା ପାଇଁ ଭାବନା ନୁହେଁ, ନିରପେକ୍ଷ ତଥ୍ୟ ଓ ବୈଜ୍ଞାନିକ ବିଶ୍ଳେଷଣ ଆବଶ୍ୟକ।

ଏଠାରେ ମୁଖ୍ୟ ପ୍ରଶ୍ନ ହେଉଛି, ବିଜେଡି ୨୪ ବର୍ଷ ଧରି ଓଡ଼ିଶାରେ ଶାସନ କରିଥିବାବେଳେ ଗଞ୍ଜାମର ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେତେ ଦୂରଦୃଷ୍ଟିପୂର୍ଣ୍ଣ ପଦକ୍ଷେପ ନେଇଥିଲା ? ଗଞ୍ଜାମ କୌଣସି ନୂଆ ଭାବେ ବନ୍ୟାପ୍ରବଣ ହୋଇନାହିଁ। ଋଷିକୁଲ୍ୟା, ବାହୁଦା ଓ ସେମାନଙ୍କର ଶାଖାନଦୀଗୁଡ଼ିକର ଜଳପ୍ରବାହ, ନଦୀବନ୍ଧର ସୁରକ୍ଷା, ଜଳଭଣ୍ଡାରର କ୍ଷମତା, ଜଳ ନିଷ୍କାସନ ଓ ତଳିଆ ଅଞ୍ଚଳର ବିପଦ ସମ୍ପର୍କରେ ପୂର୍ବତନ ସରକାର ଅଜ୍ଞ ନଥିଲେ। ପ୍ରତିବର୍ଷ ବର୍ଷା ଆସୁଥିଲା, ନଦୀ ଫୁଲୁଥିଲା, ଲୋକେ ବିପଦରେ ପଡୁଥିଲେ। ତେବେ ୨୪ ବର୍ଷର ଶାସନ ପରେ ମଧ କାହିଁକି ଗଞ୍ଜାମର ଅନେକ ଅଞ୍ଚଳ ବନ୍ୟା ଆଶଙ୍କାରୁ ମୁକ୍ତ ହୋଇପାରିଲା ନାହିଁ ? କେତେ ନୂଆ ନଦୀବନ୍ଧ ନିର୍ମାଣ ହେଲା ? କେତେ ପୁରୁଣା ନଦୀବନ୍ଧର ସ୍ଥାୟୀ ମରାମତି ହେଲା ? କେତେ ଗ୍ରାମକୁ ବନ୍ୟାରୁ ସୁରକ୍ଷା ଦିଆଗଲା ? ଜଳ ନିଷ୍କାସନ ବ୍ୟବସ୍ଥାରେ କେତେ ପରିବର୍ତ୍ତନ ଆସିଲା ? ଜଳଭଣ୍ଡାରରେ ବର୍ଷା ପୂର୍ବରୁ ଜଳଧାରଣ କ୍ଷମତା ସୃଷ୍ଟି କରିବା ପାଇଁ କି ପଦକ୍ଷେପ ନିଆଯାଉଥିଲା ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ହେବ। କେବଳ ପୂର୍ବତନ ଶାସନର ପ୍ରଶଂସା କରିଦେଲେ ଇତିହାସ ବଦଳିଯିବ ନାହିଁ।

ସେହିପରି ବର୍ତ୍ତମାନର ସରକାର ମଧ ଅତୀତର ଅବହେଳାକୁ ଦର୍ଶାଇ ନିଜର ବର୍ତ୍ତମାନର ଦାୟିତ୍ୱରୁ ଦୂରେଇ ଯାଇପାରିବେ ନାହିଁ। ବିପର୍ଯ୍ୟୟ ଆସିବା ପରେ ଦୋଷାରୋପ ନୁହେଁ, ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ହିଁ ସର୍ବପ୍ରଥମ କର୍ତ୍ତବ୍ୟ। ଅନ୍ୟପଟେ ନବୀନ ପଟ୍ଟନାୟକଙ୍କ ଅଭିଯୋଗକୁ ମଧ ହାଲୁକା ଭାବେ ନେବା ଉଚିତ ନୁହେଁ। ସେ ଦୀର୍ଘ ୨୪ ବର୍ଷ ଧରି ରାଜ୍ୟର ଶାସନ ଦାୟିତ୍ୱରେ ଥିଲେ। ବିପର୍ଯ୍ୟୟ ପରିଚାଳନାରେ ନିଜ ସରକାରର ସଫଳତାକୁ ସେ ଦାବି କରୁଛନ୍ତି। ତେଣୁ ଆଜି ଯେତେବେଳେ ସେ ବର୍ତ୍ତମାନର ସରକାରଙ୍କୁ ପ୍ରସ୍ତୁତିର ଅଭାବ ପାଇଁ ପ୍ରଶ୍ନ କରୁଛନ୍ତି, ସେତେବେଳେ ତାଙ୍କର ପୂର୍ବତନ ଶାସନର ହିସାବ ମାଗିବା ମଧ ଗଣତନ୍ତ୍ରରେ ସମ୍ପୂର୍ଣ୍ଣ ଯୁକ୍ତିସଙ୍ଗତ।

ରାଜନୀତିରେ ଆତ୍ମସମୀକ୍ଷା ଦୁର୍ବଳତା ନୁହେଁ, ଏହା ପରିପକ୍ୱତାର ପରିଚୟ। ଏବେ ଆସିବା ରାଜସ୍ୱ ମନ୍ତ୍ରୀଙ୍କ ଆହ୍ୱାନକୁ। ତାଙ୍କର ଏହି ଆହ୍ୱାନକୁ ଯଦି ବିଜେଡି ଗ୍ରହଣ କରେ, ତେବେ ଓଡ଼ିଶାର ରାଜନୈତିକ ଆଲୋଚନା ଏକ ସୁସ୍ଥ ଓ ତଥ୍ୟଭିତ୍ତିକ ଦିଗକୁ ଯାଇପାରିବ। ମୁହାଁମୁହିଁ ଆଲୋଚନାରେ କେବଳ ଅଭିଯୋଗ ଓ ପ୍ରତିଅଭିଯୋଗ ନୁହେଁ, ନଦୀବନ୍ଧର ଇତିହାସ, ଜଳଭଣ୍ଡାରର ଜଳଧାରଣ କ୍ଷମତା, ବର୍ଷା ପୂର୍ବରୁ ଜଳସ୍ତର ନିୟନ୍ତ୍ରଣ, ବନ୍ୟା ସତର୍କ ସୂଚନା, ଉଦ୍ଧାର କାର୍ଯ୍ୟ ଓ କ୍ଷତିପୂରଣର ତଥ୍ୟ ରଖାଯିବା ଦରକାର। ଏହି ଆଲୋଚନାରେ ବିଜେଡିର ପୂର୍ବତନ ଜଳସମ୍ପଦ ମନ୍ତ୍ରୀ, ଅନୁଭବୀ ପ୍ରଶାସକ ଓ ସମ୍ପୃକ୍ତ ବିଭାଗର ପୂର୍ବତନ ଅଧିକାରୀମାନେ ମଧ ତଥ୍ୟ ସହ ନିଜର ପକ୍ଷ ରଖିପାରିବେ। କେବଳ ମଞ୍ଚରେ ଉଚ୍ଚସ୍ୱରରେ କହିବା ନୁହେଁ, ଦଲିଲ ଓ ପରିସଂଖ୍ୟାନ ହିଁ ଏହି ଆଲୋଚନାର ଆଧାର ହେବା ଉଚିତ। ନଭେମ୍ବର ୧୮ରୁ ଆରମ୍ଭ ହେବାକୁ ଥିବା ବିଧାନସଭା ଅଧିବେଶନ ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହୋଇପାରେ। ମନ୍ତ୍ରୀ ସେଠାରେ ତଥ୍ୟ ଓ ଦଲିଲ ସହ ନିଜର ପକ୍ଷ ରଖିବାକୁ ଯାଉଥିବାବେଳେ ବିରୋଧୀ ଦଳ ମଧ ନିଜର ପ୍ରଶ୍ନ ଓ ପ୍ରମାଣ ନେଇ ପ୍ରସ୍ତୁତ ରହିବା ଦରକାର। ବିଧାନସଭା କୌଣସି ଦଳର ବ୍ୟକ୍ତିଗତ ମଞ୍ଚ ନୁହେଁ; ଏହା ରାଜ୍ୟର ସାଢ଼େ ଚାରି କୋଟି ଲୋକଙ୍କ ସ୍ୱର। ସେଠାରେ ଶାସକ ଦଳର ଉତ୍ତରଦାୟିତ୍ୱ ଯେତିକି, ବିରୋଧୀ ଦଳର ଦାୟିତ୍ୱ ମଧ ସେତିକି। ଶାସକ ଦଳ ନିଜର ପଦକ୍ଷେପର ସଫଳତା ଜଣାଇବ, ବିରୋଧୀ ଦଳ ତ୍ରୁଟି ଦେଖାଇବ ଏବଂ ଉଭୟ ପକ୍ଷ ମିଶି ସ୍ଥାୟୀ ସମାଧାନର ପଥ ଖୋଜିବେ।

ଗଞ୍ଜାମର ବନ୍ୟା ପ୍ରସଙ୍ଗରେ ଆଉ ଏକ ଦିଗକୁ ଭୁଲିବା ଉଚିତ ନୁହେଁ। ପାତ୍ରପୁରରେ ୫୪୬ ମିଲିମିଟର ବର୍ଷା ହେବା ଏବଂ ଋଷିକୁଲ୍ୟା ନଦୀରେ ଅତ୍ୟଧିକ ଜଳପ୍ରବାହ ସୃଷ୍ଟି ହେବା ନିଶ୍ଚିତ ଭାବେ ଅସାଧାରଣ ପରିସ୍ଥିତି। ମାତ୍ର ଏଭଳି ବିପଦରେ ମଧ କେତେ ଆଗୁଆ ସତର୍କ ସୂଚନା ଦିଆଗଲା, ଲୋକଙ୍କୁ କେତେ ଶୀଘ୍ର ସ୍ଥାନାନ୍ତର କରାଗଲା, ଆଶ୍ରୟସ୍ଥଳୀରେ ଖାଦ୍ୟ ଓ ପାନୀୟ ଜଳ ପହଞ୍ଚିଲା କି ନାହିଁ, ଏହାର ନିରପେକ୍ଷ ସମୀକ୍ଷା ହେବା ଆବଶ୍ୟକ। ପ୍ରକୃତିର ଅତ୍ୟାଚାରକୁ ମନୁଷ୍ୟ ସମ୍ପୂର୍ଣ୍ଣ ରୋକିପାରିବ ନାହିଁ, କିନ୍ତୁ ଯୋଜନାବଦ୍ଧ ପ୍ରସ୍ତୁତି ଦ୍ୱାରା କ୍ଷତିକୁ ନିଶ୍ଚିତ ଭାବେ କମାଇପାରିବ। ସେଥିପାଇଁ ବର୍ତ୍ତମାନର ସରକାରଙ୍କୁ ମଧ ନିଜର ପ୍ରସ୍ତୁତି ଓ ପ୍ରଶାସନିକ ପଦକ୍ଷେପର ହିସାବ ଦେବାକୁ ହେବ।

ଅତୀତର ଭୁଲକୁ ଉଜାଗର କରିବା ସହ ବର୍ତ୍ତମାନର ତ୍ରୁଟିକୁ ସୁଧାରିବା ହିଁ ପ୍ରକୃତ ଶାସନକଳା। ରାଜସ୍ୱ ମନ୍ତ୍ରୀଙ୍କ ଆହ୍ୱାନକୁ ବିଜେଡି ଗ୍ରହଣ କରି ତଥ୍ୟ ସହ ଉତ୍ତର ଦେଉ। ଶାସକ ଦଳ ମଧ ବିଧାନସଭାରେ ନିଜର ସମସ୍ତ ତଥ୍ୟ ଉପସ୍ଥାପନ କରୁ। କାରଣ ଗଞ୍ଜାମବାସୀଙ୍କୁ ଆଉ ଆଶ୍ୱାସନା ନୁହେଁ, ସ୍ଥାୟୀ ସମାଧାନ ଦରକାର। ନଦୀର ଜଳ ହ୍ରାସ ପାଇବ, ବନ୍ୟାର ଚିହ୍ନ ଧୀରେ ଧୀରେ ଲିଭିଯିବ, କିନ୍ତୁ ଶାସକ ଓ ବିରୋଧୀଙ୍କ ଦାୟିତ୍ୱର ହିସାବ ଇତିହାସରେ ରହିବ। ତେଣୁ ଏଥର ବିଧାନସଭାରେ ରାଜନୈତିକ ଅହଂକାର ନୁହେଁ, ତଥ୍ୟ କଥା କହୁ; ଦଳୀୟ ସ୍ୱାର୍ଥ ନୁହେଁ, ଗଞ୍ଜାମର ସ୍ୱାର୍ଥ ଜିତୁ। ଏହା ହିଁ ଜନତାଙ୍କ ଆଶା, ଏହା ହିଁ ଗଣତନ୍ତ୍ରର ମର୍ଯ୍ୟାଦା।

ଭୁବନେଶ୍ୱର
ମୋ-୯୪୩୭୯୯୪୩୭୯

ଶିକ୍ଷା ଓ ବିଜ୍ଞାନ ମାଧ୍ୟମରେ ମୁସଲିମ୍ ମହିଳାଙ୍କ ନେତୃତ୍ୱ

ଇନସା ୱାରସୀ

ଆଜିର ବିଶ୍ୱରେ ବୈଜ୍ଞାନିକ ଜ୍ଞାନ ଆର୍ଥିକ ବିକାଶ, ସ୍ୱାସ୍ଥ୍ୟସେବା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଗତି ପାଇଁ କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହେଉଥିଲା ବେଳେ ମୁସଲିମ ସମ୍ପ୍ରଦାୟର ମହିଳାମାନଙ୍କ ସଫଳତା ବିଶେଷ ସ୍ୱୀକୃତି ପାଇବା ଉଚିତ । ବିଶ୍ୱବିଦ୍ୟାଳୟ ଏବଂ ସମାଜରେ କାମ କରିବା ସହିତ ମହିଳାମାନେ କିପରି ବୈଜ୍ଞାନିକ ଗବେଷଣାରେ ଯୋଗଦାନ କରିପାରିବେ ତାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ରସାୟନ ବିଜ୍ଞାନ ଏବଂ ନାନୋସାଇନ୍ସର ବିଶେଷଜ୍ଞ ତଥା ସାଉଦି ଶିକ୍ଷାବିତ୍ ପ୍ରଫେସର ନଜଲା ସାଦ ଓଦା ଅଲ-ରଦାଦି ।

ଖବର ଅନୁଯାୟୀ ସାଉଦି ଆରବର ମଦିନାର ତାଇବା ବିଶ୍ୱବିଦ୍ୟାଳୟର ପ୍ରଫେସର ଭାବେ ତାଙ୍କ ନାମ ୨୦୨୬ ଷ୍ଟାନଫୋର୍ଡ-ଏଲସେଭିୟର ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ ଡାଟାବେସରେ ଲଗାତାର ପଞ୍ଚମ ବର୍ଷ ପାଇଁ ସାମିଲ ହେବା ତାଙ୍କ ଶିକ୍ଷାଗତ ଯାତ୍ରା ପ୍ରତି ଅନେକଙ୍କ ଧ୍ୟାନ ଆକର୍ଷଣ କରିଛି । ତାଙ୍କ ସଫଳତା କେବଳ ଅନ୍ତର୍ଜାତୀୟ ତାଲିକାରେ ସ୍ଥାନ ପାଇବା ନୁହେଁ, ବରଂ ଏହା ବୈଜ୍ଞାନିକ ଜ୍ଞାନରେ ମହିଳାମାନେ କିପରି ଅବଦାନ ରଖିପାରିବେ ସେଥିପ୍ରତି ଧ୍ୟାନ ଆକର୍ଷଣ କରିଥାଏ । ମୁସଲିମ ପରିବାର, ଶିକ୍ଷକ ଏବଂ ସମ୍ପ୍ରଦାୟ ନେତୃତ୍ୱମାନଙ୍କ ପାଇଁ ତାଙ୍କର ଉଦାହରଣ ଝିଅମାନଙ୍କୁ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଗଣିତ ଏବଂ ଗବେଷଣା କ୍ଷେତ୍ରରେ ଯୋଗଦାନ କରିବାକୁ ଉତ୍ସାହିତ କରିଥାଏ ।

ଜେଦ୍ଦାର କିଙ୍ଗ୍ ଅବଦୁଲାଜିଜ୍ ବିଶ୍ୱବିଦ୍ୟାଳୟରେ ଅଜୈବ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ଏବଂ ଡକ୍ଟରେଟ୍ ଡିଗ୍ରୀ ସମାପ୍ତ କରିବା ପୂର୍ବରୁ ପ୍ରଫେସର ଅଲ-ରଦାଦି ତାଇବା ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ପ୍ରଥମ ଶ୍ରେଣୀ ସମ୍ମାନ ସହିତ ସ୍ନାତକ ହାସଲ କରିଥିଲେ । ପରବର୍ତ୍ତୀ ସମୟରେ ସେ ଅଜୈବ ରସାୟନ ବିଜ୍ଞାନ ଏବଂ ନାନୋ ରସାୟନ ବିଜ୍ଞାନରେ ଶିକ୍ଷାଗତ ବୃତ୍ତି ଆରମ୍ଭ କରିଥିଲେ । ଔଷଧୀୟ ଉଦ୍ଭିଦ ନିର୍ଗମକୁ ବ୍ୟବହାର କରି ସେ କେମିକାଲ୍ କମ୍ପାଉଣ୍ଡ୍ ଏବଂ ନାନୋପାର୍ଟିକିଲ୍ସ ପ୍ରସ୍ତୁତି ଉପରେ ଗବେଷଣା କରୁଥିଲେ । ତାଙ୍କର ଦଲିଲଭୁକ୍ତ ପେଟେଣ୍ଟ୍ ମଧ୍ୟରେ କର୍କଟ-କୋଷ ଚିକିତ୍ସାରେ ସମ୍ଭାବ୍ୟ ପ୍ରୟୋଗ ଉଦ୍ଦେଶ୍ୟରେ ସାଉଦି ଖଜୁରୀ ନିର୍ଗମ ବ୍ୟବହାର କରି ପ୍ରସ୍ତୁତ ପ୍ଲାଟିନମ୍ ନାନୋପାର୍ଟିକଲ୍ ଉପରେ ଗବେଷଣା, ଏବଂ ହେଲିକୋବ୍ୟାକ୍ଟର ପାଇଲୋରି ବିରୁଦ୍ଧରେ ଅଲିଭ୍ ତେଲର ପ୍ରଭାବକୁ ଉନ୍ନତ କରିବା ପାଇଁ ସୁନା-ପ୍ରଲେପିତ ଲୁହା-ମିଶ୍ରିତ ନାନୋପାର୍ଟିକଲର ସମ୍ଭାବନା ଉପରେ କରାଯାଇଥିବା ଗବେଷଣା ଅନ୍ତର୍ଭୁକ୍ତ। ଗବେଷଣା ଏକ ପରିକ୍ଷାଗାରରେ ଗୋଟିଏ ପ୍ରଶ୍ନରୁ ଆରମ୍ଭ ହୋଇପାରେ ଏବଂ ଶେଷରେ ଔଷଧ, ସାମଗ୍ରୀ ବିଜ୍ଞାନ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ସମାଧାନର ସୂତ୍ର ହୋଇପାରେ । ବୈଜ୍ଞାନିକ ପ୍ରଗତି ପାଇଁ ଧୈର୍ଯ୍ୟ, ସତର୍କ ପରୀକ୍ଷଣ, ସହଯୋଗ ଏବଂ ଅସଫଳ ପ୍ରୟାସରୁ ଶିଖିବାର ଇଚ୍ଛା ଆବଶ୍ୟକ ।

ବୈଜ୍ଞାନିକ କ୍ୟାରିୟର ବିଷୟରେ ଚିନ୍ତା କରୁଥିବା ଯୁବ ମୁସଲିମ ମହିଳାମାନଙ୍କ ପାଇଁ ଏହା ଏକ ମୂଲ୍ୟବାନ ଶିକ୍ଷା । ଉତ୍କର୍ଷତା କ୍ୱଚିତ୍ କେବେ ଗୋଟିଏ ମୁହୂର୍ତ୍ତର ସ୍ୱୀକୃତିର ଫଳ ହୋଇଥାଏ । ଏହା ବର୍ଷ ବର୍ଷ ଧରି ଶିକ୍ଷା, ଶୃଙ୍ଖଳା, କୌତୂହଳ ଏବଂ ନିରନ୍ତର ପ୍ରୟାସ ମାଧ୍ୟମରେ ବୃଦ୍ଧି ପାଏ ।

ବିଜ୍ଞାନ ଶିକ୍ଷା ମଧ୍ୟ ଜ୍ଞାନ ଅର୍ଜନର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଚିକିତ୍ସା ବିଜ୍ଞାନ ଓ ଇଞ୍ଜିନିୟରିଂ ପଢ଼ିବା ଦ୍ୱାରା ଆମେ ପ୍ରକୃତିକୁ ବୁଝିବା ସହ ମଣିଷର ଆବଶ୍ୟକତା ପୂରଣ ପାଇଁ ସେହି ଜ୍ଞାନକୁ ବ୍ୟବହାର କରିପାରୁ । ସତ୍ୟନିଷ୍ଠା ଓ ଦୟାଭାବ ସହିତ ଜ୍ଞାନକୁ ବ୍ୟବହାର କଲେ ଏହା ସମାଜର ସେବା କରିବାର ଏକ ମାଧ୍ୟମ ହୋଇପାରେ । ମୁସଲିମ ସମାଜର ସଂସ୍ଥାଗୁଡ଼ିକ ବିଜ୍ଞାନ ସଚେତନତା କାର୍ଯ୍ୟକ୍ରମ, ମହିଳା ବିଶେଷଜ୍ଞଙ୍କ ସହ ଆଲୋଚନା ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାର୍ଗଦର୍ଶନ ଯୋଗାଇ ପାରିବେ । ଧାର୍ମିକ ଗୁରୁମାନେ ମଧ୍ୟ ଉପକାରୀ ଜ୍ଞାନ, ନୈତିକତା ଓ ମାନବ ସେବା ଇସଲାମ ଧର୍ମର ମୂଲ୍ୟବୋଧ ସହ ଜଡ଼ିତ ବୋଲି ବୁଝାଇପାରିବେ।

ସଫଳତାକୁ ସମ୍ମାନ ଜଣାଇବାର ସର୍ବୋତ୍ତମ ଉପାୟ ହେଉଛି ଝିଅମାନଙ୍କୁ ବିଜ୍ଞାନ ପଢ଼ିବା ଓ ଗବେଷଣା କରିବା ପାଇଁ ପ୍ରେରଣା ଓ ସୁଯୋଗ ଦେବା । ମୁସଲିମ ମହିଳାମାନେ ବିଜ୍ଞାନ ଓ ବୈଷୟିକ ଶିକ୍ଷାରେ ଆଗକୁ ବଢ଼ିଲେ ସେମାନେ କେବଳ ନିଜର ଭବିଷ୍ୟତ ନୁହେଁ, ବରଂ ନିଜ ପରିବାର, ସମାଜ ଓ ଦେଶର ଉନ୍ନତିରେ ମଧ୍ୟ ଅବଦାନ ଦେଇପାରିବେ ।

ଫ୍ରାଙ୍କଫୋନ ଏଣ୍ଡ ଜର୍ନାଲିଜମ୍ ଷ୍ଟଡିଜ୍
ଜାମିଆ ମିଲିଆ ଇସଲାମିଆ

ୟୁରୋପରେ ବିଦ୍ରୋହର ନିଆଁ

ହେମନ୍ତ କୁମାର କର

"'ସମଗ୍ର ୟୁରୋପର ଯୁବକ ଏକ ହୁଅ'। ଏହା ଆଉ କେବଳ ଜର୍ମାନୀର କଥା ନୁହେଁ, ଏହା ସମଗ୍ର ମହାଦେଶର ଯୁବ ମନର ପ୍ରତିଫଳନ। ବର୍ଲିନର ପ୍ରାଚୀରରେ ଏବେ ଲେଖା ହେଉଛି - 'ଆମକୁ ଘର ଦିଅ, ଯୁଦ୍ଧ ନୁହେଁ'। ସେମାନେ ଇନଷ୍ଟାଗ୍ରାମରେ ନୁହେଁ, ରାସ୍ତାରେ ଇତିହାସ ଲେଖୁଛନ୍ତି, ଯାହା ସୋସିଆଲ ମିଡିଆର ଭର୍ଚୁଆଲ ଦୁନିଆକୁ ବାସ୍ତବ ରାସ୍ତାରେ ଟାଣି ଆଣିଛି ଏବଂ ନୂଆ ପିଢ଼ିର ଶକ୍ତି ଦେଖାଉଛି।

ଫ୍ରାନ୍ସର ସ୍ୱପ୍ନର ସହର ପ୍ୟାରିସ ଆଉ ସେ ପୁରୁଣା ପ୍ୟାରିସ ନୁହେଁ। ଯେଉଁ ସହରର କାଫେରେ କବିତା ଲେଖା ହେଉଥିଲା, ସେଠି ଏବେ ରାଜରାସ୍ତାରେ ସ୍ଲୋଗାନର ଝଡ଼ ବହୁଛି, ଯାହା ଦଶନ୍ଧି ଧରି ଶାନ୍ତ ଥିବା ରାସ୍ତାକୁ ହଠାତ୍ ଜାଗ୍ରତ କରିଦେଇଛି ଏବଂ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଗତ ସେପ୍ଟେମ୍ବରର ଏକ ମଧ୍ୟାହ୍ନରେ କିଛି ହାଇସ୍କୁଲ ଛାତ୍ର ଖାଲି ଶ୍ରେଣୀଗୃହ ଓ ଭାଙ୍ଗି ପଡୁଥିବା ଛାତକୁ ଦେଖାଇ ପ୍ରଶ୍ନ କରିଥିଲେ - 'ଆମ ଶିକ୍ଷା କେଉଁଠି'? ସେହି କ୍ଷୀଣ ସ୍ୱର ଆଜି ମହାଦେଶର ସବୁଠୁ ବଡ଼ ପ୍ରସଙ୍ଗ ହୋଇଛି। ଫ୍ରାନ୍ସଠାରୁ ବେଲଜିୟମ, ଇଟାଲୀ, ସ୍ପେନ, ପର୍ତ୍ତୁଗାଲ, ଆଲବାନିଆ, ଜର୍ମାନୀ, ଗ୍ରୀସ, ଅଷ୍ଟ୍ରିଆ, ଆୟର୍ଲାଣ୍ଡ, ଡେନମାର୍କ - ଏଗାରଟି ଦେଶର ରାଜରାସ୍ତାରେ ଏବେ ଗୋଟିଏ ପ୍ରଶ୍ନର ପ୍ରତିଧ୍ୱନି। ପରିସ୍ଥିତି ଏତେ ଗମ୍ଭୀର ଯେ ବେଲାରୁଷ ଭଳି ଦେଶ ନିଜ ନାଗରିକଙ୍କୁ କହିଛି - 'ଫ୍ରାନ୍ସ, ବେଲଜିୟମ, ଇଟାଲୀ, ସ୍ପେନ, ପର୍ତ୍ତୁଗାଲ, ଆଲବାନିଆକୁ ଏବେ ଯାଅ ନାହିଁ, ସେଠି ପେନସନ, ଘର, ଶିକ୍ଷା ଓ ଦୁର୍ନୀତିର ନିଆଁ ଜଳୁଛି'। ଏହା ଆଉ ବିଚ୍ଛିନ୍ନ ଘଟଣା ନୁହେଁ, ଏହା ଏକ ଯୁଗର ଅସ୍ଥିରତା। ଅନେକ କହୁଛନ୍ତି, ୧୯୬୮ର ଛାତ୍ର ବିଦ୍ରୋହ ପରେ ଏଭଳି ସମ୍ମିଳିତ ଜାଗରଣ ୟୁରୋପ ଦେଖି ନ ଥିଲା। ପ୍ରଥମେ ଏହାକୁ ସାମାନ୍ୟ ଅସନ୍ତୋଷ ବୋଲି ଭାବିଥିବା ସରକାର ଏବେ ବୁଝିଲେଣି - ଏହା ଗୋଟିଏ ପିଢ଼ିର ଅସ୍ତିତ୍ୱର ଲଢ଼େଇ, ଯାହା କେବଳ ଦାବି ନୁହେଁ, ବରଂ ବଞ୍ଚିବାର ଆକୁଳ ଚିତ୍କାର, ଯାହାକୁ ଆଉ ଦବାଇ ରଖିହେବ ନାହିଁ। ଏହି ଚେତାବନୀ ହିଁ ପ୍ରମାଣ କରୁଛି ଯେ ଏହା ଏକ ମହାଦେଶବ୍ୟାପୀ ଲହର, ଯାହାକୁ ଆଉ ଅଣଦେଖା କରାଯାଇ ପାରିବ ନାହିଁ। ଏହା କେବଳ ରାଜନୀତି ନୁହେଁ, ଏହା ପ୍ରତି ପରିବାରର ରୋଷେଇ ଘରର କଥା, ପ୍ରତି ଛାତ୍ରର ସ୍ୱପ୍ନ ଭାଙ୍ଗିବାର ଯନ୍ତ୍ରଣା, ଯାହା ପ୍ରତିଦିନ ବଢ଼ି ଚାଲିଛି।

ଫ୍ରାନ୍ସ ହେଉଛି ଏହି ଝଡ଼ର ଆଖି। ସେପ୍ଟେମ୍ବରର ଅଭିମାନ ଅକ୍ଟୋବରରେ ବିସ୍ଫୋରଣ ହେଲା। ୧୭ ଅକ୍ଟୋବରରେ ସାରା ଫ୍ରାନ୍ସରେ ପାଞ୍ଚ ଲକ୍ଷ ପଚାଶ ହଜାର ମଣିଷ ରାସ୍ତାକୁ ଓହ୍ଲାଇଲା, ଯାହାକୁ ବର୍ଷର ସବୁଠୁ ରକ୍ତାକ୍ତ ଦିନ ବୋଲି ଇତିହାସ ଲେଖିଲା। ୩୦୦୦ ଦୋକାନରେ ଲୁଟ୍ ପାଟ୍ ହେଲା, ୯୯୭ ପୋଲିସ ଆହତ ହେଲେ। ୫ ନଭେମ୍ବରରେ ସରକାରଙ୍କ ୪୪ ବିଲିୟନର ପ୍ରତ୍ୟକ୍ଷ କାଟ୍ ଓ ମୋଟ ୫୪ ବିଲିୟନ ୟୁରୋ ମିତବ୍ୟୟୀ ବଜେଟ ବିରୁଦ୍ଧରେ ପାଞ୍ଚ ଲକ୍ଷ ପଞ୍ଚସ୍ତରି ହଜାର ଲୋକଙ୍କ ବିଶାଳ ସମାବେଶ, ଆୟୋଜକଙ୍କ କହିବା ଅନୁଯାୟୀ ଷୋଳ ଲକ୍ଷ। ୭ ନଭେମ୍ବରରେ ପୁଣି ଏକ ଲକ୍ଷ ଛୟଚାଳିଶ ହଜାର, କେବଳ ପ୍ୟାରିସରେ ଛୟଚାଳିଶ ହଜାର। ସତୁରି ହଜାର ପୋଲିସ, ଲୁହବୁହା ଗ୍ୟାସ, ପୋଡ଼ା ବ୍ୟାରିକେଡ। ଏଠି କେବଳ ଛାତ୍ର ନୁହଁନ୍ତି, ଶିକ୍ଷକ, ରେଳ କର୍ମଚାରୀ, ଶ୍ରମିକ, ଆଉ ସେହି ପୁରୁଣା ୟେଲୋ ଭେଷ୍ଟ, ଯିଏ ଦଶ ବର୍ଷ ପୂର୍ବେ ମାକ୍ରନଙ୍କ ପ୍ରାସାଦ ହଲାଇ ଦେଇଥିଲା, ଆଜି ପୁଣି ସେହି ଶକ୍ତି ନେଇ ଫେରିଛି। ଏପ୍ରିଲ ୨୦୨୭ ରାଷ୍ଟ୍ରପତି ନିର୍ବାଚନ ଆଗରେ ଏହା କେବଳ ଆନ୍ଦୋଳନ ନୁହେଁ, ଏକ ଭବିଷ୍ୟତର ଜନମତ। ସ୍ୱରାଷ୍ଟ୍ର ମନ୍ତ୍ରୀ କହୁଛନ୍ତି ସରକାର ପ୍ରସ୍ତୁତ, କିନ୍ତୁ ପ୍ରତି ସପ୍ତାହରେ ସେତେ ପୋଲିସ ମୁତୟନ କରିବା କେତେ ସମ୍ଭବ ? ଲିୟନରୁ ମାର୍ସେଇ ପର୍ଯ୍ୟନ୍ତ ସହରଗୁଡ଼ିକରେ ଦୋକାନ ବନ୍ଦ, ସ୍କୁଲ ବନ୍ଦ, ଜୀବନ ଅଚଳ ହୋଇପଡ଼ିଛି, ଆଉ ସରକାର କେବଳ ଦମନ ରଣନୀତିରେ ଅଟକି ରହିଛି, ଯାହା ସମାଧାନ ନୁହେଁ ବରଂ ସମସ୍ୟାକୁ ଗଭୀର କରୁଛି।

ଏହି ନିଆଁ ଜର୍ମାନୀରେ ଅନ୍ୟ ରଙ୍ଗ ନେଇଛି। ଏଠି ଯୁବକ ନିଜକୁ ଜେନ୍ ଜେଡ୍ ରେଜଲ୍ଟ କହୁଛି ଜେନ୍ ଜେଡ ରେଜେଲ୍ଟ- ଆମେ ସମ୍ଭାଳିବୁ। ୩୧ ଅକ୍ଟୋବରରେ ତିରିଶଟି ସହରରେ ଏକ ଲକ୍ଷରୁ ଅଧିକ ଲୋକ ଏକାଠି ହେଲେ। ସେମାନେ ମାଗୁଛନ୍ତି- 'ଗୋଟିଏ ଛାତ, ଗୋଟିଏ ବହି, ଗୋଟିଏ ନ୍ୟାୟ, ଆଉ ଯୁଦ୍ଧ ନୁହେଁ, ମୁକ୍ତି'। ଫ୍ରାଙ୍କଫର୍ଟରେ ସେହି ସ୍ୱପ୍ନ କେତେବେଳେ ପଥର ହୋଇଗଲା, ଦୋକାନ ଭାଙ୍ଗିଲା, ପୋଲିସ ସହ ମୁହାଁମୁହିଁ ହେଲା। ସେମାନେ ୨୦ ନଭେମ୍ବରକୁ ଡାକରା ଦେଇଛନ୍ତି - 'ସମଗ୍ର ୟୁରୋପର ଯୁବକ ଏକ ହୁଅ'। ଏହା ଆଉ କେବଳ ଜର୍ମାନୀର କଥା ନୁହେଁ, ଏହା ସମଗ୍ର ମହାଦେଶର ଯୁବ ମନର ପ୍ରତିଫଳନ। ବର୍ଲିନର ପ୍ରାଚୀରରେ ଏବେ ଲେଖା ହେଉଛି - 'ଆମକୁ ଘର ଦିଅ, ଯୁଦ୍ଧ ନୁହେଁ'। ସେମାନେ ଇନଷ୍ଟାଗ୍ରାମରେ ନୁହେଁ, ରାସ୍ତାରେ ଇତିହାସ ଲେଖୁଛନ୍ତି, ଯାହା ସୋସିଆଲ ମିଡିଆର ଭର୍ଚୁଆଲ ଦୁନିଆକୁ ବାସ୍ତବ ରାସ୍ତାରେ ଟାଣି ଆଣିଛି ଏବଂ ନୂଆ ପିଢ଼ିର ଶକ୍ତି ଦେଖାଉଛି।

ଇଟାଲୀର କାହାଣୀ ଆହୁରି ବେଦନାମୟ। ୩୦ ଅକ୍ଟୋବରରେ ଷାଠିଏ ସହରରେ ପନ୍ଦର ଲକ୍ଷ ପାଦ ଚିହ୍ନ, ରୋମରୁ ମିଲାନ, ନାପୋଲିରୁ ତୁରିନ ପର୍ଯ୍ୟନ୍ତ ଶ୍ରମିକ ଓ ଛାତ୍ର କାନ୍ଧରେ କାନ୍ଧ ମିଶାଇଲେ। ସେମାନେ ପଚାରୁଛନ୍ତି, 'ଆମ ପାଇଁ ରୁଟି ନାହିଁ, ଆଉ ତୁମେ ବନ୍ଧୁକ କିଣୁଛ'? ସ୍ପେନ ଓ ପର୍ତ୍ତୁଗାଲରେ ଯନ୍ତ୍ରଣା ଆହୁରି ଅଧିକ। ଲିସବନର କାମୋଏସ ଛକରେ ହଜାର ହଜାର ମଣିଷ କହୁଥିଲା- ଘର ଭଡ଼ା ଆମ ଦରମାଠୁ ବଡ଼। ଦୁଇ ବର୍ଷରେ ଚାଳିଶ ପ୍ରତିଶତ ଭଡ଼ା ବଢ଼ିଛି, ମଧ୍ୟବିତ୍ତର ସ୍ୱପ୍ନ ଭୁଶୁଡ଼ି ପଡ଼ିଛି। ୧ ନଭେମ୍ବରରେ ପୋଲିସ ସେମାନଙ୍କ ତମ୍ବୁ ଉପାଡ଼ି ଫିଙ୍ଗିଲା, କିନ୍ତୁ ଯନ୍ତ୍ରଣାକୁ ନୁହେଁ। ବେଲଜିୟମରେ ପେନସନ ଓ ଶିକ୍ଷା, ଆଲବାନିଆରେ ଦୁର୍ନୀତି ଓ ଫିସ୍ ବୃଦ୍ଧି - ସମାନ କ୍ଷତ, ଭିନ୍ନ ନାମ। ପୋର୍ଟୋରେ ପୋଲିସ ଲାଠି ଚାଳନା ସତ୍ତ୍ୱେ ଛାତ୍ରୀମାନେ ବସି ରହିଲେ, ସେହି ଦୃଶ୍ୟ ଏବେ ସୋସିଆଲ ମିଡିଆରେ ପ୍ରତୀକ, ଯାହା ସାହସ ଓ ସଂକଳ୍ପର ନିଦର୍ଶନ ହୋଇଛି।

ଏହା ବ୍ୟତୀତ ଡେନମାର୍କରେ ୪ ନଭେମ୍ବରରେ ୫୭ ସ୍କୁଲର ଚାଳିଶ ହଜାର ଛାତ୍ର କଲମ ରଖି ରାସ୍ତାକୁ ଆସିଲେ, ତେର ହଜାର କଣ୍ଠ ସିଟି ହଲରୁ ସଂସଦ ଯାଏ ଗର୍ଜିଲା - ଯଥେଷ୍ଟ ହୋଇଛି। ସେମାନେ ଛାତ୍ର ଭତ୍ତା କାଟ ବିରୁଦ୍ଧରେ। ଅଷ୍ଟ୍ରିଆ, ଆୟର୍ଲାଣ୍ଡ, ଗ୍ରୀସରେ ମଧ ସମାନ ସ୍ୱର। ଶାନ୍ତ ସ୍ୱିଜରଲାଣ୍ଡର ଜୁରିକ ଓ ବାସେଲରେ ପ୍ରଥମ ନଭେମ୍ବର ରାତିରେ ବ୍ୟାରିକେଡ ଜଳିଲା, ପଥର ବର୍ଷିଲା। ୬ ଓ ୭ ନଭେମ୍ବରରେ ପନ୍ଦରଟି ଦେଶରେ ଶହେରୁ ଅଧିକ ସଂଗଠନ ଡାଟା ସେଣ୍ଟର ବିସ୍ତାର ବିରୁଦ୍ଧରେ ଠିଆ ହେଲେ - ଏହା କେବଳ ରୁଟି ପାଇଁ ଲଢ଼େଇ ନୁହେଁ, ମାଟି ଓ ଭବିଷ୍ୟତ ସକାଶେ ଲଢ଼େଇ। କୋପେନହେଗନର ସେହି ପଦଯାତ୍ରା ଏବେ ୟୁରୋପର ନୂଆ ପ୍ରତୀକ, ଯାହା କେବଳ ଡେନମାର୍କ ନୁହେଁ, ସମଗ୍ର ମହାଦେଶକୁ ଏକତ୍ର କରିଛି।

ପ୍ରଭାବିତ ପ୍ରତିଟି ଦେଶର ଭାଷା ଅଲଗା, ସୀମା ଅଲଗା, ହେଲେ ଦୁଃଖ ଗୋଟିଏ। ମୁଦ୍ରାସ୍ଫୀତି ମଧ୍ୟବିତ୍ତର ଥାଳିରୁ ରୁଟି ଛଡ଼ାଇ ନେଇଛି। ଘର ଏବେ ସ୍ୱପ୍ନ ନୁହେଁ, ବିଳାସ। ଶିକ୍ଷା ଉପରେ ବାରମ୍ବାର ଆଘାତ, ଫ୍ରାନ୍ସରେ ଶିକ୍ଷକ ନାହିଁ, ଡେନମାର୍କରେ ଭତ୍ତା ନାହିଁ, ଆଲବାନିଆରେ ଫିସ୍ ଆକାଶଛୁଆଁ। ସରକାର ମିତବ୍ୟୟୀ କହି ଜନତାର ପକେଟ କାଟୁଛି, ଫ୍ରାନ୍ସର ୪୪ ବିଲିୟନ ୟୁରୋ କାଟ, ଇଟାଲୀର ଯୁଦ୍ଧ ବଜେଟ ତାର ପ୍ରମାଣ। କିନ୍ତୁ ସବୁଠୁ ବଡ଼ କଥା, ଏହା ଏକ ପିଢ଼ିର ଆତ୍ମକଥା। ଏହାକୁ ଏରଭ ତ ବିପ୍ଳବ କୁହାଯାଉଛି। ଯେଉଁ ପିଢ଼ି ଟିକ୍ ଟକ୍ ରେ ବଡ ହେଲା, ସେ ପିଢ଼ି ଏବେ ରାସ୍ତାରେ ସମ୍ବିଧାନ ଲେଖୁଛି - ଜଳବାୟୁ, ନ୍ୟାୟ ଓ ବଞ୍ଚିବାର ଅଧିକାର। ଯେଉଁମାନେ ଦିନେ ମିମ୍ ବନାଉଥିଲେ, ଆଜି ସେମାନେ ପ୍ଲାକାର୍ଡ ବନାଉଛନ୍ତି, ଯାହା ୟୁରୋପର ରାଜନୀତିକୁ ନୂଆ ଭାଷା ଦେଉଛି। ଏହା କେବଳ ଅର୍ଥନୀତି ନୁହେଁ, ଏହା ସମ୍ମାନର ପ୍ରଶ୍ନ, ଯାହା ପ୍ରତି ଘରେ ପ୍ରତିଧ୍ୱନିତ ହେଉଛି ଏବଂ ପ୍ରତି ହୃଦୟକୁ ଛୁଇଁଛି।

ଏହି ନିଆଁ କେବଳ ରାସ୍ତା ପୋଡୁ ନାହିଁ, ଏହା ବ୍ୟବସ୍ଥାକୁ ପୋଡୁଛି। ଫ୍ରାନ୍ସରେ ଏହା ନିର୍ବାଚନର ଦିଗ ବଦଳାଇପାରେ, ଉଗ୍ର ଦକ୍ଷିଣପନ୍ଥୀ ଲାଭ ପାଇପାରେ। ୟୁରୋପୀୟ ୟୁନିଅନର ବଜେଟ ନୀତିରେ ଫାଟ ପଡିଛି। ରେଳ ବନ୍ଦ, ବିମାନ ବିଳମ୍ବ, ପର୍ଯ୍ୟଟନ ଥମିଛି। ସତୁରି ହଜାର ପୋଲିସ ପ୍ରତି ସପ୍ତାହରେ ମୁତୟନ କରିବା କୌଣସି ରାଷ୍ଟ୍ର ପାଇଁ ସହଜ ନୁହେଁ। ଏହି ନଭେମ୍ବର ୨୦ ତାରିଖରେ ୧୧ ଟି ଦେଶର ୨୭ ଟି ଛାତ୍ର-ଯୁବ ସଙ୍ଗଠନର 'ଯୁବ ଦିବସ ଡାକରା' ଏହି ନିଆଁକୁ ଆହୁରି ବିସ୍ତାର କରିବ, ଯାହା ଏକ ନୂଆ ଇତିହାସ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ବିଶ୍ଳେଷକ କହୁଛନ୍ତି, ଏହା ସରକାର ବଦଳାଇବ ନାହିଁ, ଏହା ୟୁରୋପର ସାମାଜିକ ଚୁକ୍ତିକୁ ନୂଆ କରି ଲେଖିବ। ଶେଷରେ ଗୋଟିଏ ପ୍ରଶ୍ନ ରହୁଛି, ଯାହା ପ୍ୟାରିସରୁ ଆଥେନ୍ସ ପର୍ଯ୍ୟନ୍ତ ପ୍ରତି କଣ୍ଠରେ - 'ଆମ ଭବିଷ୍ୟତ କେଉଁଠି'? ଏହାର ଉତ୍ତର ନ ମିଳିବା ଯାଏ ୟୁରୋପର ରାସ୍ତାରେ ଏହି ନିଆଁ ଲିଭିବ ନାହିଁ, ବରଂ ଆହୁରି ବ୍ୟାପିବ। ତେଣୁ ଏହି ସଙ୍ଗୀନ ସ୍ଥିତିର ଆଶୁ ସମାଧାନ ପାଇଁ ସମ୍ପୃକ୍ତ ରାଷ୍ଟ୍ରଗୁଡିକ ତୁରନ୍ତ ଓ ଦୃଢ଼ ପଦକ୍ଷେପ ନେବା ଏକାନ୍ତ ଅପରିକଳିଙ୍ଗ ନଗର-୧, ଭୁବନେଶ୍ୱର

ମୋ: ୯୮୬୧୫୬୨୧୧୦

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକଙ୍କ ଗୁଣପୁର ଗସ୍ତ

ଗୁଣପୁର,୧୨।୧୧ (ନିପ୍ର): ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ ଗୁଣପୁର ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ଗୁଣପୁରସ୍ଥ ସୂଚନା କେନ୍ଦ୍ର ଓ ପାଠାଗାର ପରିଦର୍ଶନ କରିଥିଲେ। ପାଠାଗାରରେ ଗଚ୍ଛିତ ଥିବା ବହି, ଖବର କାଗଜ, ସଭ୍ୟ ସଭ୍ୟାଙ୍କ ସଦସ୍ୟତା ଆଦି ଯାଞ୍ଚ କରିଥିଲେ। ପାଠାଗାରର ସଜସଜ୍ଜା, ବିଭିନ୍ନ ପ୍ରତିଯୋଗିତା ନିମନ୍ତେ ଯୁବ ବର୍ଗଙ୍କୁ ପରୀକ୍ଷା ପ୍ରସ୍ତୁତି ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଦେଖି ଉପନିର୍ଦ୍ଦେଶକ ଖୁସି ବ୍ୟକ୍ତ କରିଥିଲେ। ପ୍ରତିଦିନ ପାଠାଗାରକୁ



ଆସୁଥିବା ପାଠକ ଓ ବିଭିନ୍ନ ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତି କରୁଥିବା ଯୁବ ସମାଜ ପାଠାଗାରକୁ ଆସି ପ୍ରସ୍ତୁତି ଚଲାଇବା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି (ନେଟ, ଏସି) ପ୍ରସ୍ତୁତ କରିବା ନିମନ୍ତେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉପନିର୍ଦ୍ଦେଶକଙ୍କ ଏହି ଗସ୍ତ ସମୟରେ ଗୁଣପୁରର ସାମ୍ବାଦିକ ପ୍ରମୁଖ ସାକ୍ଷାତ କରି ପାଠାଗାର ନିକଟରେ ସଭାଗୃହ ତିଆରି କରିବା, ସାମ୍ବାଦିକଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା, ଆଦି ଉପରେ ଆଲୋଚନା କରିଥିଲେ । ପରେ ଉପ ନିର୍ଦ୍ଦେଶକ ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପଙ୍କ ସହ ସାକ୍ଷାତ କରି ସୂଚନା କେନ୍ଦ୍ରର ଆବଶ୍ୟକ ଦସ୍ତାବିଜ ନିମନ୍ତେ ଅନୁରୋଧ କରିଥିଲେ । ଉପ ନର୍ଦ୍ଦେଶକଙ୍କ ଗସ୍ତ ସମୟରେ ରାୟଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ରାୟଗଡ଼ ସୂଚନା କେନ୍ଦ୍ର ଗ୍ରନ୍ଥାଗାରିକ ଡ଼ମ୍ବରୁଧର ପଣ୍ଡା, ଅନନ୍ତ ପାତ୍ର, ସୋମନାଥ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

ରକ୍ତଦାନ କରି ମହିଳାଙ୍କ ଜୀବନ ବଞ୍ଚାଇଲେ ହୋମଗାର୍ଡ

ପାରଳାଖେମୁଣ୍ଡି,୧୨।୧୧ (ନିପ୍ର); କେବଳ ଆଇନଶୃଙ୍ଖଳା ରକ୍ଷା ନୁହେଁ, ଆବଶ୍ୟକ ସମୟରେ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାରେ ମଧ ପୁଲିସ କର୍ମଚାରୀ କିଭଳି ପଛଘୁଞ୍ଚା ଦିଅନ୍ତି ନାହିଁ ତା'ର ଏକ ଉଦାହରଣ ସୃଷ୍ଟି କରିଛନ୍ତି ଗଜପତି ଜିଲ୍ଲା ପୁଲିସ ବିଭାଗର ହୋମଗାର୍ଡ ରାଧାକାନ୍ତ ପାଢ଼ୀ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ମହିଳାଙ୍କୁ ଜରୁରୀ ସମୟରେ ରକ୍ତଦାନ କରି ସେ ମାନବିକତା ଓ ସେବା ମନୋଭାବର ପରିଚୟ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମହିଳା




ଚିକିତ୍ସିତ ହେଉଛନ୍ତି। ତାଙ୍କ ପାଇଁ ରକ୍ତର ଆବଶ୍ୟକତା ପଡ଼ିଥିଲା । ଏଭଳି ପରିସ୍ଥିତିରେ ହୋମଗାର୍ଡ ଶ୍ରୀ ପାଢ଼ୀ ଆଗେଇ ଆସି ରକ୍ତଦାନ କରିଥିଲେ। ତାଙ୍କର ଏହି ତତ୍ପରତା ମହିଳାଙ୍କ ଚିକିତ୍ସାରେ ସହାୟକ ହୋଇଥିଲା ଅସହାୟ ରୋଗୀଙ୍କ ଜୀବନ ରକ୍ଷା ପାଇଁ ଆଗେଇ ଆସିବା ତାଙ୍କର ସାମାଜିକ ଦାୟିତ୍ୱବୋଧ ଓ ମାନବିକତାକୁ ପ୍ରତିଫଳିତ କରିଛି। ତାଙ୍କର ଏହି ମହତ୍ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରାଜସ୍ୱ, ପିଏମଜି ପ୍ରଗତି ଓ ଜଳସୁରକ୍ଷା ବୈଠକ

ମାଲକାନଗିରି,୧୨।୧୧(ନିପ୍ର); ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମାସିକ ରାଜସ୍ୱ ସମୀକ୍ଷା, ପିଏମଜି ପ୍ରଗତି ଏବଂ ଜଳ ସୁରକ୍ଷା କାର୍ଯ୍ୟ ଯୋଜନା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଥମେ ଜିଲ୍ଲାର ବିଭିନ୍ନ ରାଜସ୍ୱ ମାମଲା, ଜମି ପଟ୍ଟା ବଣ୍ଟନ, ରାଜସ୍ୱ ଆଦାୟ ଏବଂ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ସ୍ଥିତି ସମ୍ପର୍କରେ ଟିକନିଖି ସମୀକ୍ଷା କରାଯାଇଥିଲା। ଭିତ୍ତିଭୂମି ବିକାଶ ତଥା ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣବତ୍ତାର ସହ ଶେଷ କରିବା ଲାଗି ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଜିଲ୍ଲାର ଜଳ ସୁରକ୍ଷା କାର୍ଯ୍ୟ ଯୋଜନା ଉପରେ ଏକ ସ୍ୱତନ୍ତ୍ର ଆଲୋଚନା କରାଯାଇଥିଲା। ବୈଠକରେ ପ୍ରୋଜେକ୍ଟର ମାଧ୍ୟମରେ ଲୁଜ୍ ବୋଲ୍ଡର ଷ୍ଟ୍ରକଚର ଭଳି ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ ପ୍ରଣାଳୀ ଜରିଆରେ କିପରି ଜଳ ସଂରକ୍ଷଣ କରାଯାଇପାରିବ ସେ ନେଇ ପ୍ରଦର୍ଶନ କରାଯାଇଥିଲା। ଆଗାମୀ ଦିନରେ ବୃଷ୍ଟିଜଳ ଅମଳ, ସଠିକ୍ ନଦୀବନ୍ଧ ପରିଚାଳନା ଏବଂ ସମସ୍ତଙ୍କ ନିକଟରେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବା ଦିଗରେ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ସାଧାରଣ ଲୋକଙ୍କ ସମସ୍ୟାର ତ୍ୱରିତ୍ ସମାଧାନ ଓ ସରକାରୀ ଯୋଜନାର ସଫଳ ରୂପାୟନ ଆମର ପ୍ରମୁଖ ପ୍ରାଥମିକତା। ବିଶେଷ କରି ଜଳ ସଂରକ୍ଷଣ ଦିଗରେ ବ୍ୟବହାରିକ ପଦକ୍ଷେପ ନେବା ସହ ଜିଲ୍ଲାରେ ଚାଲୁ ରହିଥିବା ସମସ୍ତ ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ପୂର୍ବରୁ ସମ୍ପୂର୍ଣ୍ଣ କରିବାକୁ ସମସ୍ତ ବିଭାଗ ଆନ୍ତରିକତାର ସହ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଏହି ଉଚ୍ଚସ୍ତରୀୟ ବୈଠକରେ ମଞ୍ଚାସୀନ ଥିବା ଅନ୍ୟାନ୍ୟ ଅଧିକାରୀମାନଙ୍କ ମଧ୍ୟରେ ଡିଏଫଓ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ସିଡିଓ-କମ୍-ଇଓ ଦାଶରଥୀ ସରାବୁ, ପିଏ ଆଇଟିଡିଏ ହଳଧର ଶବର ଏବଂ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ଡାବୁଗାଁରେ ନୂତନ ଶିବଲିଙ୍ଗଙ୍କ ଆବିର୍ଭାବ

ଡାବୁଗାଁ,୧୨।୧୧ (ନିପ୍ର); ଡାବୁଗାଁ ଠାରୁ ମାତ୍ର ୧ କିଲୋମିଟର ଦୂରରେ ମୈଦଲପୁର ଯିବା ରାସ୍ତାରେ ନୂତନ ଭାବରେ ମହାଦେବଙ୍କ ଶିବଲିଙ୍ଗ ଆବିର୍ଭାବ ହୋଇଥିବା ଖବର ମିଳିଛି। ଏହା ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଭକ୍ତି ଓ ଆନନ୍ଦର ମାହୋଲ ସୃଷ୍ଟି ହୋଇଛି। ପ୍ରତିଦିନ ଶହ ଶହ ଶିବ ଭକ୍ତ ସେହି ସ୍ଥାନକୁ ଯାଇ ମହାଦେବଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରୁଛନ୍ତି। ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସକୁ ଦୃଷ୍ଟିରେ ରଖି ଏହି ସ୍ଥାନରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରିବାକୁ ଭକ୍ତମାନେ ଅନୁରୋଧ କରିଛନ୍ତି। ଭକ୍ତଙ୍କ ଦାବି, ପ୍ରଶାସନ ଏବଂ



ଜନପ୍ରତିନିଧିଙ୍କ ମିଳିତ ଉଦ୍ୟମରେ ଏଠାରେ ଏକ ସୁନ୍ଦର ଓ ଭବ୍ୟ ଶିବ ମନ୍ଦିର ତିଆରି କରାଯାଉ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ସୁବିଧାରେ ଦର୍ଶନ ଓ ପୂଜା କରିପାରିବେ। ଏହି ନୂତନ ଶିବଲିଙ୍ଗଙ୍କ ଆବିର୍ଭାବକୁ ନେଇ ଡାବୁଗାଁ ଅଞ୍ଚଳରେ ବେଶ୍ ଉତ୍ସାହ ଦେଖାଦେଇଛି।

ଗୁଣପୁର ପୌରପାଳିକାରେ ୱାର୍ଡ ପୁନର୍ଗଠନକୁ ନେଇ ତେଜିଲା ବିବାଦ !

ସ୍ୱତନ୍ତ୍ର କାଉନସିଲ୍ ବୈଠକ ଡାକିବାକୁ କାଉନସିଲରଙ୍କ ଦାବି

ରାୟଗଡା,୧୨।୧୧(ନିପ୍ର);ରାୟଗଡା ଜିଲ୍ଲା ଅନ୍ତର୍ଗତ ଗୁଣପୁର ପୌରପାଳିକାରେ ୱାର୍ଡ ସୀମା ପୁନର୍ଗଠନ ଓ ଆସନ ସଂରକ୍ଷଣକୁ ନେଇ ରାଜନୈତିକ ଓ ପ୍ରଶାସନିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏହି ପ୍ରକ୍ରିୟାରେ ନିର୍ବାଚିତ କାଉନସିଲରମାନଙ୍କୁ ଅନ୍ଧାରରେ ରଖାଯାଉଥିବା ଅଭିଯୋଗ ଆଣି ସ୍ୱତନ୍ତ୍ର କାଉନସିଲ୍ ବୈଠକ ଡାକିବାକୁ ଦାବି କରିଛନ୍ତି ପୌରପାଳିକାର କାଉନସିଲରମାନେ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ପାଇଁ ନୂତନ ସମୟସୂଚୀ ଜାରି କରିଛି। ଏହାକୁ ନେଇ ଗୁଣପୁର ପୌର ପ୍ରଶାସନର ପରବର୍ତ୍ତୀ ଭୂମିକା ଉପରେ ଏବେ ନଜର ରହିଛି। ପୌରପାଳିକାର ନିର୍ବାଚିତ କାଉନସିଲର ବୃନ୍ଦ ଦେବୀ ପ୍ରସାଦ ଆଚାର୍ଯ୍ୟ, ଭାଗିରଥି ବିଷୋୟୀ, ଶିବ ପ୍ରସାଦ ପାଢ଼ୀ, ସବିତା କୁମାରୀ ବାଉରୀ,ମମତା ଶତପଥି, ମୁପାନା ରାଧା ପ୍ରମୁଖ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ଦେଇଥିବା ଲିଖିତ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ୱାର୍ଡ ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କରେ ପୌର ବିଭାଗ ପକ୍ଷରୁ ୧୦.୦୯.୨୦୨୬ ତାରିଖରେ ପତ୍ର ସଂଖ୍ୟା ୨୫୭୫୨/ ଏଚ୍‌ୟୁଡି, ୧୮.୦୯.୨୦୨୬ରେ ପତ୍ର ସଂଖ୍ୟା ୨୬୩୨୭/ଏଚ୍‌ୟୁଡି ଏବଂ ୨୩.୦୯.୨୦୨୬ରେ ପତ୍ର ସଂଖ୍ୟା ୨୭୦୬୪/ଏଚ୍‌ୟୁଡି ଜାରି ହୋଇଥିଲା। ଏତେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିର୍ବାଚିତ ପୌର ପରିଷଦର ସ୍ୱତନ୍ତ୍ର ବୈଠକ ଡାକି ଆଲୋଚନା ଓ ମତାମତ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି। ତୁରନ୍ତ ଏକ ସ୍ୱତନ୍ତ୍ର କିମ୍ବା ଜରୁରୀକାଳୀନ କାଉନସିଲ୍ ବୈଠକ ଡାକି ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ଉପରେ ଆଲୋଚନା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

ନଚେତ୍ ନିର୍ଦ୍ଧାରିତ ପ୍ରକ୍ରିୟାରେ ତ୍ରୁଟି ରହିଯିବାର ଆଶଙ୍କା ଥିବା ସେମାନେ ପ୍ରକାଶ କରିଛନ୍ତି। ଏହି ବିବାଦ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗର ମ୍ୟୁନିସିପାଲ୍ ଆଡମିନିଷ୍ଟ୍ରେସନ୍ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ଦ୍ୱାରା ୦୭.୧୧.୨୦୨୬ ତାରିଖରେ ପତ୍ର ସଂଖ୍ୟା ୩୦୫୬୩/ ଏଚ୍‌ୟୁଡି ଜାରି ହୋଇଛି। ଏଥିରେ ରାଜ୍ୟର ପୌରପାଳିକା ଓ ଏନ୍‌ଏସିଗୁଡ଼ିକର ୱାର୍ଡ ସୀମା ନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ ପ୍ରକ୍ରିୟା ପାଇଁ ସଂଶୋଧିତ ସମୟସୂଚୀ ଘୋଷଣା କରାଯାଇଛି। ଓଡ଼ିଶା ମ୍ୟୁନିସିପାଲ୍ ଆକ୍ଟ, ୧୯୫୦ର ଧାରା ୧୨ ଓ ସମ୍ପୃକ୍ତ ନିୟମାବଳୀ ଅନୁଯାୟୀ ଜିଲ୍ଲାପାଳମାନଙ୍କୁ ଏହି ପ୍ରକ୍ରିୟା ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ନୂତନ ସମୟସୂଚୀ ଅନୁସାରେ: ଡିସେମ୍ବର ୧୦, ୨୦୨୬: ୱାର୍ଡ ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କିତ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ। ୨. ଡିସେମ୍ବର ୧୯, ୨୦୨୬:ପ୍ରସ୍ତାବିତ ୱାର୍ଡ ସୀମା ଓ ସଂରକ୍ଷଣ ଉପରେ ଆପତ୍ତି ଓ ପରାମର୍ଶ ଦାଖଲର ଶେଷ ତାରିଖ।୩. ଡିସେମ୍ବର ୨୪, ୨୦୨୬: ଜିଲ୍ଲାପାଳଙ୍କ ଦ୍ୱାରା ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ। ୪. ଡିସେମ୍ବର ୨୪, ୨୦୨୬ରୁ ଜାନୁଆରୀ ୭, ୨୦୨୭:ୱାର୍ଡ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ସମ୍ପର୍କିତ ବିଜ୍ଞପ୍ତି ବିରୋଧରେ ସରକାରଙ୍କ ନିକଟରେ ଅପିଲ୍ ଦାଖଲ।୫. ଜାନୁଆରୀ ୧୫ରୁ ୨୫, ୨୦୨୭: ଅପିଲଗୁଡ଼ିକର ଶୁଣାଣି ଓ ଚୂଡ଼ାନ୍ତ ନିଷ୍ପତ୍ତି। ୬. ଜାନୁଆରୀ ୩୦, ୨୦୨୭: ସମସ୍ତ ଅପିଲ୍‌ର ନିଷ୍ପତ୍ତି ପରେ ଜିଲ୍ଲାପାଳଙ୍କ ଦ୍ୱାରା ଚୂଡ଼ାନ୍ତ ୱାର୍ଡ ସୀମା ଓ ଆସନ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ କରିବାକୁ କୁହାଯାଇଛି।

ତରଭା ସହରର ଡ୍ରେନେଜ୍ ଓ ଜଳ ପରିଚାଳନା ପ୍ରକଳ୍ପର ଡିପିଆର୍ ଉପସ୍ଥାପିତ

ତରଭା,୧୨।୧୧ (ନିପ୍ର); ତରଭା ସହରର ବର୍ଷା ଜଳ ଓ ଘରୋଇ ବ୍ୟବହାର୍ଯ୍ୟ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ତରଭା ଏନଏସିରେ ପଦକ୍ଷେପ ଆରମ୍ଭ ହୋଇଛି। ଏହି କ୍ରମରେ ତରଭା ଟାଉନ୍ ହଲ୍‌ଠାରେ ବର୍ଷାଜଳ ଓ ଘରୋଇ ବ୍ୟବହାର ପରେ ନିର୍ଗତ ଜଳର ସୁପରିଚାଳନା ନିମନ୍ତେ ଇକୋମେଟ୍ରିକ୍ସ କନ୍‌ସଲଟାଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱର ପକ୍ଷରୁ ପ୍ରସ୍ତୁତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର)ଉପସ୍ଥାପନ କରାଯାଇଥିଲା। ଏହି ଉପସ୍ଥାପନା ସମୟରେ ବିଭିନ୍ନ ସରକାରୀ ଅଧିକାରୀ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରସ୍ତୁତ ଡିପିଆର୍ ଅନୁଯାୟୀ, ତରଭା ସହରର ପ୍ରତ୍ୟେକ ଗଳିକନ୍ଦିଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଏକ ସୁସଂଗଠିତ ଭୂତଳ ଡ୍ରେନେଜ୍ ନେଟୱର୍କ ନିର୍ମାଣ କରିବାର ଯୋଜନା ରହିଛି। ଏଥିସହିତ ତିନୋଟି ପମ୍ପିଂ ଷ୍ଟେସନ୍ ଏବଂ ଗୋଟିଏ ଜଳ ବିଶୋଧନ ପ୍ଲାଣ୍ଟ ସ୍ଥାପନ କରାଯିବ। ଏହି ସମଗ୍ର ପ୍ରକଳ୍ପ ପାଇଁ ମୋଟ ୩୭.୨୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। କମ୍ପାନୀ ପକ୍ଷରୁ ଡ. ଅଶୋକ କୁମାର ତରାଇ ଡିପିଆରର ବିଭିନ୍ନ ଦିଗ ଉପସ୍ଥାପନ କରିଥିବା ବେଳେ ପ୍ରୋଜେକ୍ଟ ଡାଇରେକ୍ଟର ବସନ୍ତ କୁମାର ପରିଡ଼ା ଏବଂ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ଆଲୋଚନା ସମୟରେ ଅଧିକାରୀ, ସାମ୍ବାଦିକ ଓ ଜନସାଧାରଣ ସହରର ବିଭିନ୍ନ ଅଞ୍ଚଳରେ ରହିଥିବା ଜଳ ନିଷ୍କାସନ ସମସ୍ୟା ଏବଂ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ କମ୍ପାନୀ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଡିପିଆରରେ କି ପ୍ରକାର ବ୍ୟବସ୍ଥା ରହିଛି, ସେନେଇ ମଧ ପ୍ରଶ୍ନ ଉଠାଇଥିଲେ। କେତେକ ପ୍ରଶ୍ନର ଉତ୍ତର ସନ୍ତୋଷଜନକ ରହିଥିବା ବେଳେ ଆଉ କେତେକ ବିଷୟରେ ସ୍ୱଷ୍ଟତାର ଅଭାବ ରହିଥିବା ଜଣାପଡ଼ିଥିଲା। କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ, ତରଭା ଏନ୍‌ଏସିର ସମସ୍ତ ୱାର୍ଡରେ ସମ୍ପୂର୍ଣ୍ଣ ସର୍ଭେ କରାଯାଇଛି ଏବଂ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ବିଚାରକୁ ନେଇ ଏହି ଡିପିଆର୍ ପ୍ରସ୍ତୁତ କରାଯାଇଛି। ସରକାରଙ୍କ ଅନୁମୋଦନ ଓ ଆବଶ୍ୟକ ଅନୁଦାନ ମିଳିବା ପରେ ବିଭିନ୍ନ ପର୍ଯ୍ୟାୟରେ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ଓ ସମ୍ପାଦନ କରାଯିବ ବୋଲି ସୂଚନା ଦିଆଯାଇଥିଲା।

ଗଜପତିରେ ୪,୬୨୯ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ମଞ୍ଜୁରି

ପାରଳାଖେମୁଣ୍ଡି,୧୨।୧୧(ନିପ୍ର); ଗଜପତି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗଜପତି ଜିଲ୍ଲାରେ ୪,୬୨୯ ଜଣ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ମଞ୍ଜୁର କରାଯାଇଛି। ଏଥିସହିତ ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲର ଶୁଭାରମ୍ଭ ଏବଂ ଏହାର ପ୍ରଚାରପ୍ରସାର ପାଇଁ ଏକ ସଚେତନତା ରଥର ଉଦ୍‌ଘାଟନ କରାଯାଇଛି। ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଇନଡୋର ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ଭତ୍ତା ବଣ୍ଟନ ଓ ଟଟଗଟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ ଓ ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗୀତା ବଡରଇତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୀର୍ଘଦିନ ଧରି ଭତ୍ତା ପାଇଁ ଅପେକ୍ଷା କରିଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାଚୁରେସନ୍ ମୋଡ୍‌ରେ ଭତ୍ତା ମଞ୍ଜୁର କରାଯାଇଛି। ଜିଲ୍ଲାର ୭ଟି ବ୍ଲକ୍ ଓ ୨ଟି ସହରାଞ୍ଚଳର ମୋଟ ୪,୬୨୯ ଜଣଙ୍କୁ ଏହି ସୁବିଧା ମିଳିଛି। ବ୍ଲକ୍ ଓ ସହରାଞ୍ଚଳଭିତ୍ତିକ ହିତାଧିକାରୀଙ୍କ ସଂଖ୍ୟା ହେଲା ଗୋଷାଣୀ ବ୍ଲକ୍‌ରେ ୮୨୨, ଗୁମ୍ମାରେ ୫୩୭, କାଶୀନଗରରେ ୭୫୮, ମୋହନାରେ ୧,୨୦୦, ନୂଆଗଡ଼ରେ ୪୩୬, ରାୟଗଡ଼ରେ ୫୬୮, ରା. ଉଦୟଗିରିରେ ୫୩, ପାରଳାଖେମୁଣ୍ଡି ପୌର ପରିଷଦରେ ୧୬୬ ଏବଂ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ୮୯ ଜଣ। ନୂତନ ଭାବେ ଶୁଭାରମ୍ଭ ହୋଇଥିବା ଟଟଗଟ ପୋର୍ଟାଲ ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିମାନେ ନିଜ ବ୍ଲକ୍ କାର୍ଯ୍ୟାଳୟକୁ ଯାଇ କିମ୍ବା ଘରେ ବସି ଅନଲାଇନ୍‌ରେ ସାମାଜିକ ସୁରକ୍ଷା ଭତ୍ତା ପାଇଁ ଆବେଦନ କରିପାରିବେ। ନୂତନ ବ୍ୟବସ୍ଥା ଅନୁଯାୟୀ, ଗ୍ରାମାଞ୍ଚଳରେ ସମ୍ପୃକ୍ତ ବିଡିଓ ଏବଂ ସହରାଞ୍ଚଳରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଆବେଦନଗୁଡ଼ିକୁ ଅନୁମୋଦନ କରିବେ।

ଜୁମଡ଼ାଙ୍ଗ ଗ୍ରାମବାସୀଙ୍କ ସମସ୍ୟା ଶୁଣିଲେ ଜିଲ୍ଲାପାଳ ତ୍ୱରିତ୍ ସମାଧାନ ପାଇଁ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ


ମାଲକାନଗିରି/ ଚିତ୍ରକୋଣ୍ଡା,୧୨।୧୧ (ନିପ୍ର); ଉଭୟ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ପାଇଁ ଗୁରୁତ୍ୱ ବହନ କରୁଥିବା ଚିତ୍ରକୋଣ୍ଡା ବ୍ଲକ୍ ଧୁଲିପୁଟ ପଞ୍ଚାୟତ ଅନ୍ତର୍ଗତ ଜୁମଡ଼ାଙ୍ଗ ଗ୍ରାମର ସମସ୍ୟା ସମାଧାନ ତଥା ବିକାଶ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ଏଫ.ଏଲ.ସି ହଲ୍‌ଠାରେ ଆୟୋଜିତ ଏହି ବୈଠକରେ ଗ୍ରାମବାସୀଙ୍କ ବିଭିନ୍ନ ଅଭିଯୋଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଜୁମଡ଼ାଙ୍ଗ ପ୍ରସଙ୍ଗ



ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ପ୍ରଶାସନ ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛି। ଏହି ବୈଠକରେ ରାସ୍ତା ନିର୍ମାଣ, ଜମି ପଟ୍ଟା ପ୍ରଦାନ, ଇଲେକ୍ଟ୍ରିଫିକେସନ୍, ସ୍କୁଲ୍ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ଭଳି ଅତ୍ୟାବଶ୍ୟକ ମୌଳିକ ସମସ୍ୟାଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ଆଧାର କାର୍ଡ, ବାସିନ୍ଦା (ରେସିଡେଣ୍ଟ) ସାର୍ଟିଫିକେଟ, ପିଏମ୍ ଏବଂ ଆରଏଚ୍ ଆବାସ ଯୋଜନା ତଥା ପିଡିଏସ୍ ବ୍ୟବସ୍ଥାରେ ଠିକ୍ ଭାବେ ଚାଉଳ ବଣ୍ଟନ ଭଳି ପ୍ରସଙ୍ଗରେ ମଧ ଆଲୋଚନା କରାଯାଇଛି। ସମସ୍ୟାର ତ୍ୱରିତ ସମାଧାନ ନେଇ ଜିଲ୍ଲାପାଳ କହିଛନ୍ତି ଯେ, ଗ୍ରାମବାସୀଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସର୍ବଦା ପ୍ରତିଶ୍ରୁତିବଦ୍ଧ। ରାସ୍ତାଘାଟ, ବିଦ୍ୟୁତ୍ କରଣ, ଏବଂ ଆବାସ ଯୋଜନା ଭଳି ସମସ୍ତ ବିକାଶମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ସିଡିଓ-କମ୍-ଇଓ ଦାଶରଥୀ ସରାବୁ, ପିଏ ଆଇଟିଡିଏ ହଳଧର ଶବର, ଚିତ୍ରକୋଣ୍ଡା ବିଡିଓ ପ୍ରୀତା କୁମାର ଏବଂ ତହସିଲଦାର ନଟବର ଗରଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ପିପିଲି ଗ୍ରାମ ଉନ୍ନୟନ ବିଭାଗର ଠିକାଦାର ପ୍ରୀତି: ମିଆଦ ଶେଷ, କାର୍ଯ୍ୟ ସରିନି
ସାଢେ ୪ କୋଟି ଚଳୁ ପାଇଁ ମସୁଧା !

ପିପିଲି,୧୨।୧୧ (ନିପ୍ର); ଠିକାଦାର ପ୍ରୀତିରେ ଅଧା ଗଡ଼ାରେ ଅଟକି ଅଛି ପିପିଲି ଗ୍ରାମ ଉନ୍ନୟନ ବିଭାଗର ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟରୁ ସରସ୍ୱତୀପୁର ଭାୟା କୋଠସାହି ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ଯୋଜନା। ଏପରି ଅଭିଯୋଗ ସ୍ଥାନୀୟ ଜନସାଧାରଣରେ ପ୍ରକାଶ ପାଇଛି। ଅଭିଯୋଗ ମୁତାବକ ନ୍ୟସ୍ତସ୍ୱାର୍ଥ ଯନ୍ତ୍ରୀ ଓ ଠିକାଦାର ମିଳିତ ଭାବରେ ରାସ୍ତା ପାଇଁ ମଞ୍ଜୁର ହୋଇ ଥିବା ୪ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ତୋଷରପାତ ପ୍ରୟାସ ଚାଲୁରହିଛି। ଏହା ଉପରେ ଭିଜିଲାନ୍ସ ତଦନ୍ତ ଆବଶ୍ୟକ ପଡୁଥିବା ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି । ୪ କୋଟି ଟଙ୍କା ଚଳୁ କରିବା ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନା ଅନୁଯାୟୀ ପିପିଲି ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ସରସ୍ୱତୀପୁର ଠାରୁ ଠାରୁ ଭାୟା ସୁବଳୟାପାଟଣା, କୋଠସାହିକୁ ସଂଯୋଗ ଥିବା ରାସ୍ତା ନିର୍ମାଣ ପ୍ରତି ପ୍ରାୟ ୪ କୋଟି ଟଙ୍କା ଊର୍ଦ୍ଧ୍ୱ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ନିଯୁକ୍ତ ହୋଇ ଥିବା ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଚଳୁ ପାଇଁ ଯୋଜନା ଚାଲି ଅଛି। ସ୍ଥାନେ ସ୍ଥାନେ ବେଆଇନ



ମାଟି ପକାଯାଇ ଥିବା ବେଳେ ଅନ୍ୟ କେଉଁଠି ଠାଏ ଠାଏ ଠିକାଦାର ଇଚ୍ଛାରେ ବଙ୍କାତଙ୍କା ଗାର୍ଡୱାଲ ହୋଇଅଛି । ଏହାପରେ ନିଯୁକ୍ତ ଥିବା ଠିକାଦାର କାର୍ଯ୍ୟ ଅଗ୍ରଗତି କରିବା ବଦଳରେ କାର୍ଯ୍ୟ ଛାଡି ଚମ୍ପଟ ମାରି ପଳାଇ ଯାଇ ଥିବା ଅଭିଯୋଗ ହେଉଛି। ଏହା ଉପରେ ପରେ ଉଚ୍ଚସ୍ଥ ଅଧିକାରୀ ଓ କ୍ୱାଲିଟି କଣ୍ଟ୍ରୋଲ ପ୍ରତିନିଧ ଦଳ ପହଞ୍ଚି କାର୍ଯ୍ୟର ମାନ ଯାଞ୍ଚ । ଏସବୁ ପରେ ଠିକା ସଂସ୍ଥା କିଭଳି କାର୍ଯ୍ୟ ବନ୍ଦ କରି ଚମ୍ପଟ ମାରିଛି ତାହା ଗ୍ରାମ ଉନ୍ନୟନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏନେଇ ସ୍ଥାନୀୟ ବିଧାୟକ ମତାମତ ଲୋଡି ଥିବା ବେଳେ ସେ ପିପିଲି -ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଜନହିତକର କାର୍ଯ୍ୟରେ ଅଞ୍ଚଳରେ ବ୍ୟସ୍ତ ରହିବା ଯୋଗୁ ପ୍ରତିକ୍ରିୟା ମିଳି ନଥିଲା। ପରେ ୨୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟଙ୍କ ମତାମତ ଲୋଡିବାରେ ସେ କହିଛନ୍ତି ମୋ ଜୋନରେ କୋଟି କୋଟି ଟଙ୍କାର ଗ୍ରାମ ଉନ୍ନୟନ ବିଭାଗ କାର୍ଯ୍ୟ ଅଧାପନ୍ତରିଆ ହୋଇଛି । ଅନ୍ୟ କେଉଁଠି କାର୍ଯ୍ୟର ମିଆଦ ଶେଷ ହେଲାଣି। ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ସରକାରୀ ଯନ୍ତ୍ରୀ ଠିକାଦାର ହାତରେ ହାତ ମିଶାଇ କାର୍ଯ୍ୟ ଅଧା ନହୋଇ ମିଆଦ ଶେଷ ହୋଇ ଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ବିଲ୍ କରି ଦେଇ ଥିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଆଲୋଚନା ହେଉଛି। ଯାହା ଭିଜିଲାନ୍ସ ତଦନ୍ତ ସାପେକ୍ଷ ବୋଲି କୁହାଯାଇଛି। ଅଭିଯୋଗ ନେଇ ପିପିଲି ଗ୍ରାମ ଉନ୍ନୟନ ବିଭାଗର ସେକ୍ସନ -୧ ରେ ଦାୟିତ୍ୱରେ ଥିବା ଜନୈକ ସହକାରୀ ଯନ୍ତ୍ରୀ କହିଛନ୍ତି ସରସ୍ୱତୀପୁର - କୋଠସାହି ରାସ୍ତା ଉପରେ ଠିକାଦାର 'ଇଓଟି' କାର୍ଯ୍ୟର ବିଳମ୍ବ ଜୋରିମାନା ଅର୍ଥ ଦାଖଲ କରିଛନ୍ତି। ଅର୍ଥ ଦାଖଲ ପରେ ମିଆଦ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରହି ଅଛି ବୋଲି ସୂଚନା ଦେଇ ଛନ୍ତି।

ଗାଁକୁ ନାହିଁ ରାସ୍ତା କି ପୋଲ,ସ୍ୱାସ୍ଥ୍ୟ ଶିକ୍ଷା ଆଦି ମୌଳିକ ସୁବିଧାରୁ ବଞ୍ଚିତ ପୂଜାରିବୁମ୍ଭ


ରାୟଗଡା,୧୨।୧୧ (ନିପ୍ର): ଗାଁକୁ ନାହିଁ ରାସ୍ତା କି ପୋଲ,ସ୍ୱାସ୍ଥ୍ୟ ଶିକ୍ଷା,ଭଳି ମୌଳିକ ସୁବିଧାରୁ ବଞ୍ଚିତ ପୂଜାରିବୁମ୍ଭ ଗାଁ । ୧୭ ସୁଦ୍ଧା କାର୍ଯ୍ୟାଦେଶ ନମିଳିଲେ ୧୮ ରୁ ସତ୍ୟାଗ୍ରହ, ସାମୂହିକ ଇଚ୍ଛାମୃତ୍ୟୁର ଚେତାବନୀ। ରାୟଗଡା ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟରୁ ମାତ୍ର ୬ କିଲୋମିଟର ଦୂରରେ ଥିବା ରାୟଗଡା ବ୍ଲକ ସ୍ଥିତ ବାଇସିଙ୍ଗ ପଞ୍ଚାୟତ ଅନ୍ତର୍ଗତ ପୂଜାରିବୁମ୍ଭ ଗ୍ରାମର ଗ୍ରାମବାସୀ ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ଓ ଆଶ୍ୱାସନାରେ ଅତିଷ୍ଠ ହୋଇ ଜିଲ୍ଲାପାଳଙ୍କୁ ଏହି ମର୍ମରେ ଏକ ଦାବିପତ୍ର ଦେଇ ସେଥିରେ ଗ୍ରାମବାସୀ ଉଲ୍ଲେଖ କରି ଦର୍ଶାଇଛନ୍ତି ଯେ, ଗାଁକୁ ରାସ୍ତା ଖଣ୍ଡିଏ ନଥିବାରୁ ଦୈନନ୍ଦିନ ଜୀବନରେ ସେମାନେ କି କି ଜଟିଳ ପରିସ୍ଥିତି, ଅସୁବିଧା ଆଉ ସମସ୍ୟାର ସମ୍ମୁଖୀନ ହେବାରେ ଲାଗିଛନ୍ତି, ସେ କଥା, ବ୍ୟଥା ଆଉ ଯନ୍ତ୍ରଣା ଦୀର୍ଘ ୭୯ ବର୍ଷ ହେଲା ଭୋଗୀ ଚାଲିଛନ୍ତି ସେକଥା କେବଳ ଅନୁଭବୀ ଛଡା ଆଉ କେହି କହିପାରିବେ ନାହିଁ। ମାତ୍ର କେଇ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରାସ୍ତା ବିନା ଗାଁ ଲୋକେ ସ୍ୱାସ୍ଥ୍ୟ, ଶିକ୍ଷା ଭଳି କେତେକ ମୌଳିକ ସୁବିଧାରୁ ବଞ୍ଚିତ ରହି ଦୀର୍ଘ ୭୯ ବର୍ଷ ଧରି ଯୁଝି ଚାଲିଛନ୍ତି ଉପୁଜୁଥିବା ଥିବା ସମସ୍ୟା ଗୁଡିକ ସହ, ଖଣ୍ଡିଏ ପକ୍କା ରାସ୍ତା ପାଇଁ ପ୍ରଶାସନ



ସାମୂହିକ ଇଚ୍ଛାମୃତ୍ୟୁର ଦେଲେ ଚେତାବନୀ

ନିକଟରେ ବାରମ୍ବାର ଗୁହାରି କରିଛନ୍ତି। ଅଭିଯୋଗ ଶୁଣାଣି କକ୍ଷରେ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଆକାରରେ ଅବଗତ କରାଇଛନ୍ତି। ପ୍ରତିବଦଳରେ ସେମାନଙ୍କୁ ମିଳିଛି କେବଳ ପ୍ରତିଶ୍ରୁତି ଆଉ ଆଶ୍ୱାସନା। ଅନେକ ଥର ଗ୍ରାମସଭା କରି ନିଷ୍ପତ୍ତି ନିଆଯାଇଛି। ହେଲେ ଦେଶ ସ୍ୱାଧୀନତାର ବହୁ ଦଶନ୍ଧି ପରେ, ପ୍ରଶାସନର ବାରମ୍ବାର ପ୍ରତିଶ୍ରୁତି ମିଳିବା ପରେ ମଧ ଗାଁକୁ ନିର୍ମାଣ ହୋଇ ପାରିନି ପକ୍କା ରାସ୍ତା ଖଣ୍ଡିଏ। ବାରମ୍ବାର ନିବେଦନ କରିବା ସତ୍ତ୍ୱେ ମଧ ପ୍ରଶାସନ କୌଣସି ପଦକ୍ଷେପ ନନେଇ କେବଳ ଦେଇ ଚାଲିଛି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି। ଗ୍ରାମର ସୁରେଶ କଲକା, ପଙ୍କଜ ବିଡ଼ିକା, ଚାଁଟି ପୀଡିକା, ଉତରା ମଣ୍ଡାଙ୍ଗୀ, ବ୍ରଜେନ୍ଦ୍ର ବିଡ଼ିକା, ପଦ୍ମା ବିଡ଼ିକା, ମାଳତୀ କୋଣ୍ଡାଗିରି, ଉମା ବିଡ଼ିକା ପ୍ରମୁଖ କହିଛନ୍ତି ଯେ, ସଦର ମହକୁମା ଠାରୁ ମାତ୍ର ୬ କିମି ଦୂରତ୍ୱରେ ରହିଥିବା ଏହି ପୂଜାରୀବୁମ୍ଭ ଗ୍ରାମକୁ ପକ୍କା ରାସ୍ତା ଖଣ୍ଡିଏ ନଥିବାରୁ ଗ୍ରାମକୁ ଆସି ପାରୁନାହାନ୍ତି ଅଙ୍ଗନବାଡି ଦିଦି, ଏଣୁ ପ୍ରାକ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ରହୁଛନ୍ତି ଶିଶୁ ମାନେ, ଗାଁକୁ ରାସ୍ତା ଖଣ୍ଡିଏ ନଥିବାରୁ ବିଦ୍ୟାଳୟକୁ ଆସିପାରୁ ନାହାନ୍ତି ଶିକ୍ଷକ, ଫଳରେ ଶିକ୍ଷାର ଆଲୋକରୁ ବଞ୍ଚିତ ରହି ପିଲା ମାନେ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛନ୍ତି। ଗାଁରେ ବିଦ୍ୟାଳୟ ନାହିଁ,ପିଲା ପାଠ ପଢିପାରୁନାହାନ୍ତି। ପିଲାଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯାଉଛି। ସ୍ୱାସ୍ଥ୍ୟସେବା କଣ ଲୋକେ ସେଥିରୁ ବଞ୍ଚିତ, ଗାଁକୁ ରାସ୍ତା ନଥିବାରୁ ଗର୍ଭବତୀ ମହିଳା, ଗୁରୁତର ରୋଗୀଙ୍କୁ ଖଟିଆରେ, ଭାରରେ ବୋହି ନେବାକୁ ପଡିଥାଏ। ବର୍ଷା ଦିନେ ବା ରାତ୍ରି ଅନ୍ଧକାରରେ ଅବସ୍ଥା କହିଲେ ନସରେ, ଗାଁରେ ପହଞ୍ଚି ପାରେନି ଆମ୍ବୁଲାନ୍ସ ସେବା। ପୂଜାରିବୁମ୍ଭ ଗାଁରେ ବସବାସ କରିଆସୁଛନ୍ତି ୭୦ ପରିବାର। ସମସ୍ତେ ଖଟିଖିଆ ଦିନମଜୁରିଆ, ପ୍ରତ୍ୟେକ କାର୍ଯ୍ୟ ପାଇଁ ରାୟଗଡା ସହର ଉପରେ ନିର୍ଭର। ସେମାନେ ଆହୁରି ମଧ କହିଛନ୍ତି ଯେ, ରାସ୍ତା ନଥିବାରୁ ପିଲାମାନେ ନିୟମିତ ବିଦ୍ୟାଳୟକୁ ମଧ ଯାଇପାରନ୍ତିନି। ମାତ୍ର ୬ କିମି ଦୂରରେ ଥିବା ଗ୍ରାମର ଦୁର୍ଦ୍ଦଶା ପ୍ରଶାସନର ଦୃଷ୍ଟିକୁ ଆସୁନାହିଁ କିପରି, ରୋଗୀ, ଓ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା କାହାର ଦାଇତ୍ୱ ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଏପରି କେତେକ ପ୍ରଶ୍ନ ମାଧ୍ୟମରେ ପ୍ରଶାସନକୁ ଚେତେଇ ଦେଇଛନ୍ତି ଯେ, ଆଗାମୀ ତା:୧୭/୧୧ ରିଖ ସୁଦ୍ଧା କାର୍ଯ୍ୟାଦେଶ ନ ମିଳିଲେ ୧୮ ତାରିଖରୁ ଅହିଂସା ମାର୍ଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସତ୍ୟାଗ୍ରହ ଧାରଣା କରିବାକୁ ଚେତାବନୀ। ସେମାନେ ଆହୁରି କହିଛନ୍ତି ଯେ, କରାଯାଇଥିବା ଦାବି ପ୍ରଶାସନ ହେଉ କି ସରକାର ଯଦି ନାଶୁଣନ୍ତି ତେବେ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ନିକଟରୁ ସାମୂହିକ ଇଚ୍ଛା ମୃତ୍ୟୁ ପାଇଁ ଅନୁମତି ପ୍ରଦାନ କରାଯିବା ପାଇଁ ଅବଗତ କରାଯିବ ବୋଲି କହିଛନ୍ତି। ଏହି ମର୍ମରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ମୁଖ୍ୟସଚିବ ଓଡିଶା, ସମେତ ପୋଲିସ ନିର୍ଦ୍ଦେଶକଙ୍କୁ ମଧ ଉକ୍ତ ଦାବିପତ୍ର ପ୍ରଦାନ କରି ରାସ୍ତା ନିର୍ମାଣ କରିବାକୁ ନିବେଦନ କରିଛନ୍ତି।

ମୁମ୍ବାଇରେ ପୁଣି ବୋମା ଧମକ ଟାର୍ଗେଟରେ ଅମିତାଭଙ୍କ ବଙ୍ଗଳା



ନୂଆଦିଲ୍ଲୀ, ୧୨।୧୧: ମୁମ୍ବାଇରେ ପୁଣି ବୋମା ଆତଙ୍କ। ସହରର ଏକାଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବୋମାରେ ଉଡ଼ାଇବାକୁ ଧମକପୂର୍ଣ୍ଣ ଇମେଲ୍ ମିଳିବା ପରେ ଆଲର୍ଟ ହୋଇଛନ୍ତି ସୁରକ୍ଷା ଏଜେନ୍ସି। ଟାର୍ଗେଟରେ ରହିଛି ମୁମ୍ବାଇ ମେୟରଙ୍କ କାର୍ଯ୍ୟାଳୟ, ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ବଙ୍ଗଳା ଏବଂ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର। ଧମକପୂର୍ଣ୍ଣ ଇମେଲ୍ ପରେ ବୋମା ନିଷ୍କ୍ରିୟକାରୀ ଦଳ ଓ ସୁରକ୍ଷା କର୍ମୀ ବିଭିନ୍ନ ସ୍ଥାନରେ ଯାଞ୍ଚ କରିଛନ୍ତି । ତେବେ ଯାଞ୍ଚ ସମୟରେ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳିନାହିଁ। ସୂଚନା ଅନୁସାରେ, ଗତ କିଛି ସପ୍ତାହ ଧରି ମୁମ୍ବାଇର ବିଭିନ୍ନ ସ୍ଥାନକୁ ଏଭଳି ଧମକପୂର୍ଣ୍ଣ ଇମେଲ୍ ଆସୁଛି । ନଭେମ୍ବର ୬ ତାରିଖରେ ମଧ୍ୟ ଅମିତାଭ ବଚ୍ଚନଙ୍କ ଜୁହୁସ୍ଥିତ ବାସଭବନ 'ଜଲ୍ସା'କୁ ବୋମାରେ ଉଡ଼ାଇବା ଧମକ ମିଳିଥିଲା । ପୁଲିସ ତାଙ୍କ ବଙ୍ଗଳାରେ ଯାଞ୍ଚ କରିଥିଲେ ମଧ୍ୟ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା । ଏହା ପୂର୍ବରୁ ଅକ୍ଟୋବର ୨୩ ତାରିଖରେ ମୁମ୍ବାଇ ମେୟର ରିତୁ ତାୱ୍ଡେ ଓ ଡେପୁଟି ମେୟର ସଞ୍ଜୟ ଘାଡ଼ିଙ୍କୁ ମଧ୍ୟ ଧମକପୂର୍ଣ୍ଣ ଇମେଲ୍ ମିଳିଥିଲା । ଏଥିରେ ମେୟରଙ୍କ କାର୍ଯ୍ୟାଳୟ, ଅମିତାଭଙ୍କ ବଙ୍ଗଳା ଏବଂ ଗାୟକ ଦିଲଜିତ ଦୋସାଞ୍ଜଙ୍କ ମୁମ୍ବାଇ କନସର୍ଟ ସ୍ଥଳକୁ ଟାର୍ଗେଟ୍ କରିବାକୁ ଧମକ ଦିଆଯାଇଥିଲା । ଏପରିକି ଅକ୍ଟୋବର ୩୧ରେ ଏକ ସ୍କୁଲରେ ଗ୍ରେନେଡ୍ ଆକ୍ରମଣ ନେଇ ମଧ୍ୟ ଚେତାବନୀ ଦିଆଯାଇଥିଲା । ପରେ ବମ୍ବେ ହାଇକୋର୍ଟ ଓ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ନେଇ ମଧ୍ୟ ଧମକ ଆସିଥିବା ରିପୋର୍ଟ ହୋଇଥିଲା। ଲଗାତାର ଧମକ ମିଳୁଥିବାରୁ ଅମିତାଭଙ୍କ ସୁରକ୍ଷାକୁ ନେଇ ମଧ୍ୟ ସତର୍କତା ବଢ଼ାଯାଇଛି ।

କିସ୍ତୱାଡ଼ ଜଙ୍ଗଲରୁ ନିଖୋଜ ଦୁଇ ଏସପିଓଙ୍କ ମୃତଦେହ ଠାବ

ଶ୍ରୀନଗର, ୧୨/୧୧: ଜାମ୍ମୁ-କାଶ୍ମୀର କିସ୍ତୱାଡ଼ ଜଙ୍ଗଲରୁ ନିଖୋଜ ଦୁଇ ଏସପିଓଙ୍କ ମୃତଦେହ ଠାବ । ଦୁଇ ଜଣ ସ୍ୱତନ୍ତ୍ର ପୁଲିସ ଅଫିସରଙ୍କ ମୃତଦେହ ଦଚ୍ଛାନ ଅଞ୍ଚଳରୁ ମିଳିଛି । ଦୁଇ ଅଧିକାରୀଙ୍କ ଶରୀରରେ ରହିଛି ଅନେକ ଗୁଳି ଚିହ୍ନ। ନିଖୋଜ ହୋଇଥିବା ସ୍ଥାନର ୨ କିଲୋମିଟର ଦୂରରୁ ଦୁଇ ଜଣଙ୍କ ମୃତଦେହ ଠାବ ହୋଇଛି । ଦୁଇ ଏସପିଓ ଯବାନ ହେଲେ ବାବି ଚାନ୍ଦ ଏବଂ ରଣପାଲ କୁମାର । ବାବି ଚାନ୍ଦଙ୍କ ବୟସ ୫୭ । ରଣପାଲଙ୍କ ବୟସ ୪୫ ବର୍ଷ। ଅପହରଣ ଏବଂ ହତ୍ୟାରେ ସଂପୃକ୍ତ ଆତଙ୍କୀଙ୍କୁ ଖୋଜିବା ପାଇଁ ଚାଲିଛି ବଡ଼ ଧରଣର ସର୍ଚ୍ଚ ଅପରେସନ୍। ବୁଧବାର ଅପରାହ୍ନରେ ଦଚ୍ଛାନ ଅଞ୍ଚଳର ଉଚ୍ଚ ପାହାଡ ଏବଂ ଜଙ୍ଗଲ ଅଞ୍ଚଳରେ ସେନା ପୋଷ୍ଟକୁ ଯିବା ବେଳେ ଦୁଇ ଜଣଙ୍କୁ ଅପହଣ କରିନେଇଥିଲେ ଆତଙ୍କୀ । ଖବର ମିଳିବା ପରେ ଆରମ୍ଭ ହୋଇଥିଲା ସର୍ଚ୍ଚ ଅପରେସନ୍ । ଡ୍ରୋନ୍, ସ୍ନିପର ଡଗ୍ ସହାୟତାରେ ଚାଲିଥିଲା ଅପରେସନ୍। ବହୁ ଖୋଜାଖୋଜି ପରେ ଦୁଇ ଜଣଙ୍କ ମୃତଦେହ ମିଳିଛି । ଅତି ନିକଟରୁ ଦୁଇ ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ଜଣାପଡ଼ିଛି । ଅନ୍ୟପଟେ ଜାମ୍ମୁକାଶ୍ମୀରର କୁଲଗାମରେ ସୁରକ୍ଷାବାହିନୀ ଉପରେ ଗୁଳିମାଡ଼ ଘଟଣାରେ ପୂରା ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅଭିଯାନ ଆରମ୍ଭ ହୋଇଛି । ତେବେ ଜାମ୍ମୁ ଓ କାଶ୍ମୀରରେ ଲଗାତାର ଦୁଇଟି ଆତଙ୍କବାଦୀ ଘଟଣା ଗତ କିଛି ମାସର ଶାନ୍ତ ପରିବେଶକୁ ପୁଣିଥରେ ଅଶାନ୍ତ କରିଦେଇଛି ।

ମେଣ୍ଟ କଲେ ଚନ୍ଦ୍ରଶେଖର- ଅୱେସି

ନୂଆଦିଲ୍ଲୀ, ୧୨।୧୧: ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନର ରାଜନୈତିକ ଉଷ୍ମତା ମଧ୍ୟରେ ନଗିନା ସାଂସଦ ଚନ୍ଦ୍ରଶେଖର ଆଜାଦ ଓ ଏଆଇଏମ୍ଆଇଏମ୍ ମୁଖ୍ୟ ଅସଉଦ୍ଦିନ ଅୱେସି ଗୁରୁବାର ମେଣ୍ଟ ଘୋଷଣା କରି ହଇଚଇ ସୃଷ୍ଟି କରିଛନ୍ତି। ସେମାନଙ୍କ ମେଣ୍ଟର ନାମ 'ସାମାଜିକ ପରିବର୍ତ୍ତନ ମୋର୍ଚ୍ଚା' ରହିଛି ଓ ଆଜାଦଙ୍କୁ ମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଘୋଷଣା କରାଯାଇଛି। ଲକ୍ଷ୍ନୌରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଦୁଇ ନେତା ଏହି ଘୋଷଣା କରିଛନ୍ତି। ଆଜାଦ କହିଛନ୍ତି, ମେଣ୍ଟ ସମାଜବାଦୀ ପାର୍ଟି ଓ କଂଗ୍ରେସ ପରି ଅନ୍ୟ ଦଳ ପାଇଁ ଖୋଲା ରହିଛି। ଯେଉଁମାନେ ବିଜେପିକୁ ଆଉ ଥରେ ରାଜ୍ୟରେ କ୍ଷମତାକୁ ଆସିବାକୁ ରୋକିବାକୁ ଚାହୁଁଥିବେ ସେମାନଙ୍କୁ ମେଣ୍ଟକୁ ସ୍ୱାଗତ। ତେବେ ଏହି ନୂତନ ରାଜନୈତିକ ସମୀକରଣ ସମାଜବାଦୀ ପାର୍ଟି (ଏସ୍ପି) ମୁଖ୍ୟ ଅଖିଳେଶ ଯାଦବ ଓ ମାୟାବତୀ ଉଭୟଙ୍କ ସମସ୍ୟାକୁ ବଢ଼ାଇ ଦେଇଛି।

ଅରୁଣାଚଳରେ ଭୟଙ୍କର ଅଗ୍ନିକାଣ୍ଡ ଜୀବନ୍ତ ଜଳିଗଲେ ମା' ଓ ୩ ଶିଶୁ

ଇଟାନଗର, ୧୨।୧୧: ଅରୁଣାଚଳ ପ୍ରଦେଶର କୁରୁଙ୍ଗ କୁମେ ଜିଲ୍ଲାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଅଗ୍ନିକାଣ୍ଡରେ ଜଣେ ମହିଳା ଏବଂ ତାଙ୍କର ତିନିଜଣ ନାବାଳକ ଶିଶୁ ଜୀବନ୍ତ ଜଳିଯାଇଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ଦୁଇଟି ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସେପଟେ ମହିଳାଙ୍କ ସ୍ୱାମୀ ଏବେ ବି ନିଖୋଜ ଅଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ପାଖାପାଖି ୨୪ଟି ଘର କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲାପାଳ ଚୀଚୁଙ୍ଗ ଚୁଖୁଙ୍କ ସୂଚନା ମୁତାବକ, ଜିଲ୍ଲାର ପାର୍ସି-ପାର୍ଲୋ ସହରରେ ରାତି ପ୍ରାୟ ୨ଟା ୩୦ ସମୟରେ ନିଆଁ ଲାଗିଥିଲା। ଦେଖୁ ଦେଖୁ ନିଆଁ ବ୍ୟାପି ଯାଇଥିଲା । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କ କହିବା ଅନୁଯାୟୀ, ଅଗ୍ନିକାଣ୍ଡରେ ୧୯ଟି ଘର ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିବାବେଳେ ଅନ୍ୟ ୫ଟି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ।

କାର-ଟ୍ରକ୍ ଦୁର୍ଘଟଣାରେ ୩ ଭାରତୀୟଙ୍କ ମୃତ୍ୟୁ

ଆବୁଧାବି, ୧୨।୧୧: ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ର ଫୁଜୈରାହରେ ଏକ କାର ଏବଂ ଟ୍ରକ୍ ଦୁର୍ଘଟଣାରେ କେରଳର ପ୍ରବାସୀ ଭାରତୀୟ ପରିବାରର ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଯେଉଁଥିରେ ୨୧ ବର୍ଷୀୟ ଯମଜ ଭାଇଭଉଣୀ ଏବଂ ତିନି ବର୍ଷର ଭଣଜା ଅଛନ୍ତି। ପରିବାର ପକ୍ଷରୁ ସେମାନଙ୍କ ମୃତ୍ୟୁକୁ ନିଶ୍ଚିତ କରାଯାଇଛି। ପୁଲିସ ମଧ୍ୟରାତ୍ରି ପରେ ଶେଖ ଖଲିଫା ବିନ୍ ଜାଏଦ ଷ୍ଟ୍ରିଟରେ ଏକ ଲରି ଏବଂ ଅନେକ ଯାନବାହନ ସହିତ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା ରିପୋର୍ଟ କରିଛି। ପରିବାରର ଅନ୍ୟ ଚାରି ଜଣ ସଦସ୍ୟଙ୍କୁ ଆହତ ଅବସ୍ଥାରେ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ସାମ୍ବାଦିକମାନେ ସବୁବେଳେ ଆମକୁ ଚକିତ କରିଦିଅନ୍ତି: ମୋଦି



ନୂଆଦିଲ୍ଲୀ, ୧୨।୧୧: ସାମ୍ବାଦିକମାନେ ସବୁବେଳେ ଆମକୁ ଚକିତ କରିଦିଅନ୍ତି। ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ଖବର ଦଳର ଅଳ୍ପ କେତେଜଣ ବରିଷ୍ଠ ନେତାଙ୍କୁ ଜଣାଥିବା ବେଳେ ସାମ୍ବାଦିକମାନେ ଆଗୁଆ ଏହା ଜାଣିପାରିଥିଲେ। ଗୁରୁବାର ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଆୟୋଜିତ ଦୀପାବଳି ମିଳନ କାର୍ଯ୍ୟକ୍ରମରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ଏହି ପୁରୁଣା ସ୍ମୃତି ମନେ ପକାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମୋଦି କହିଥିଲେ, ସେତେବେଳେ ଦଳର ମାତ୍ର ଦୁଇରୁ ଚାରିଜଣ ବରିଷ୍ଠ ନେତା ତାଙ୍କ ମୁଖ୍ୟମନ୍ତ୍ରୀ ହେବା ସମ୍ପର୍କରେ ଜାଣିଥିଲେ। ସେ ଅଧିକାଂଶ ସମୟ ଦିଲ୍ଲୀର ୧୧ ଅଶୋକ ରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିତାଉଥିଲେ। ଦିନେ ଦଳେ ସାମ୍ବାଦିକ ହଠାତ୍ ତାଙ୍କ କୋଠରିକୁ ପଶିଆସିଥିଲେ। ସେମାନଙ୍କ ମଧ୍ୟରେ ଏକ ମହିଳା ସାମ୍ବାଦିକ ଗୋଷ୍ଠୀ ଥିଲେ, ଯେଉଁମାନଙ୍କର ବେଶ୍ ପ୍ରଭାବ ଥିଲା। ସେମାନେ ମୋଦିଙ୍କୁ ମିଠା ଖୁଆଇବାକୁ ଦାବି କରିଥିଲେ। କାହିଁକି ମିଠା ଖୁଆଇବେ ବୋଲି ସେ ପଚାରିବାରୁ ସାମ୍ବାଦିକମାନେ କହିଥିଲେ, ଆପଣ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ମୋଦି ଏ ସମ୍ପର୍କରେ ନିଜେ କିଛି ଜାଣିନଥିବା କହିଥିଲେ ମଧ୍ୟ ସାମ୍ବାଦିକମାନେ ତାଙ୍କ କଥାକୁ ବିଶ୍ୱାସ କରିନଥିଲେ। ଶେଷରେ ସେମାନଙ୍କ ସୂଚନା ସତ୍ୟ ପ୍ରମାଣିତ ହୋଇଥିଲା। ୨୦୦୧ ଅକ୍ଟୋବର ୭ରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ସମୟରେ ଅନେକ ସାମ୍ବାଦିକ ବନ୍ଧୁ ନିଜ ଖର୍ଚ୍ଚରେ ଓ ନିଜ ବ୍ୟବସ୍ଥାରେ ସେଠାରେ ପହଞ୍ଚିଥିଲେ। ସେମାନେ ଖବର ସଂଗ୍ରହ ପାଇଁ ନୁହେଁ, ବରଂ ବନ୍ଧୁତା ଓ ଆତ୍ମୀୟତା ଯୋଗୁଁ ଆସିଥିଲେ ବୋଲି ମୋଦି କହିଥିଲେ। ଗତ ମାସରେ ସରକାରର ମୁଖ୍ୟ ଭାବେ ତାଙ୍କର ୨୫ ବର୍ଷ ପୂରଣ ହୋଇଥିବା କଥା ମଧ୍ୟ ସେ ମନେ ପକାଇଥିଲେ। ସାମ୍ବାଦିକତାର ପରିବର୍ତ୍ତନ ସମ୍ପର୍କରେ ମୋଦୀ କହିଥିଲେ, ପ୍ରେସ୍ ବିଜ୍ଞପ୍ତିରୁ ଆରମ୍ଭ କରି ଇନ୍‌ଷ୍ଟାଗ୍ରାମ୍ ରିଲ୍ ପର୍ଯ୍ୟନ୍ତ ଗଣମାଧ୍ୟମର ଦୀର୍ଘ ପରିବର୍ତ୍ତନକୁ ସେ ନିଜେ ଦେଖିଛନ୍ତି। ୧୯୯୦ ଦଶକରେ ଦୁଇଟି ବଡ଼ ଯାତ୍ରା ପାଇଁ ତାଙ୍କୁ ଦେଶବ୍ୟାପୀ ଗଣମାଧ୍ୟମ ସମ୍ପର୍କିତ ଦାୟିତ୍ୱ ଦିଆଯାଇଥିଲା। ସେତେବେଳେ ଏକ ପ୍ରେସ୍ ବିଜ୍ଞପ୍ତି ପଠାଇବାକୁ ଫ୍ୟାକ୍ସ ମେସିନ୍ ଖୋଜିବାକୁ ପଡୁଥିଲା। ଆଜି ମୋବାଇଲ୍ ଫୋନ୍ ହିଁ ସବୁ କାମ କରୁଛି ଏବଂ ପ୍ରତ୍ୟେକଙ୍କର ନିଜସ୍ୱ ଡିଜିଟାଲ୍ ମଞ୍ଚ ରହିଛି। ଦୁର୍ଘଟଣା, ଭୂମିକମ୍ପ କିମ୍ବା ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ଲୋକେ ଘଟଣାସ୍ଥଳ ଛାଡୁଥିବା ବେଳେ ସାମ୍ବାଦିକମାନେ ଜୀବନକୁ ବିପନ୍ନ କରି ସେଠାରେ ପହଞ୍ଚନ୍ତି। ଏହି ସାହସ ଓ ନିଷ୍ଠା ପ୍ରଶଂସନୀୟ ବୋଲି ସେ କହିଥିଲେ। ବିଭିନ୍ନ ମତ ଓ ଦୃଷ୍ଟିକୋଣ ଭାରତୀୟ ଗଣତନ୍ତ୍ରକୁ ସଜୀବ ରଖିଥାଏ ଏବଂ ଏଥିରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୋଦି ମତ ଦେଇଥିଲେ। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶ କରିବାର ଲକ୍ଷ୍ୟ ପୂରଣରେ ଗଣମାଧ୍ୟମର ସହଯୋଗ ମଧ୍ୟ ସେ କାମନା କରିଥିଲେ।

ବିଦେଶରେ ଛାଡ଼ପତ୍ର ନେଇ ଭାରତରେ ଦ୍ୱିତୀୟ ବିବାହ କରିହେବନି : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୨।୧୧ : ଯଦି ଜଣେ ବ୍ୟକ୍ତି ଭାରତରେ ବିବାହ କରନ୍ତି। ଏହା ପରେ ସେ ବିଦେଶ ଚାଲିଯାଆନ୍ତି। ସେଠାର ଏକ କୋର୍ଟରେ ପତ୍ନୀଙ୍କ ସହ ବିବାହ ବିଚ୍ଛେଦ ହୋଇଯାଏ। ଅର୍ଥାତ ଭାରତରେ ହୋଇଥିବା ବିବାହକୁ ବାହାର ଦେଶର କୋର୍ଟ ବିଚ୍ଛେଦ କରିଥିଲେ ଭାରତରେ ଏହାକୁ ଗ୍ରହଣ କରାଯିବ ନା ନାହିଁ ସେନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ବିଦେଶରେ ହୋଇଥିବା ବିବାହ ବିଚ୍ଛେଦ ଭାରତରେ ଗ୍ରହଣୀୟ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ଏଥିପାଇଁ ଭାରତୀୟ ଆଇନର ସର୍ତ୍ତ ପାଳନ କରିବାକୁ ହେବ ବୋଲି କୋର୍ଟ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟରେ ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ରା ଏବଂ ଜଷ୍ଟିସ ଚନ୍ଦ୍ରଶେଖରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଭାରତୀୟ ବିବାହକୁ ଶେଷ କରିବା ପାଇଁ ବିଦେଶୀ କୋର୍ଟଙ୍କ ନିଷ୍ପତ୍ତି ମଧ୍ୟ ଭାରତର ଆଇନକୁ ଆଧାର କରି ହେବା ଆବଶ୍ୟକ। ଏଥିପାଇଁ ସିଭିଲ ପ୍ରକ୍ରିୟା ସମେତ ସିପିସିର ଧାରା ୧୩ରେ ଥିବା ସର୍ତ୍ତ ପୂରଣ କରିବା ମଧ୍ୟ ଜରୁରୀ। କୋର୍ଟ ଆହୁରି କହିଛନ୍ତି ଯେ, ଯଦି ବିବାହ ହିନ୍ଦୁ ବିବାହ ଅଧିନିୟମ ୧୯୫୫ ଅନୁସାରେ ହୋଇଥାଏ ତାହେଲେ କେବଳ ବିବାହ ଭାଙ୍ଗିଯିବା ଛାଡପତ୍ରର କାରଣ ହେବ ନାହିଁ। ଭାରତୀୟ ଆଇନରେ ଏପରି ଛାଡପତ୍ର ବୈଧ ନୁହେଁ। ଅର୍ଥାତ କୌଣସି ବ୍ୟକ୍ତି ବିଦେଶରେ ଛାଡପତ୍ର ନେଲେ ଭାରତରେ ତାଙ୍କର ପ୍ରଥମ ବିବାହ ବିଚ୍ଛେଦ ହୋଇଯାଇଛି ଭାବିବା ଠିକ୍ ନୁହେଁ । କେଉଁ ଆଧାରରେ ଛାଡପତ୍ର ମିଳିଛି ଏବଂ ଭାରତୀୟ ନିୟମ ଅନୁସାରେ ଏହା ହୋଇଛି ନା ନାହିଁ ତାହା ମଧ୍ୟ ଦେଖିବାକୁ ହେବ। ସର୍ବୋଚ୍ଚ ଅଦାଲତ ଆହୁରି ମଧ୍ୟ କହିଛନ୍ତି ଯେ, ବିଦେଶୀ କୋର୍ଟରେ ଛାଡପତ୍ର ନେଲେ ଦ୍ୱିତୀୟ ବିବାହ ପାଇଁ ରାସ୍ତା ସଫା ହୋଇଯିବ ନାହିଁ। ପ୍ରଥମ ବିବାହକୁ ଭାରତୀୟ ଆଇନ ଅନୁସାରେ ହିଁ ବିଚ୍ଛେଦ କରାଯାଇ ପାରିବ। ଯଦି ଭାରତୀୟ ଆଇନକୁ କେହି ନଜରଅନ୍ଦାର କରିଥାନ୍ତି ତାହାଲେ ତାଙ୍କ ବିରୋଧରେ ଅପରାଧିକ ମାମଲା ଚାଲିବ। ଏହି ନିୟମ ସେହି ସବୁ ବ୍ୟକ୍ତିଙ୍କ ପାଇଁ ଲାଗୁ ହେବ ଯେଉଁ ବ୍ୟକ୍ତି ବିବାହ ପରେ ବାହାର ଦେଶର ନାଗରିକତା ନେଇଥିବେ। ଭାରତୀୟ ଆଇନ ଅନୁସାରେ ହୋଇଥିବା ବିବାହକୁ ବିଦେଶୀ କୋର୍ଟରେ ଛାଡ଼ପତ୍ର ପରେ ବି ବୈଧ ଭାବେ ଗ୍ରହଣ କରାଯିବ ବୋଲି କୋର୍ଟ କହିଛନ୍ତି।

ରସଗୋଲା ଭାବି ବୋମାକୁ ଖାଇଦେଲେ ଯୁବକ ବିସ୍ଫୋରଣରେ ଚାଲିଗଲା ଜୀବନ

ଭୋପାଳ, ୧୨।୧୧: ମଧ୍ୟପ୍ରଦେଶରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ରସଗୋଲା କହି ଜଣେ ଯୁବକଙ୍କୁ ବୋମା ଦିଆଯାଇଥିବା ଅଭିଯୋଗ ହୋଇଛି। ଯୁବକ ମଧ୍ୟ ମିଠା ଭାବି ପାଟିରେ ପୂରାଇବା ପରେ ବିସ୍ଫୋରଣ ଘଟିଥିଲା । ଏଥିରେ ଯୁବକଙ୍କ ମୃତ୍ୟୁ ହୋଇଛି । ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ମଧ୍ୟପ୍ରଦେଶର ଡିଣ୍ଡୋରୀ ଜିଲ୍ଲାରେ ଏହି ଘଟଣା ଘଟିଛି। ମୃତକଙ୍କ ନାମ ରାଜେନ୍ଦ୍ର ବରୋଟିୟା । ନଭେମ୍ବର ୧୦ ତାରିଖ ମଙ୍ଗଳବାର ରାତିରେ କୋତୱାଲି ଥାନା ଅନ୍ତର୍ଗତ ପଡାରିୟା ଗାଁରେ ଏହି ଘଟଣା ଘଟିଥିଲା। ସୂଚନା ଅନୁସାରେ, ରାଜେନ୍ଦ୍ର ନିଜ ଘରେ ବସିଥିବା ସମୟରେ ରାମ ଭଗତ ବରୋଟିୟା ନାମକ ଜଣେ ବ୍ୟକ୍ତି ସେଠାରେ ପହଞ୍ଚିଥିଲେ । ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିବା ବେଳେ ରାମ ଭଗତ ତାଙ୍କୁ ଏକ ଦେଶୀ ବୋମା ଦେଇଥିଲେ । ସେ ଏହାକୁ ରସଗୋଲା ବୋଲି କହିଥିବା ଅଭିଯୋଗ ହୋଇଛି । ତେବେ ରାଜେନ୍ଦ୍ର ଏହାକୁ ମିଠା ଭାବି ପାଟିରେ ରଖିବା କ୍ଷଣି ସେଥିରେ ବିସ୍ଫୋରଣ ଘଟିଥିଲା । ଘଟଣାସ୍ଥଳରେ ସେ ଗୁରୁତର ହୋଇପଡ଼ିଥିଲେ। ରାଜେନ୍ଦ୍ରଙ୍କ ପତ୍ନୀ ସୁଶୀଳା ବାଇ କହିଛନ୍ତି, ଏହା ଜୀବଜନ୍ତୁଙ୍କୁ ମାରିବା ପାଇଁ ବ୍ୟବହୃତ ବୋମା ଥିଲା । ବିସ୍ଫୋରଣ ଶବ୍ଦ ଶୁଣିବା ପରେ ସେମାନେ ପଡ଼ୋଶୀଙ୍କ ସହାୟତା ନେଇ ରାଜେନ୍ଦ୍ରଙ୍କୁ ଏକ ଅଟୋରିକ୍ସାରେ ହସ୍ପିଟାଲ ନେଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ପହଞ୍ଚିଥିଲା। କୋତୱାଲି ଥାନା ଅଧିକାରୀ ଦୁର୍ଗା ପ୍ରସାଦ ନାଗପୁରେଙ୍କ କହିବା ଅନୁସାରେ, ଅଭିଯୁକ୍ତ ରାମ ଭଗତଙ୍କ ସହ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖାଯାଇଛି।

କେଜ୍ରିୱାଲଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ହତ୍ୟା ଧମକ ୭ କୋଟି ଟଙ୍କା ଦାଦାବଟି ଦାବି



ନୂଆଦିଲ୍ଲୀ, ୧୨।୧୧: ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ହତ୍ୟା ଧମକ ଦିଆଯିବା ସହ ୭ କୋଟି ଟଙ୍କାର ଦାଦାବଟି ଦାବି କରାଯାଇଥିବା ଅଭିଯୋଗ ହୋଇଛି। ଆପ୍ ବିଧାୟକ ଜରନୈଲ ସିଂହ ପୁଲିସ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ, ନିଜକୁ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ବୋଲି ପରିଚୟ ଦେଇଥିବା ଜଣେ ବ୍ୟକ୍ତି ଦାବି ମୁତାବକ ଅର୍ଥ ନମିଳିଲେ କେଜ୍ରିୱାଲ ଏବଂ ତାଙ୍କ ଝିଅ ହର୍ଷିତାଙ୍କୁ ହତ୍ୟା କରିବାକୁ ଧମକ ଦେଇଛି। ଦିଲ୍ଲୀର ତିଳକ ନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଜରନୈଲ ସିଂହଙ୍କ ନିକଟକୁ ଧମକପୂର୍ଣ୍ଣ ଫୋନ୍ କଲ୍ ଏବଂ ହ୍ୱାଟ୍ସଆପ୍ ମେସେଜ୍ ଆସିବା ପରେ ସେ ଗତ ନଭେମ୍ବର ୬ ତାରିଖରେ ପଞ୍ଜାବର ମୋହାଲି ସ୍ଥିତ ବରିଷ୍ଠ ପୁଲିସ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏଥିସହିତ ସେ କେଜ୍ରିୱାଲ ଏବଂ ତାଙ୍କ ପରିବାର ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ମୋହାଲିର ସାଇବର କ୍ରାଇମ୍ ଥାନାକୁ ତଦନ୍ତ ଭାର ହସ୍ତାନ୍ତର କରିଛି। ଅଭିଯୁକ୍ତର କଲ୍ ରେକର୍ଡ, ଆଇପି ଲଗ୍ ଏବଂ ଲୋକେସନ୍ ତଥ୍ୟ ଯାଞ୍ଚ କରି ପୁଲିସ ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ ଯେ, ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ନେଟୱର୍କ ନିୟମିତ ଭାବେ ଦେଶର ପ୍ରମୁଖ ସେଲିବ୍ରିଟି, ଗାୟକ ଏବଂ ରାଜନେତାମାନଙ୍କୁ ଟାର୍ଗେଟ କରିଆସୁଛି।

ଟ୍ରେନି ବିମାନ ଦୁର୍ଘଟଣାଗ୍ରସ୍ତ: ଅଳ୍ପକେ ବର୍ତ୍ତିଲେ ପାଇଲଟ

ମୁମ୍ବାଇ, ୧୨।୧୧: ମହାରାଷ୍ଟ୍ର ସୋଲାପୁର ଏୟାରପୋର୍ଟରେ ଗୁରୁବାର ଏକ ଟ୍ରେନି ବିମାନ ରନୱେରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ମହିଳା ଟ୍ରେନି ପାଇଲଟ ସମ୍ପୂର୍ଣ୍ଣ ସୁରକ୍ଷିତ ବର୍ତ୍ତି ଯାଇଛନ୍ତି। ଏହି ଦୁର୍ଘଟଣା ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ୍‌ରେ ହୋଇଛି। ବିମାନଟି ଟେକଅପ ପାଇଁ ରନୱେରେ ଦୌଡୁଥିବା ବେଳେ ସ୍ଲିପ ହୋଇଯାଇଛି। ଫଳରେ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି। ଏହି ବିମାନକୁ ମହିଳା ଟ୍ରେନି ପାଇଲଟ ଏକାକୀ ଉଡାଉଥିଲେ ବୋଲି ଜଣାପଡିଛି। ଦୁର୍ଘଟଣା ପରେ ପାଇଲଟ ସୁରକ୍ଷିତ ବିମାନରୁ ବାହାରି ଆସିଛନ୍ତି। ତାଙ୍କ ଦେହରେ ସାମାନ୍ୟ ଆଘାତ ମଧ୍ୟ ଲାଗି ନାହିଁ। ଦୁର୍ଘଟଣାଗ୍ରସ୍ତ ବିମାନଟି ରେଡବାର୍ଡ ଏଭିଏସନ ଟ୍ରେନିଂ ଆକାଡେମୀର ହୋଇଥିବା ବେଳେ ଏହା ଏକ ଟେକନାମ ପି ମେଣ୍ଟର ଟ୍ରେନିଂ ଏୟାରକ୍ରାଫ୍ଟ ଥିଲା।

୬.୦୯%କୁ ବଢ଼ିଲା ଖୁଚୁରା ମୁଦ୍ରାସ୍ଫୀତି



ନୂଆଦିଲ୍ଲୀ, ୧୨।୧୧: ପାର୍ବଣ ପରେ ଏବେ ସାଧାରଣ ଲୋକଙ୍କ ପକେଟକୁ ମହଙ୍ଗା ମାଡ଼। ଅକ୍ଟୋବର ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ବା ରିଟେଲ୍ ଇନଫ୍ଲେସନ୍ ୬.୦୯ ପ୍ରତିଶତକୁ ବୃଦ୍ଧି ପାଇଛି । ସେପ୍ଟେମ୍ବରରେ ଏହା ୫.୫୪ ପ୍ରତିଶତ ଥିଲା। ଅର୍ଥାତ୍ ମାସକ ମଧ୍ୟରେ ମହଙ୍ଗା ହାରରେ ବୃଦ୍ଧି ଘଟିଛି। ବିଶେଷକରି ପନିପରିବା ଓ ଖାଦ୍ୟ ସାମଗ୍ରୀର ଦାମ ବୃଦ୍ଧି ଏହାର ପ୍ରମୁଖ କାରଣ ହୋଇଛି। ଅକ୍ଟୋବରରେ ଲେମ୍ବୁ, ରସୁଣ ଓ ପିଆଜର ମହଙ୍ଗା ହାର ଆହୁରି ବଢ଼ିଛି। ଲେମ୍ବୁର ମହଙ୍ଗା ହାର ୩୬.୪୧ ପ୍ରତିଶତରୁ ୪୭.୩୦ ପ୍ରତିଶତକୁ ପହଞ୍ଚିଛି। ରସୁଣରେ ଏହା ୫୪.୬୨ରୁ ୬୦.୭୪ ପ୍ରତିଶତ ହୋଇଥିବା ବେଳେ ପିଆଜରେ ୧୦୮.୧୩ରୁ ବଢ଼ି ୧୧୬.୨୨ ପ୍ରତିଶତ ହୋଇଛି। ଅନ୍ୟପଟେ ଆଳୁର ମହଙ୍ଗା ହାର ମାଇନସ୍ ୧୧.୫୨ରୁ ମାଇନସ୍ ୧୪.୨୪ ପ୍ରତିଶତକୁ ଖସିଛି।

ଗାଜାରେ ଇସ୍ରାଏଲର ବିମାନ ଆକ୍ରମଣ: ୬ ମୃତ, ୨୦ ଆହତ


ଗାଜା ସିଟି, ୧୨।୧୧: ଦକ୍ଷିଣ ଗାଜା ସ୍ଥିତ ନାସେର ହସ୍ପିଟାଲରେ ଗୁରୁବାର ଇସ୍ରାଏଲ ପକ୍ଷରୁ କରାଯାଇଥିବା ବିମାନ ଆକ୍ରମଣରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି। ହସ୍ପିଟାଲରୁ ଆତଙ୍କୀ ନେଟୱର୍କ ସଂଚାଳନ କରୁଥିବା ହମାସର ସାମରିକ ଶାଖାର ପ୍ରମୁଖ ଆତଙ୍କବାଦୀମାନଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିବା ଇସ୍ରାଏଲ ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ହମାସ ଅଧୀନରେ କାର୍ଯ୍ୟ କରୁଥିବା ଗାଜା ଷ୍ଟ୍ରିପ୍ ବେସାମରିକ ପ୍ରତିରକ୍ଷା ସଂସ୍ଥା କହିଛି ଯେ ଡାକ୍ତରଖାନା ପରିସରର ଏକ କୋଠାରୁ ମୃତଦେହଗୁଡ଼ିକୁ ଉଦ୍ଧାର କରାଯିବା ସହ ୨୦ରୁ ଅଧିକ ଆହତଙ୍କୁ ଉଦ୍ଧାର କରାଯାଇଛି। ହମାସ ଆତଙ୍କବାଦୀ ସଂଗଠନ ଡାକ୍ତରଖାନା ପରିସର ମଧ୍ୟରେ ନିଜର ଉପସ୍ଥିତି ଜାହିର କରିବା ସହ ଏହାକୁ ଏକ ନିୟନ୍ତ୍ରଣ କେନ୍ଦ୍ର ଭାବେ ବ୍ୟବହାର କରୁଥିଲା ବୋଲି ଇସ୍ରାଏଲ ସେନା ଅଭିଯୋଗ କରିଛି। ଏହା ପୂର୍ବରୁ ମଙ୍ଗଳବାର ଦିନ ଗାଜା ଷ୍ଟ୍ରିପରେ ଇସ୍ରାଏଲ ସେନାର କାର୍ଯ୍ୟାନୁଷ୍ଠାନରେ ଜଣେ ୧୩ ବର୍ଷୀୟ ବାଳକ ସମେତ ୭ ଜଣଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଜରୁରୀକାଳୀନ ସେବା ପକ୍ଷରୁ କୁହାଯାଇଥିଲା।

ତୈଳବାହୀ ଜାହାଜ ଉପରେ ଆକ୍ରମଣ; ୧୯ ଭାରତୀୟଙ୍କ ସମେତ ୨୨ ଉଦ୍ଧାର

ନୂଆଦିଲ୍ଲୀ, ୧୨।୧୧ : ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଉପକୂଳରେ ଏକ ଅଶୋଧିତ ତୈଳବାହୀ ଜାହାଜ ଉପରେ ଆକ୍ରମଣ ହୋଇଛି । ବୁଧବାର ମିନା ସକ୍ର ନିକଟ ସମୁଦ୍ରରେ ଭାସୁଥିବା ଲାଇବେରିଆ ପତାକାଧାରୀ ଜାହାଜ ଏମ୍ଟି ଡୋମିନିକା ପ୍ରସ୍କେରିଟି ଉପରେ ଏକ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା । ଏହି ଜାହାଜରେ ୧୯ ଜଣ ଭାରତୀୟଙ୍କ ସମେତ ମୋଟ ୨୨ ଜଣ କର୍ମଚାରୀ ଥିଲେ । ଆକ୍ରମଣ ପରେ ୟୁଏଇ ତଟରକ୍ଷୀ ବାହିନୀ ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର କରିଛି । ଏହି ଘଟଣାରେ କୌଣସି କର୍ମଚାରୀ ଆହତ ହୋଇନଥିବା ଜଣାପଡ଼ିଛି ।କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଗୁରୁବାର ଏକ୍ସରେ ଏହି ସୂଚନା ଦେଇଛନ୍ତି ।

ଚୀନ ଗୁପ୍ତଚର ବିବାଦ: ଜେନସେନ୍ ହୁଆଙ୍ଗଙ୍କ ଇସ୍ତଫା

କୋଲେଟ୍ କ୍ରେସ୍ ହେଲେ ଏନଭିଡିଆର ଅନ୍ତରୀଣ ସିଇଓ



ନୂଆଦିଲ୍ଲୀ, ୧୨।୧୧: ଏନଭିଡିଆର ସିଇଓ ଜେନସେନ୍ ହୁଆଙ୍ଗ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ଚୀନର ଜଣେ ସନ୍ଦିଗ୍ଧ ଗୁପ୍ତଚରଙ୍କ ସହ ପ୍ରେମ ସମ୍ପର୍କ ଏବଂ କମ୍ପାନିର ଜଣେ ମହିଳା ଅଧିକାରୀଙ୍କ ସହ ସମ୍ପର୍କକୁ ନେଇ ଉପୁଜିଥିବା ବିବାଦ ମଧ୍ୟରେ ଏହି ଇସ୍ତଫା ସାମ୍ନାକୁ ଆସିଛି । ଜେନସେନ୍ ହୁଆଙ୍ଗ କମ୍ପାନିର ସିଇଓ ଏବଂ ବୋର୍ଡ ସଦସ୍ୟ ପଦରୁ ତତ୍କାଳ ପ୍ରଭାବରେ ଇସ୍ତଫା ଦେଇଛନ୍ତି । ତାଙ୍କ ସ୍ଥାନରେ କମ୍ପାନିର ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫଓ) କୋଲେଟ୍ କ୍ରେସଙ୍କୁ ଅନ୍ତରୀଣ ସିଇଓ ଭାବେ ନିଯୁକ୍ତ କରାଯାଇଛି। ହୁଆଙ୍ଗଙ୍କ ଇସ୍ତଫା ପୂର୍ବରୁ ତାଙ୍କ ବ୍ୟକ୍ତିଗତ ସମ୍ପର୍କକୁ ନେଇ ଗଣମାଧ୍ୟମରେ ଏକାଧିକ ରିପୋର୍ଟ ପ୍ରକାଶ ପାଇଥିଲା । ଏକ ରିପୋର୍ଟ ଅନୁସାରେ, ସିଙ୍ଗାପୁରରେ ଅବସ୍ଥିତ ମେଗାସ୍ୱିଡ୍ ଇଣ୍ଟରନ୍ୟାସନାଲର ଜଣେ ପୂର୍ବତନ ମହିଳା ଅଧିକାରୀଙ୍କ ସହ ତାଙ୍କର ସମ୍ପର୍କ ଥିଲା । ଉକ୍ତ ମହିଳାଙ୍କ ଚୀନ୍ ସରକାରଙ୍କ ପାଇଁ ଗୁପ୍ତଚର କାମ କରୁଥିବା ନେଇ ଆମେରିକୀୟ ଗୁଇନ୍ଦା ସଂସ୍ଥା ସନ୍ଦେହ କରୁଥିବା ରିପୋର୍ଟରେ ଉଲ୍ଲେଖ ହୋଇଛି । ଏହାବ୍ୟତୀତ, ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟରେ ହୁଆଙ୍ଗଙ୍କ ଜଣେ ସହକର୍ମୀଙ୍କ ସହ ମଧ୍ୟ ସମ୍ପର୍କ ଥିବା ଦାବି କରାଯାଇଥିଲା। ମହିଳା ଜଣକ ତାଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ ବୋଲି ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ, ଏନଭିଡିଆ ପକ୍ଷରୁ କୁହାଯାଇଛି ଯେ କମ୍ପାନିର ଗୋପନୀୟ ତଥ୍ୟ କିମ୍ବା ଆମେରିକାର ଜାତୀୟ ସୁରକ୍ଷା ସହ କୌଣସି ସାଲିସ୍ ହୋଇଥିବାର ପ୍ରମାଣ ନାହିଁ। ତଥାପି ଏହି ମାମଲାର ସମସ୍ତ ଦିଗକୁ ନେଇ ସ୍ୱାଧୀନ ତଦନ୍ତ କରାଯିବ। ଏନଭିଡିଆର ଅତ୍ୟାଧୁନିକ କମ୍ପ୍ୟୁଟର ଚିପଗୁଡ଼ିକୁ ବେଆଇନ ଭାବେ ଚୀନକୁ ପଠାଯାଉଥିବା ଅଭିଯୋଗ ହୋଇଥିଲା। ତେବେ ଏପରି ରପ୍ତାନିର କୌଣସି ପ୍ରମାଣ ନଥିବା ମେଗାସ୍ୱିଡ୍ ପକ୍ଷରୁ କୁହାଯାଇଥିଲା। ସିଙ୍ଗାପୁର ମଧ୍ୟ ଏହି ଅଭିଯୋଗର ତଦନ୍ତ କରୁଛି। ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁସାରେ, ମେଗାସ୍ୱିଡର ପୂର୍ବତନ ଅଧିକାରୀ ଏଲିସ୍ ହୁଆଙ୍ଗଙ୍କ ସହ ଜେନସେନ୍ ହୁଆଙ୍ଗଙ୍କ ସମ୍ପର୍କକୁ ନେଇ ଆମେରିକୀୟ ଗୁଇନ୍ଦା ସଂସ୍ଥା ପୂର୍ବରୁ ସୂଚନା ପାଇଥିଲା। ଉକ୍ତ ମହିଳା ବେଜିଂକୁ ସୂଚନା ଯୋଗାଉଥିବା ଅଭିଯୋଗ ମଧ୍ୟ ରହିଛି। ଚୀନକୁ ଏନଭିଡିଆର ଚିପ୍ ବିକ୍ରି ଉପରେ ଥିବା କଟକଣା କୋହଳ କରିବାକୁ ହୁଆଙ୍ଗ ଆମେରିକା ସରକାରଙ୍କ ନିକଟରେ ଦାବି କରିଆସୁଥିଲେ।

ବାଲେଶ୍ୱରରେ ଅନଲାଇନ୍ ଜୁଆ ଠକେଇ

୫ ଗିରଫ, ୭ ମୋବାଇଲ୍ ଓ କାର୍ ଜବତ



ବାଲେଶ୍ୱର: ଏମଟେକ୍ ପଢୁଆ ଉଚ୍ଚ ଶିକ୍ଷିତ ହୋଇ ଅନଲାଇନ ଜୁଆ ଖେଳରେ ମାତିଥିଲେ। ଲୋକଙ୍କୁ ଭୁଆଁ ବୁଲାଇ କଲର୍ ପ୍ରେଡିକସନ ଖେଳ ନାଁରେ ନିବେଶ କରିବାକୁ କହି ଲକ୍ଷାଧିକ ଟଙ୍କା ଲୁଟିଥିଲେ। ଅଳ୍ପ ଟଙ୍କା ଦେଇ ଗେମ ଖେଳିବା ପରେ ଲୋକଙ୍କୁ ଅଧିକ ଟଙ୍କା ମିଳୁଥିଲା। କିନ୍ତୁ ଅଧିକ ଟଙ୍କା ନିବେଶ ପରେ ବୁଡ଼ିଯାଉଥିଲା ଟଙ୍କା। ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଟେଲିଗ୍ରାମରେ ଏସବୁ କାରବାର ଚାଲିଥିଲା। ଗୁଇନ୍ଦା ସୂଚନା ଆଧାରରେ ଏଥିପାଇଁ ପୁଲିସ ଜଣେ ମହିଳାଙ୍କ ସହିତ ୫ ଅଭିଯୁକ୍ତଙ୍କୁ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୪୮ ନମ୍ବର ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ବୈଷୟିକ ଭାବେ ପାରଙ୍ଗମ ଥିଲେ। ଏନେଇ ଗୁରୁବାର ଜିଲା ପୁଲିସ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଅତିରିକ୍ତ ଏସପି ଦେବଜ୍ୟୋତି ଦାସ ସୂଚନା ଦେଇଛନ୍ତି। ଏଥିରେ ସାଇବର ଥାନାଧିକାରିଣୀ ମିନା ବିନ୍ଧାଣୀ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ଭବନରେ ଥିବା ଗୋପବନ୍ଧୁ ପାର୍କରେ ଗିରଫ ଅଭିଯୁକ୍ତମାନେ ଲୋକମାନଙ୍କୁ ଅସୁରକ୍ଷିତ ଅନ୍ଲାଇନ ଗେମ୍ ବିଷୟରେ ଆଲୋଚନା କରିବା ସହିତ ଲୋକମାନଙ୍କୁ ଖେଳିବାକୁ ପ୍ରବର୍ତ୍ତାଉଥିଲେ। ସିକ୍କିମ୍ ଗେମ୍ ନାମରେ ବେଆଇନ ବେଟିଂ ପ୍ଲାଟଫର୍ମରେ ସେମାନେ ଲୋକମାନଙ୍କୁ ଠକୁଥିଲେ ବୋଲି ପୁଲିସ କହିଛି। ସେମାନେ ଅଷ୍ଟ୍ରେଲିଆର ଏକ ୱେବସାଇଟ୍ ଡୋମେନ୍ ବ୍ୟବହାର କରି ଯୋଜନାବଦ୍ଧ ଭାବେ ଲୋକ ଏଥିରେ ଲୋକମାନଙ୍କୁ ଫସାଉଥିଲେ। ଏଥିରେ ସେମାନେ ଲୋକମାନଙ୍କ ଠାରୁ ବହୁ ଟଙ୍କା ଓ ଅନଲାଇନ ଟଙ୍କା ଦେଣ ନେଣ କରୁଥିଲେ। ଏଥିରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ମୁଖ୍ୟ ଅଭିଯୁକ୍ତର ପରିଚୟ ହେଲା ବିଜୟ କୁମାର ନାୟକ(୩୦)। ସେ ସୋର ଥାନା ଅଧୀନ ଗୁଡ଼୍ ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ପଶ୍ଚିମବଙ୍ଗରେ ରହି ଏହି କାରବାର କରୁଥିଲା। ଖାଲି ସେତିକି ନୁହେଁ ଏଥିରେ ଆନ୍ତଃରାଜ୍ୟ ସଂଯୋଗ ଥିବା ପୁଲିସ କହିଛି। ଅନ୍ୟ ଅଭିଯୁକ୍ତମାନେ ହେଲେ ସବିତା ପାତ୍ର(୪୩), ସେ ମୟୂରଭଞ୍ଜର ବିଦାମପାହାଡ଼ ଥାନା ଅନ୍ତର୍ଗତ ଡୋଭା ଅଞ୍ଚଳର ବାସିନ୍ଦା। ସନ୍ତୋଷ ସ ପଶ୍ଚିମବଙ୍ଗର ହୁଗୁଳି ଜିଲା ଭଦ୍ରେଶ୍ୱର ଥାନା, ସାଗର କୁମାର (୩୦), ବାସିନ୍ଦା ପଶ୍ଚିମ ବର୍ଦ୍ଧମାନ ଜିଲା ଜାମୁରିଆ ଥାନା ଅଞ୍ଚଳର ବାସିନ୍ଦା। ସେହିପରି ବିହାରର ଭାଗଲପୁର ଜିଲା ସାନୋଖର ଥାନା ଅଧୀନ ଖଜୁରିଆ ଅଞ୍ଚଳର ବିବେକ କୁମାର(୩୦)କୁ ବାନ୍ଧିଛି ପୁଲିସ। ସବିତା ବିଜୟକୁ ବାଲେଶ୍ୱରକୁ ଡାକି ଏଥିପାଇଁ ଲୋକ ଜୋଗାଡ଼ କରାଇବାପାଇଁ କହିଥିଲେ। ବିଜୟ ବୈଷୟିକ ଭାବେ କୁଶଳୀ ଥିବା ବେଳେ ସେ ପଶ୍ଚିମବଙ୍ଗରେ ଏହାକୁ ପରିଚାଳନା କରୁଥିଲା। ବିଜୟ ବିଭିନ୍ନ ଜାଗାକୁ ଯିବା ସହିତ ବହୁ ହୋଟେଲକୁ ଯାଇ ଲୋକମାନଙ୍କୁ ଏଥିପାଇଁ ଆକର୍ଷିତ କରୁଥିଲେ। ଏହି ଖେଳ ପାଇଁ କେତେଜଣ ବେଆଇନ ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି ସେନେଇ ପୁଲିସ ତଦନ୍ତ ଚଳାଇଛି। ଏଥିରେ ମୁଖ୍ୟ ଅଭିଯୁକ୍ତ ଠାରୁ ପୁଲିସ ଏକ ଟାଟା ସଫାରି କାର୍ ଜବତ କରିବା ସହ ୭ଟି ସ୍ମାର୍ଟ ଫୋନ ଜବତ କରିଛି। ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି ସେନେଇ ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି। ଏହା ସହିତ ଅଜଣା ୱେବ ସାଇଟ୍ ସହିତ ଏପିକେ ଫାଇଲକୁ କ୍ଲିକ ନକରିବାକୁ କୁହାଯାଇଛି।

ବେଆଇନ ଲଘୁ ଖଣିଜ ଚାଲାଣ କରି ବନ୍ଧାହେଲେ

ଭୁବନେଶ୍ୱର(ନି.ପ୍ର): ବିନା ବୈଧ କାଗଜପତ୍ର ଓ ସରକାରୀ ଚାଲାଣରେ ବେଆଇନ୍ ଭାବେ ଲଘୁ ଖଣିଜ ପଦାର୍ଥ ମୋରମ୍ ଚୋରାଚାଲାଣ କରୁଥିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ହାଇୱା ଚାଳକଙ୍କୁ ଗିରଫ କରିଛି। ପୋଲିସ ଚଢ଼ଉ କରି ମୋରମ୍ ବୋଝେଇ ଟାଟା ହାଇୱା ଗାଡ଼ିଟିକୁ ଜବତ କରିଛି। ଗିରଫ ହାଇୱା ଚାଳକ ଜଣଙ୍କ ହେଉଛନ୍ତି,ଆଲୋକ ସାମଲ (୨୪) ଓ ତାଙ୍କ ଘର ପାହାଳ ଥାନା ଅନ୍ତର୍ଗତ ନହରକଣ୍ଟାରେ ବୋଲି ଜଣାପଡ଼ିଛି। ତଦନ୍ତରୁ ଜଣାପଡ଼ିଛି ଯେ, ବୁଧବାର ରାତି ପ୍ରାୟ ୧୧ଟା୨୫ ମିନିଟରୁ ଭରତପୁର ଥାନା ଏଏସ୍ଆଇ ସଂଘମିତ୍ରା କର ଓ ଅନ୍ୟ ପୋଲିସ କର୍ମଚାରୀମାନେ ଥାନା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ। ଗୁରୁବାର ଭୋର ପ୍ରାୟ ୨ଟା ୩୦ ମିନିଟରେ ସମ୍ ମେଡିକାଲ୍ ଗୋଲେଇ ଛକ ନିକଟରେ ନୂଆଗାଁ ପଟୁ କଳିଙ୍ଗ ଷ୍ଟୁଡିଓ ଛକ ଆଡ଼କୁ ଆସୁଥିବା ଏକ ମୋରମ୍ ବୋଝେଇ ଟାଟା ହାଇୱା ଗାଡ଼ିକୁ ପୋଲିସ ସନ୍ଦେହରେ ଅଟକାଇଥିଲା। ଯାଞ୍ଚ ବେଳେ ଗାଡ଼ି ଚାଳକ ଆଲୋକ ସାମଲ ଉକ୍ତ ମୋରମ୍ ପରିବହନ ସମ୍ପର୍କିତ କୌଣସି ବୈଧ ଅନୁମତି ପତ୍ର ବା ଚାଲାଣ ଦେଖାଇ ପାରିନଥିଲେ। ପଚରାଉଚରା ବେଳେ ସେ ସ୍ୱୀକାର କରିଥିଲେ ଯେ, ଗାଡ଼ି ମାଲିକ ବିଜୟ କୁମାର ମଲ୍ଲିଆଙ୍କ ନିର୍ଦ୍ଦେଶରେ ସେ ନୂଆଗାଁ ଅଞ୍ଚଳରୁ ବେଆଇନ୍ ଭାବେ ମୋରମ୍ ଆଣି ପଣ୍ଡାକୁଡ଼ିଆ / ସମ୍ ହସ୍ପିଟାଲ୍ ନିକଟକୁ ଚାଲାଣ କରୁଥିଲେ। ପୋଲିସ ମୋରମ୍ ବୋଝେଇ ଟାଟା ହାଇୱା ଗାଡ଼ିଟିକୁ ଜବତ କରି ଥାନା ମାଲଖାନାରେ ରଖିଛି। ଏନେଇ ଭରତପୁର ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଗୁରୁବାର ଅପରାହ୍ନ ୧ଟା ୨୦ମିନିଟରେ ଅଭିଯୁକ୍ତ ଚାଳକ ଆଲୋକ ସାମଲକୁ ବିଧିବଦ୍ଧ ଭାବେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବେଆଇନ୍ ମୋରମ୍ ଚୋରାଚାଲାଣରେ ସମ୍ପୃକ୍ତ ଗାଡ଼ି ମାଲିକ ବିଜୟ ମଲ୍ଲିଆଙ୍କୁ ଧରିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି।

---

୧୩୩ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ



କଟକ(ନିପ୍ର): ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ସିଡିଏ ସେକ୍ଟର ୬ରେ ଚଢ଼ାଉ କରାଯାଇ ୧୩୩ ଗ୍ରାମ ବ୍ରାଉନ ସୁଗାର ଓ ଗୋଟିଏ ସ୍କୁଟି ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବେଲତଳ ଦକ୍ଷିଣଡିଆର ମୂଳ ବାସିନ୍ଦା ତଥା ସିଡିଏ ସେକ୍ଟର ୭ରେ ରହୁଥିବା ରମାକାନ୍ତ ଦାଶ (୪୪)। ଅବକାରୀ ଅଧିକ୍ଷକ ସମରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଉପ ଅଧିକ୍ଷକ ରୋଶନ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଇନିସ୍ପେକ୍ଟର ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସିଡିଏ ସେକ୍ଟର ୬ ପାତ୍ର ଇଲେକ୍ଟ୍ରୋନିକ୍ସ ନିକଟରେ ଚଢ଼ାଉ କରାଯାଇଥିଲା। ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୩ ଲକ୍ଷ ୩୦ ହଜାର ଟଙ୍କା ଓ ସ୍କୁଟିର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚଢ଼ାଉରେ ଏସଆଇ ଅମିତ କୁମାର ବିଶ୍ୱାଳ, ଏଏସଆଇ କିଶୋର କୁମାର ରାଉତ, ସଂଜୀବ କୁମାର ମୁଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଜିଲ୍ଲାକୁ ନିଶାମୁକ୍ତ ରଖିବା ପାଇଁ ଅବକାରୀ ବିଭାଗର ଏହି ଅଭିଯାନ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

ଫୋନ ଚୋରକୁ ବର୍ଷେ ଜେଲ୍

ଭୁବନେଶ୍ୱର(ନି.ପ୍ର): ନୟାପଲ୍ଲୀ ପୋଲିସ ଦ୍ୱାରା ଗିରଫ ହୋଇଥିବା ଜଣେ ଫୋନ ଚୋରକୁ ଗୁରୁବାର ଜେଏମ୍ଏଫସି ୩ କୋର୍ଟର ବିଚାରପତି କରୋଣୀକା ଘୋଷ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ବିଚାରପତି ଏହି ମାମଲାରେ ଅଭିଯୁକ୍ତ ତପନ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଏକବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏନେଇ ଗତ ଜୁଲାଇ ମାସରେ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ଏକ ଚୋରି ମାମଲା ରୁଜୁ କରି ମାମଲାର ତଦନ୍ତ ଏସ୍ ?ଆଇ ଶୁଭ୍ରାଂଶୁ ମହାପାତ୍ର କରିବା ସହ ନିର୍ଦ୍ଧାରିତ ସମୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ମାମଲାକୁ ସରକାରଙ୍କ ପକ୍ଷରୁ ଚିରନ୍ତନୀ ବାଗ ଓ କଳ୍ପତରୁ ସାହୁ ପରିଚାଳନା କରୁଥିବା ବେଳେ ଏହି ମାମଲାରେ ଅଭିଯୁକ୍ତକୁ ୧ ବର୍ଷ ସଶ୍ରମ ଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ଅର୍ଥରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଭିଯୁକ୍ତ ଆଉ ୧୫ ଦିନ ଜେଲରେ ରହିବେ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି।

ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ, ମାମଲା ରୁଜୁ

ଭାପୁର(ନି.ପ୍ର): ଫତେଗଡ଼ ଥାନା ଭାପୁର ପଞ୍ଚାୟତ ଅଧୀନ ମହୁଲିଆ ଗ୍ରାମର ମାର୍କଣ୍ଡ ପ୍ରଧାନଙ୍କ ଏକ ମାତ୍ର ପୁଅ କିଶୋର ପ୍ରଧାନ (୨୫) ଗ୍ରାମର କୋଠାଘର ମଧ୍ୟରେ ବୁଧବାର ରାତିରେ ରଶି ଲଗେଇ ଆତ୍ମହତ୍ୟା କରିଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିବା ବେଳେ ଏ ସଂପର୍କରେ ଫତେଗଡ ଥାନା କେସ ନଂ ୨୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୁଲିସ ସୂତ୍ରରୁ ପ୍ରକାଶ। ଘଟଣାକ୍ରମେ କିଶୋର ସବୁଦିନ ଭଳି ବୁଧବାର ରାତିରେ ଗ୍ରାମର କୋଠଘରେ ଶୋଇଥିଲେ ମାତ୍ର ଗୁରୁବାର ସକାଳେ କୋଠଘର ଓରାରେ ରଶି ଲଗେଇ ସେ ଆତ୍ମହତ୍ୟା କରିଥିବା ନେଇ ଗ୍ରାମବାସୀଙ୍କ ନଜରକୁ ଆସିବା ପରେ ଖବରପାଇ ମୃତକଙ୍କ ପରିବାରବର୍ଗ ଓ ପୁଲିସ ସେଠାରେ ପହଞ୍ଚି ଥିଲେ। ଏକମାତ୍ର ରୋଜଗାରିଆ ପୁଅର ଅକାଳ ବିୟୋଗରେ ନେଇ ପରିବାରବର୍ଗ ଭାଙ୍ଗି ପଡିଥିବା ଜଣାପଡିଛି।

ପୀତବାସ ପଣ୍ଡା ହତ୍ୟା ମାମଲା ୬ ଅଭିଯୁକ୍ତଙ୍କ ଜାମିନ, ରାୟ ସଂରକ୍ଷିତ

କଟକ(ନିପ୍ର): ବ୍ରହ୍ମପୁରର ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ୬ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ଶୁଣାଣି ଶେଷ ହୋଇଛି । ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ । ଏଥିସହ ଆସନ୍ତା ସୋମବାର ସୁଦ୍ଧା ମାମଲା ସମ୍ପର୍କିତ ଲିଖିତ ଯୁକ୍ତି ଦାଖଲ କରିବାକୁ ଉଭୟ ପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁବାର ଏହି ମାମଲାରେ ୬ ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା । ଶିବ ଶଙ୍କର ଦାସ, ମଦନ ମୋହନ ଦଳାଇ, ସୁନୀଲ କୁମାର ହୋତା, ଯୋଗେନ୍ଦ୍ର ରାଉତ, ବିପିନ ସ୍ୱାଇଁ ଓ କାଳୁ ଚରଣ ଭୂୟାଁଙ୍କ ଜାମିନ ଆବେଦନ ଉପରେ କୋର୍ଟରେ ଯୁକ୍ତି ଉପସ୍ଥାପନ ହୋଇଥିଲା । ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି । ଏବେ ସମସ୍ତଙ୍କ ନଜର ହାଇକୋର୍ଟଙ୍କ ପରବର୍ତ୍ତୀ ରାୟ ଉପରେ ରହିଛି।

---

୧୪୭ ଗ୍ରାମ ହେରୋଇନ୍ ଜବତ: ଜଣେ ଗିରଫ

କଟକ(ନିପ୍ର): ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲ୍ଲା ଅବକାରୀ ମୋବାଇଲ୍ ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇ ୧୪୭ ଗ୍ରାମ ହେରୋଇନ୍ ଜବତ କରାଯିବା ସହ ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଚନ୍ଦନ ରାଉତ (୨୦)। ସୂଚନା ଅନୁଯାୟୀ, ଗୁରୁବାର କଟକ ସଦର ଥାନା ଅନ୍ତର୍ଗତ କାଜିପାଟଣା ରାସ୍ତା, କୁଆଖାଇ ପୋଲ ନିକଟରେ ଅବକାରୀ ମୋବାଇଲ୍ ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଚନ୍ଦନ ନିକଟରୁ ୧୪୭ ଗ୍ରାମ ହେରୋଇନ୍, ଗୋଟିଏ ଇଲେକ୍ଟ୍ରିକ୍ ସ୍କୁଟି ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଅବକାରୀ ମୋବାଇଲ୍ ୟୁନିଟ୍‌ର ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମାଙ୍କ ନେତୃତ୍ୱରେ ଏସଆଇ ନିରୁପମା ସାହୁ, ଏଏସଆଇ ହରିହର ନାଏକ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ ।

ଏଚଆରଏମ୍ଏସ୍ ପୋର୍ଟାଲରେ ମିଥ୍ୟା ବିଲ୍ କରି ୩.୦୩ କୋଟି ଟଙ୍କା ହେରଫେର ଅଭିଯୋଗ

ରାଜସ୍ୱ ସହାୟକ ଶଶିକାନ୍ତ ରାଣା ଗିରଫ



କେନ୍ଦ୍ରାପଡ଼ା/କଟକ(ନିପ୍ର): ସରକାରୀ ଅର୍ଥ ହେରଫେର ଅଭିଯୋଗକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏଚଆରଏମ୍ଏସ୍ ପୋର୍ଟାଲରେ ମିଥ୍ୟା ବିଲ୍ ପ୍ରସ୍ତୁତ କରି ୩ କୋଟି ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସରକାରୀ ଅର୍ଥ ହେରଫେର କରିଥିବା ଅଭିଯୋଗରେ ଡେରାବିଶ ବ୍ଲକର ବରିଷ୍ଠ ରାଜସ୍ୱ ସହାୟକ ଶଶିକାନ୍ତ ରାଣାଙ୍କୁ ଗିରଫ କରିଛି ଓଡ଼ିଶା ଭିଜିଲାନ୍ସ। ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଡିଜିଟାଲ ଟ୍ରାକିଂ ମାଧ୍ୟମରେ ତାଙ୍କୁ ଅନୁଗୋଳରୁ ଠାବ କରି ଗିରଫ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଡେରାବିଶ ବ୍ଲକରେ ୩ କୋଟି ୩ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ପାଣ୍ଠିର ଅପବ୍ୟବହାର ହୋଇଥିବା ଅଭିଯୋଗ ପରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ବେଳେ ଏଚଆରଏମ୍ଏସ୍ ପୋର୍ଟାଲରେ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ସରକାରୀ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଥିଲା। ଭିଜିଲାନ୍ସର ପ୍ରାଥମିକ ତଦନ୍ତ ଅନୁସାରେ, ଶଶିକାନ୍ତ ରାଣା ଦୁଇଟି ପୃଥକ କ୍ଷେତ୍ରରେ ସରକାରୀ ପାଣ୍ଠିର ଅପବ୍ୟବହାର କରିଥିବା ସନ୍ଦେହ କରାଯାଇଛି। ଏହି ଆର୍ଥିକ ଅନିୟମିତତା ସମ୍ପର୍କରେ ଜଣାପଡ଼ିବା ପରେ ସମ୍ପୃକ୍ତ ଅଧିକାରୀ ଦୀର୍ଘଦିନ ଧରି ଫେରାର ଥିବା କୁହାଯାଉଛି। ତାଙ୍କୁ ଠାବ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ଉଦ୍ୟମ ଜାରି ରହିଥିଲା। ଶେଷରେ ଡିଜିଟାଲ ଟ୍ରାକିଂର ସହାୟତାରେ ଅନୁଗୋଳରୁ ତାଙ୍କୁ ଗିରଫ କରାଯାଇଛି। ତେବେ ଏହି ବଡ଼ ଧରଣର ଆର୍ଥିକ ଅନିୟମିତତା ପଛରେ ଆଉ କାହାର ସମ୍ପୃକ୍ତି ରହିଛି କି ନାହିଁ, ସରକାରୀ ଅର୍ଥ କେଉଁ କେଉଁ କ୍ଷେତ୍ରରେ ହେରଫେର ହୋଇଛି ଏବଂ ଏହି ଘଟଣାରେ ଅନ୍ୟ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ଭୂମିକା ରହିଛି କି ନାହିଁ, ତାହା ଭିଜିଲାନ୍ସର ପରବର୍ତ୍ତୀ ତଦନ୍ତରୁ ସ୍ପଷ୍ଟ ହେବ। ଡେରାବିଶ ବ୍ଲକ ଭଳି ଏକ ସରକାରୀ କାର୍ଯ୍ୟାଳୟରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ହେରଫେର ଅଭିଯୋଗ ଏବେ ଜିଲ୍ଲାବ୍ୟାପୀ ଆଲୋଚନାର ବିଷୟ ପାଲଟିଥିବା ବେଳେ ଏହି ମାମଲାରେ ଭିଜିଲାନ୍ସର ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

କେନାଲକୁ ଓଲଟି ପଡିଲା ହାଇୱା: ଅଳ୍ପକେ ବର୍ତ୍ତିଲେ ଚାଳକ



ପିପିଲି(ନିପ୍ର): ଗୁରୁବାର ଅପରାହ୍ନରେ ଚନ୍ଦନପୁର ବ୍ରାଞ୍ଚ କେନାଲବନ୍ଧର ସାହାଡ଼ାପଡ଼ାଠାରେ ଏକ ଡଷ୍ଟ ବୋଝେଇ ହାଇୱା କେନାଲ ଭିତରକୁ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ସୌଭାଗ୍ୟ ବଶତଃ ଚାଳକ ଜଣଙ୍କ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କେନାଲବନ୍ଧର ବଳଙ୍ଗା ଠାରୁ ପାର୍ବତୀପୁର ପର୍ଯ୍ୟନ୍ତ ସଂପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ଏହି ନିର୍ମାଣ କାର୍ଯ୍ୟରେ ନିମ୍ନ ମାନର ସାମଗ୍ରୀ ବ୍ୟବହାର ହେବା ଏବଂ ସଂପ୍ରସାରଣ କାର୍ଯ୍ୟରେ ଭାଇବ୍ରେଟର ଯନ୍ତ୍ରାସ ବ୍ୟବହାର ନକରିବା ସହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଉକ୍ତ କାର୍ଯ୍ୟ ନେଇ ବଳଙ୍ଗା ଜଳସମ୍ପଦ ବିଭାଗର ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଠିକାଦାରଙ୍କୁ ତାଗିଦ କରିଥିଲେ ମଧ୍ୟ ସେ କୌଣସି କଥା ନ ଶୁଣିବା ନେଇ ସହକାରୀ ଯନ୍ତ୍ରୀ ନିମାପଡା ଜଳସମ୍ପଦ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀଙ୍କୁ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିବା ଜଣାପଡିଛି। ଯାହା କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ଏଭଳି ହୋଇଛି । ଗୁରୁବାର ଅପରାହ୍ନରେ ରାସ୍ତା କାର୍ଯ୍ୟରେ ବ୍ୟବହାର ପାଇଁ ଏକ ହାଇୱା ଡଷ୍ଟ ବୋଝେଇ କରି ବଳଙ୍ଗାରୁ ପାର୍ବତୀପୁର ଅଭିମୁଖେ ଯାଉଥିଲା ବେଳେ ସାହାଡ଼ା ପଡ଼ାଠାରେ କେନାଲ ପାର୍ଶ୍ୱ ରାସ୍ତା ଦବି ଯିବାରୁ ହାଇୱାଟି କେନାଲ ଭିତରକୁ ଓଲଟି ପଡ଼ିଥିଲା।

ହୋଟେଲରେ ବାସି ରନ୍ଧାଖାଦ୍ୟ ଦେବାକୁ ନେଇ ଥାନାରେ ଅଭିଯୋଗ



ପିପିଲି(ନିପ୍ର): ପିପିଲି ଓ ବଳଙ୍ଗା ଅଞ୍ଚଳରେ ଥିବା ଜଣାଶୁଣା ହୋଟେଲରେ ଦୀର୍ଘ ଦିନ ଧରି ଅହରହ ଖାଉଟିମାନଙ୍କୁ ବାସି ଖାଦ୍ୟ ଦିଆଯାଉଥିବା ନେଇ ଚର୍ଚ୍ଚା ଧରି ଥିବାବେଳେ ଏ ଦିଗରେ ପୁରୀ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ କୁମ୍ଭକର୍ଣ୍ଣ ନିଦରେ ଶୋଇ ରହିଛି । ଯାହା ଆଜି ଏକ ଅବିକଳ ଦୃଶ୍ୟ ଦେଖିବାକୁ ମିଳିଛି । ବଳଙ୍ଗା ବଜାରରେ ଥିବା ଏକ ହୋଟେଲରେ ବାସି ରନ୍ଧାଖାଦ୍ୟ ଦେବାକୁ ନେଇ ଉତ୍ତେଜନା ଦେଖାଦେବା ସହ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ରୁପଦେଇପୁର ଗ୍ରାମର ବିଜୟ ରଣାଙ୍କ ପତ୍ନୀ ଝୁନିମଣି ସେଠୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଝୁନୀଙ୍କ ଘର କାମ ହେଉଥିବାରୁ ସେ ତାଙ୍କ ପୁଅକୁ ବଳଙ୍ଗା ବଜାରରେ ଥିବା ଏକ ହୋଟେଲକୁ ୫ଟା ମିଲ ପାଇଁ ପଠାଇଥିଲେ। ହୋଟେଲ ମାଲିକ ମିଲ ଦେବା ପରେ ଝୁନିଙ୍କ ପୁଅଠାରୁ ୪ଶହ ଟଙ୍କା ରଖିଥିଲେ। ତେବେ ଘରେ ଝୁନି ପୁଅକୁ ଖାଇବା ପାଇଁ ଦେଇଥିଲେ । ଖାଇବା ସମୟରେ ହୋଟେଲ ମାଲିକ ଦେଇଥିବା ଭାତ ବାସି ଥିବା ଓ ସେଥିରୁ ଦୁର୍ଗନ୍ଧ ବାହାରୁଥିବା ଜଣାପଡିଥିଲା। ପରେ ଝୁନୀ ପୁଅ ସହ ସମସ୍ତ ମିଲକୁ ଆଣି ହୋଟେଲ ମାଲିକଙ୍କୁ କହିବା ସହ ଟଙ୍କା ଫେରସ୍ତ ମାଗିଥିଲେ। ହୋଟେଲ ମାଲିକ ଟଙ୍କା ନ ଦେଇ ଓଲଟି ଝୁନୀଙ୍କ ସହ ଯୁକ୍ତିତର୍କ କରିଥିଲେ। ଝୁନୀ ଥାନରେ ଅଭିଯୋଗ କରିବା ପାଇଁ ଧମକ ଦେବାରୁ ହୋଟେଲ ମାଲିକ ବାସି ଭାତକୁ ଗରମ କରି ଦେଇଥିବା ନେଇ ସ୍ୱୀକାର କରିଥିଲେ ସୁଦ୍ଧା ଟଙ୍କା ଫେରସ୍ତ ନ କରିବାରୁ ଝୁନୀ ନେଇଥିବା ଭାତକୁ ଧରି ଥାନାରେ ଅଭିଯୋଗ କରିଛନ୍ତି।

ବୃଦ୍ଧାଙ୍କୁ ନିର୍ମମ ହତ୍ୟା ଘଟଣାରେ ଅଭିଯୁକ୍ତ ଗୁଜରାଟରୁ ଗିରଫ

■ ଭୁବନେଶ୍ୱରରୁ ଫେରାର ହୋଇ ଅନେକ ରାଜ୍ୟରେ ବୁଲୁଥିଲା ଅଭିଯୁକ୍ତ ■ ଏକାଧିକ ସ୍ୱତନ୍ତ୍ର ଟିମ୍‌ର ଅପରେସନ୍

ଭୁବନେଶ୍ୱର(ନି.ପ୍ର): ରାଜଧାନୀ ଭୁବନେଶ୍ୱରର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ୭୬ ବର୍ଷୀୟା ବୃଦ୍ଧାଙ୍କୁ ହତ୍ୟା ଘଟଣାରେ ପୁଲିସକୁ ବଡ଼ ସଫଳତା ମିଳିଛି। ଏହି ଘଟଣାରେ ଅଭିଯୁକ୍ତ ଘରୋଇ ଯତ୍ନକାରୀ ବା କେୟାରଟେକର ବଳଭଦ୍ର ମହାରଣା ଓରଫ ବଳିଆ (୪୦)ଙ୍କୁ ଗୁଜରାଟରୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ଘର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଞ୍ଚଳରେ ହୋଇଥିବା ବେଳେ ତାଙ୍କର ଅନ୍ୟ ଏକ ଠିକଣା ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଟିଟିପା ବୋଲି ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ, ମୃତ ବୃଦ୍ଧା କୁଞ୍ଜଲତା ନନ୍ଦ (୭୬) ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହୋଟେଲ ଉପାସନା ଲେନ୍‌ର ପ୍ଲଟ୍ ନମ୍ବର ୧୬/୯ରେ ରହୁଥିଲେ। ତାଙ୍କର ଦେଖାଶୁଣା କରିବା ପାଇଁ ବଳଭଦ୍ର ମହାରଣାଙ୍କୁ ନିୟୋଜିତ କରାଯାଇଥିଲା। ସେ ପ୍ରାୟ ୫ ମାସରୁ ଅଧିକ ସମୟ ଧରି ବୃଦ୍ଧାଙ୍କ ଘରେ କାମ କରୁଥିଲେ। ଗତ ୪ ନଭେମ୍ବର ୨୦୨୬ ସକାଳେ ସେହି ଘରର ଭଡ଼ାଟିଆମାନେ କୁଞ୍ଜଲତାଙ୍କୁ ଡାକିବା ସତ୍ତ୍ୱେ କୌଣସି ଉତ୍ତର ନମିଳିବା ଏବଂ ତାଙ୍କ କୋଠରୀର କବାଟ ଭିତର ପଟୁ ବନ୍ଦ ଥିବା ଦେଖି ସନ୍ଦେହ ପ୍ରକାଶ କରିଥିଲେ। ଏନେଇ ସେମାନେ ବୃଦ୍ଧାଙ୍କ ବୋହୂ ସମାହିତା ନନ୍ଦଙ୍କୁ ଫୋନ୍ କରି ଘରକୁ ଆସିବାକୁ ଜଣାଇଥିଲେ। ଖବରପାଇ ସମାହିତା ନନ୍ଦ ଓ ତାଙ୍କ ସ୍ୱାମୀ ସମରେନ୍ଦ୍ର ମହାପାତ୍ର ସକାଳ ପ୍ରାୟ ୮ଟାରେ ଘଟଣାସ୍ଥଳରେ ପହଞ୍ଚି ପୁଲିସ କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚିବା ପରେ ସମସ୍ତଙ୍କ ଉପସ୍ଥିତିରେ ଗ୍ରିଲ୍ କବାଟ ଭାଙ୍ଗି ଘର ଭିତରକୁ ପ୍ରବେଶ କରାଯାଇଥିଲା। ସେଠାରେ ଡାଇନିଂ ଟେବୁଲ୍ ନିକଟରେ କୁଞ୍ଜଲତା ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସମରେନ୍ଦ୍ର ମହାପାତ୍ର ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଲକ୍ଷ୍ମୀସାଗର ଥାନା କେସ୍ ନମ୍ବର ୭୭୭, ତାରିଖ ୦୪.୧୧.୨୦୨୬, ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୧ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।

ଫେରାର ଅଭିଯୁକ୍ତକୁ ଧରିବାକୁ ଏକାଧିକ ରାଜ୍ୟରେ ଚଢ଼ାଉ

ପ୍ରାଥମିକ ତଦନ୍ତରୁ ବଳଭଦ୍ର ମହାରଣାଙ୍କ ସମ୍ପୃକ୍ତି ସନ୍ଦେହ କରାଯିବା ପରେ ତାଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଏକାଧିକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଗିରଫଦାରୀ ଏଡ଼ାଇବା ପାଇଁ ଅଭିଯୁକ୍ତ ଲଗାତାର ନିଜର ଠିକଣା ବଦଳାଇବା ସହ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଉଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ସେ ଏହି ସମୟ ମଧ୍ୟରେ କୋଲକାତା, ରାୟପୁର, ପାନିପଥ ଓ ସୁରଟ ସମେତ ବିଭିନ୍ନ ସହରକୁ ଯାଇଥିଲା। ଲକ୍ଷ୍ମୀସାଗର ଥାନାର ଏସ୍ଆଇ ସୁଭସ୍ମିତା ମୁଦୁଲିଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ପ୍ରଥମେ ଅହମ୍ମଦାବାଦରେ ପହଞ୍ଚିଥିଲା। ସେଠାରୁ ମିଳିଥିବା ଠୋସ୍ ସୂଚନା ଆଧାରରେ ଟିମ୍ ସୁରଟ ଯାଇଥିଲା। ପରେ ଗୁଜରାଟ ପୁଲିସର ସହଯୋଗରେ ବଡ଼ୋଦରା ଜିଲ୍ଲାରେ ଦିଲ୍ଲୀ ଅଭିମୁଖେ ବସ୍‌ରେ ଯାତ୍ରା କରୁଥିବା ବେଳେ ଅଭିଯୁକ୍ତକୁ ଅଟକାଇ ଗିରଫ କରାଯାଇଥିଲା।

ଅଭିଯୁକ୍ତ ନିକଟରୁ ଟଙ୍କା ଓ ସୁନା ଅଳଙ୍କାର ଜବତ


ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୨୦ ହଜାର ୬୦୦ଟଙ୍କା ନଗଦ, ଦୁଇଟି ମୋବାଇଲ୍ ଫୋନ୍, ଗୋଟିଏ ଏୟାରଟେଲ୍ ସିମ୍ କାର୍ଡ, ଗୋଟିଏ ସୁନା ଲକେଟ୍, ଗୋଟିଏ ସୁନା ମୁଦି, ହଳେ କାନଫୁଲ, ଗୋଟିଏ ଛୋଟ ଡାଏରୀ ଏବଂ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ପୋଲିସ କମିଶନର କହିଛନ୍ତି, ହତ୍ୟାକାଣ୍ଡ ଘଟାଇ ପ୍ରଥମେ ବଳଭଦ୍ର ପୁରୀ ଯାଇଥିଲା। ୬ ତାରିଖରେ ସେ କଲିକତାରେ ଥିବା କିଛିସମୟ ପାଇଁ ଜଣାପଡିଲା, ୮ ତାରିଖରେ ରାଞ୍ଚି, ୯ ତାରିଖରେ ପାନିପତ୍, ୧୧ ତାରିଖରେ ସୁରତରେ ଥିବା ଜଣାପଡିଥିଲା। ସୁରତରୁ ବସ୍ ଯୋଗେ ଦିଲ୍ଲୀ ଯାଉଥିଲା। ସେ କେଉଁ ଜାଗାରେ ଅଧିକ ସମୟ ରହୁନଥିଲା। ଏଯାଏ ହୋଇଥିବା ତଦନ୍ତରେ ବଳଭଦ୍ର ଏକା ହିଁ ବିଭିନ୍ନ ସ୍ଥାନରେ ଘୁରି ବୁଲୁଥିଲା। ଏଥିରେ ତାର କେହି ନିଜ ଲୋକଙ୍କ ସମ୍ପୃକ୍ତି ଅଛି କି ନାହିଁ ତାହା ଜାଣିବାକୁ ତଦନ୍ତ ଜାରି ରହିଛି ବୋଲି ସିପି କହିଛନ୍ତି। ତେବେ ଲୁଟ୍ ଉଦ୍ଦେଶ୍ୟରେ କୁଞ୍ଜଲତାଙ୍କୁ ବଳଭଦ୍ର ହତ୍ୟା କରିଥିଲା ନା ରହିଛି ଆଉ କିଛି କାରଣ। ଏହା ଜାଣିବାକୁ ତଦନ୍ତ ଚାଲିଥିବା ସିପି କହିଛନ୍ତି।

ବଡ଼ପୁଅ ଘରର କେୟାରଟେକର ଯୋଗାଯୋଗରେ ଆସିଥିଲା ବଳଭଦ୍ର

ପୋଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଅଞ୍ଚଳର ବଳଭଦ୍ର ମହାରଣା ଓରଫ ବଳିଆ (୪୦)ର ଗୋଟିଏ ଝିଅ ଥିବାବେଳେ ସେ ସ୍କୁଲରେ ପଢୁଛି। ମୃତା କୁଞ୍ଜଲତାଙ୍କ ବଡ଼ ପୁଅଙ୍କ ଘରେ ଦୀର୍ଘ ୭ ବର୍ଷରୁ ଅଧିକ ସମୟ ଧରି ଘରୋଇ ସହାୟକ ଭାବେ କାମ କରୁଥିବା ବିଦ୍ୟାଧର ମହାରଣାଙ୍କ ସମ୍ପର୍କୀୟ ହେଲା ବଳଭଦ୍ର। ବଳଭଦ୍ରଙ୍କୁ ଆଣି ବିଦ୍ୟାଧର କୁଞ୍ଜଲତାଙ୍କ ଘରେ ରଖେଇଥିଲା। ବଳଭଦ୍ର ୫ ମାସରୁ ଅଧିକ ସମୟ ଧରି ଘରୋଇ ସହାୟକ ଭାବେ କାମ କରୁଥିଲା।

କାର ଡୋର୍ ଖୋଲି ୫ ଲକ୍ଷ ଟଙ୍କା ଲୁଟ୍

ଖୋର୍ଦ୍ଧା: ଖୋର୍ଦ୍ଧା ସହରରେ ଦିନଦ୍ୱିପ୍ରହରରେ ହୋଇଛି ଲୁଟ୍। ଗାଡ଼ିର ଡୋର୍ ଖୋଲି ୫ ଲକ୍ଷ ଟଙ୍କା ଲୁଟି ନେଇଥିବା ନେଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ନେଇ ସହରରେ ଖେଳିଯାଇଛି ଚାଞ୍ଚଲ୍ୟ। ସୂଚନା ଅନୁଯାୟୀ, ଖୋର୍ଦ୍ଧା ନିକଟସ୍ଥ ମଳିପଡ଼ା ଗ୍ରାମର ବ୍ୟବସାୟୀ ପ୍ରକାଶ ଚନ୍ଦ୍ର ବରାଳ ଷ୍ଟାଫଙ୍କ ପାରିଶ୍ରମିକ ପ୍ରଦାନ ପାଇଁ ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଉଠାଇଥିଲେ। ଟଙ୍କାକୁ ନିଜ ବୋଲେରୋ ଗାଡ଼ିରେ ରଖି



ସେ ଘରକୁ ଫେରୁଥିଲେ। ତେବେ ଖୋର୍ଦ୍ଧା ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଛକ ନିକଟରେ ଗାଡ଼ି ରଖି ମିଠା କିଣିବାକୁ ଯାଇଥିବା ସମୟରେ ଦୁର୍ବୃତ୍ତମାନେ ବୋଲେରୋର ଡୋର୍ ଖୋଲି ଗାଡ଼ିରେ ଥିବା ୫ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ପ୍ରକାଶ ଚନ୍ଦ୍ର ବରାଳ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଲୁଟେରାଙ୍କ ସମ୍ପର୍କରେ ସୁରାକ୍ ଖୋଜୁଛି ପୋଲିସ। ତେବେ ଏହି ଲୁଟ୍ ଘଟଣାରେ ଏଯାଏଁ କାହାରିକୁ ଗିରଫ କରାଯାଇଥିବା ନେଇ ସୂଚନା ମିଳିନାହିଁ।



ସୁରଭି ମହୋତ୍ସବ ଅବସରରେ ପିଲାମାନଙ୍କ ନବସୃଜନ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ-ଦିନଲିପି)

ମରାମତି ବେଳେ ଫାଟିଲା ଏସି କମ୍ପ୍ରେସର, ୨ ମେକାନିକ ଗୁରୁତର

ଭୁବନେଶ୍ୱର,୧୨।୧୧: ଭୁବନେଶ୍ୱର ୟୁନିଟ୍ ୨ ସ୍ଥିତ ମାର୍କେଟ୍ ବିଲ୍ଡିଂରେ ଅଘଟଣ। ଦୋକାନରେ ଏସି ମରାମତି ବେଳେ ଫାଟିଲା କମ୍ପ୍ରେସର । ଏଥିରେ ଦୁଇ ଜଣ ଗୁରୁତର ହୋଇଛନ୍ତି । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଥରି ଉଠିଲା ଆଖପାଖ ଦୋକାନ । ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ଥିବା କଳାନିକେତନ ଷ୍ଟୋରରେ କିଛି ଦିନ ହେଲା ଶୋ'ରୁମ୍ ଏସି ଅଚଳ ହୋଇପଡ଼ିଥିଲା । ଗୁରୁବାର ମରାମତି ପାଇଁ ଦୁଇ ଜଣ ମେକାନିକ୍ ଆସିଥିଲେ । ଏସି କାମ ଚାଲିଥିବା ବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣର ଶବ୍ଦ ଏତେ ଜୋର୍ ଥିଲା ଯେ ଥରି ଉଠିଥିଲା ଆଖପାଖ ଦୋକାନ । ବିସ୍ଫୋରଣ ଫଳରେ ଦୁଇ ଜଣ



ମେକାନିକ ଗୁରୁତର ହୋଇଛନ୍ତି । ଖବର ପାଇ ଅଗ୍ନିଶମ ବାହିନୀ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ମେଡିକାଲରେ ଭର୍ତ୍ତି କରିଛନ୍ତି । ଉଭୟଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ବୈତରଣୀରେ ବୁଡ଼ି ଦମ୍ପତିଙ୍କ ସଲିଳ ସମାଧି

ଯାଜପୁର ଟାଉନ,୧୨।୧୧: ଦମ୍ପତିଙ୍କ ସଲିଳ ସମାଧି । ବୈତରଣୀ ନଦୀରେ ବୁଡ଼ି ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ । ଯାଜପୁର ବରାହନାଥ ମନ୍ଦିର ନିକଟ ବୈତରଣୀ ନଦୀରେ ଅଘଟଣ ଘଟିଛି । ମୃତକ ହେଲେ ଆନ୍ଧ୍ରପ୍ରଦେଶର ପାଲାମନେର ଅଞ୍ଚଳର ଏମ.ଶ୍ରୀନିବାସ ସୁଲୁ ଓ ଏମ. ଦେବୀ । ନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇଥିଲେ । ଅଗ୍ନିଶମବାହିନୀ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଉଭୟଙ୍କର ମୃତ୍ୟୁ ହୋଇଛି । ସୂଚନା ଅନୁସାରେ, ଦମ୍ପତି ବୈତରଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗାଧୋଉଥିବା ସମୟରେ ହଠାତ୍ ଉଭୟେ ନଦୀରେ ବୁଡ଼ିଯାଇଥିଲେ । ଏହା ଦେଖି ତୁରନ୍ତ ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ଉଭୟଙ୍କୁ ଉଦ୍ଧାର କରିଥିଲେ। ପରେ ଗୁରୁତର ଅବସ୍ଥାରେ ଦମ୍ପତିଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ମୃତ ଘୋଷଣା କରିଥିଲେ । ତେବେ ନଦୀରେ ଗାଧୋଇବା ସମୟରେ ସତର୍କ ରହିବା ସହ ଗଭୀର ଜଳକୁ ନଯିବାକୁ ସାଧାରଣରେ ପରାମର୍ଶ ଦିଆଯାଉଛି ।

୨୦୨୯ରେ ନିର୍ବାଚନ ଲଢ଼ିବେନି ସାରଦା ନାୟକ

ରାଉରକେଲା,୧୨।୧୧: ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ବଡ ଘୋଷଣା। ଆଗାମୀ ୨୦୨୯ ବିଧାନସଭା ନିର୍ବାଚନ ସେ ଲଢ଼ିବେ ନାହିଁ ବୋଲି କହିଛନ୍ତି । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନିର୍ବାଚନ ଲଢିବେ ନାହିଁ ବୋଲି କହିଛନ୍ତି । ରାଜନୀତିରୁ ସନ୍ନ୍ୟାସ ନେବି ନାହିଁ, ଦଳୀୟ ରାଜନୀତିରେ ସକ୍ରିୟ ରହିବି ବୋଲି ସାରଦା କହିଛନ୍ତି। ଦଳ ପକ୍ଷରୁ ଯେଉଁ ଦାୟିତ୍ୱ ଦିଆଯିବ, ତାହା



ସେ ନିଷ୍ଠାର ସହ ତୁଲାଇବେ। ଏଥିସହ ନୂତନ ବ୍ୟକ୍ତିବିଶେଷ ଓ ଯୁବବର୍ଗଙ୍କୁ ରାଜନୀତିରେ ସୁଯୋଗ ମିଳିବା ଉଚିତ ବୋଲି ସେ ମତ ରଖିଛନ୍ତି । ସାରଦାଙ୍କ ଏହି ଘୋଷଣା ପରେ ରାଉରକେଲା ରାଜନୀତି ସରଗରମ ହେବା ସହ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି । ରାଉରକେଲାରୁ ସେ ୪ ଥର ବିଧାୟକ ହୋଇଛନ୍ତି।

ପାଟିରେ ବଢୁଛି ମାଂସପିଣ୍ଡୁଳା, ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ରାୟଗଡ଼ା, ୧୨।୧୧(ନିପ୍ର): ଦାରିଦ୍ର୍ୟର ବୋଝ, ବାପାଙ୍କୁ ହରାଇବାର ଦୁଃଖ ଓ ଦୁରାରୋଗ୍ୟ ବ୍ୟାଧିର ଯନ୍ତ୍ରଣାରେ ଜୀବନ କାଟୁଛି ୯ ବର୍ଷର ନାବାଳିକା ଦଶମିତା ମାଝୀ। ପାଟି ଓ ମୁହଁରେ ଅସ୍ୱାଭାବିକ ଭାବେ ମାଂସପିଣ୍ଡୁଳା ବଢ଼ି ଚାଲିଥିବାରୁ ସେ ଠିକ୍ ଭାବେ କଥା କହିପାରୁନାହିଁ କି ଖାଦ୍ୟ ଗ୍ରହଣ କରିପାରୁନାହିଁ। ଅର୍ଥାଭାବ ଯୋଗୁଁ ଉପଯୁକ୍ତ ଚିକିତ୍ସା ହୋଇପାରୁନଥିବାରୁ ପରିବାର ଚିନ୍ତାରେ ରହିଛି। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଶଙ୍କରଡ଼ା ପଞ୍ଚାୟତର କପାଡାଙ୍ଗ ଗ୍ରାମର କହଆ ମାଝୀଙ୍କ ଝିଅ ଦଶମିତା ଦ୍ୱିତୀୟ ଶ୍ରେଣୀର ଛାତ୍ରୀ।। ଦିନମଜୁରି କରି ପରିବାର ଚଳାଉଥିବା ମାଆଙ୍କ ପକ୍ଷେ ଝିଅର ଚିକିତ୍ସା ଖର୍ଚ୍ଚ ବହନ କରିବା ଅସମ୍ଭବ ହୋଇପଡ଼ିଛି। ମୁହଁ ଓ ପାଟିରେ ବଢୁଥିବା ମାଂସପିଣ୍ଡୁଳା ଯୋଗୁଁ ଦଶମିତା ଦିନକୁ ଦିନ ଅଧିକ ଯନ୍ତ୍ରଣା ଭୋଗୁଛି। ତାର ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକତା ଥିବାବେଳେ ପରିବାର ପାଖରେ ସେତିକି ସମ୍ବଳ ନାହିଁ। ତୁରନ୍ତ ଚିକିତ୍ସା ନମିଳିଲେ ଝିଅର ଜୀବନ ପ୍ରତି ବିପଦ ଦେଖାଦେଇପାରେ ବୋଲି ପରିବାର ଆଶଙ୍କା କରୁଛି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ହସ୍ତକ୍ଷେପ କରି ଦଶମିତାର ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରିବା ସହ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ମାଆ କହଆ ମାଝୀ ନିବେଦନ କରିଛନ୍ତି। ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ମିଳିଲେ ଝିଅଟି ସୁସ୍ଥ ହୋଇପାରିବ ବୋଲି ଆଶା ବାନ୍ଧିଛନ୍ତି ପରିବାର।

୮୦୦ ନୂଆ ହିତାଧିକାରୀଙ୍କୁ ପେନସନ୍ ବଣ୍ଟନ

ପ୍ରତି ମାସରେ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଭତ୍ତା: ମନ୍ତ୍ରୀ

ନୟାଗଡ଼, ୧୨।୧୧(ନିପ୍ର): ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ନୂଆ ମଧୁବାବୁ ପେନସନ୍ ଯୋଜନା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି



ଭାବେ ମତ୍ସ୍ୟ ଓ ପଶୁସମ୍ପଦ ତଥା କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ୮୦୦ ଜଣ ନୂଆ ହିତାଧିକାରୀଙ୍କୁ ପେନସନ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତଙ୍କ ସମେତ ଜିଲ୍ଲାର ବହୁ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ସୂଚନା ପ୍ରଦାନ କରିଥିବାବେଳେ ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ଯୋଜନାର ଗୁରୁତ୍ୱ ଓ ହିତାଧିକାରୀଙ୍କ ସୁବିଧା ସମ୍ପର୍କରେ ମତ ରଖିଥିଲେ। ମନ୍ତ୍ରୀ ଶ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏଣିକି ଭତ୍ତା ପାଇଁ ନୂଆ ଟାର୍ଗେଟ୍‌କୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ପ୍ରତି ମାସରେ ଯୋଗ୍ୟ ହିତାଧିକାରୀଙ୍କୁ ପେନସନ୍ ମଞ୍ଜୁର କରାଯିବ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକଙ୍କ ସମେତ ନୟାଗଡ଼ ବ୍ଲକର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

Tel.Ph.No: 06815-222542
E-mail I.D: eerbparala@yahoo.com
34001/1156/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER,
PARALAKHEMUNDI(R&B) DIVISION, PARALAKHEMUNDI.

e-Procurement Notice

Bid Identification No. S.E., PKD. R&B DIVN.–18 /2026-27

No. 5775 Date. 09.11.2026

INVITATION FOR BIDS


1.	The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in **Single & Double Cover** system to be received in on **ONLINE MODE** only for the construction of works as detailed in the table below:		
2.	Nature of works	:	Road & Electrical Work
3.	No. of works	:	03 [Three] nos. of work.
4.	Estimated cost (Approximately)	:	Rs. 69.58 Lakhs & Rs.24.01 Lakhs
5.	Bid cost	:	Rs.10,000/- & Rs.6,000/- & Rs.4,000/-
6.	Class of contractor	:	"B" // "C" class & "HT" Class
7.	Availability of Bid Documents in the website	:	10.00 Hrs of Dt. **17.11.2026** To 11.00 Hrs. of **Dt.23.11.2026.**
8.	Date of opening of the Bid	:	12.00 Hrs. of **Dt.23.11.2026.**
9.	The Bidders have to participate in **ONLINE** bidding only. Further details can be seen from the website **http://tendersorissa.gov.in** Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.		

OIPR 34001/34186/1/26-27/0014

Superintending Engineer
Paralakhemundi(R&B) Division

କୃଷକଙ୍କ ପାରମ୍ପରିକ ଜ୍ଞାନକୁ ବୈଜ୍ଞାନିକ ଗବେଷଣା ଓ ବଜାର ସହ ଯୋଡ଼ିବାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୨/୧୧(ପିଆଇବି): ଭାରତର କୃଷି ଜୈବବିବିଧତାର ସଂରକ୍ଷଣ ଓ ନବସୃଜନରେ କୃଷକଙ୍କ ଅବଦାନକୁ ଉଚିତ ମାନ୍ୟତା ଦେବା ସହ ସେମାନଙ୍କ ପାରମ୍ପରିକ ଜ୍ଞାନକୁ ବୈଜ୍ଞାନିକ ଗବେଷଣା, ବିହନ ବ୍ୟବସ୍ଥା ଓ ବଜାର ସହ ଯୋଡ଼ିବା ଆବଶ୍ୟକ। ଉଦ୍ଭିଦ ପ୍ରଜାତି ସୁରକ୍ଷା ଓ କୃଷକ ଅଧିକାର ପ୍ରାଧିକରଣ (ପିପିଭି ଏଫ୍‌ଆରଏ)ର ୨୨ତମ ପ୍ରତିଷ୍ଠା ଦିବସ ଓ ପ୍ଲାଣ୍ଟ ଜେନୋମ୍ ସେଭିୟର ପୁରସ୍କାର ସମାରୋହରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର ଏହା କହିଛନ୍ତି।



ସେ କହିଥିଲେ, ଜଳବାୟୁ ପରିବର୍ତ୍ତନ, ଜଳସଙ୍କଟ ଏବଂ ରୋଗପୋକ ପ୍ରତିରୋଧକ ଫସଲ ବିକାଶରେ କୃଷି ଜୈବବିବିଧତାର ଗୁରୁତ୍ୱ ଅଧିକ। ଭାରତର ୨୨ଟି କୃଷି ଜୈବବିବିଧତା ହଟ୍‌ସ୍ପଟ୍ ମଧ୍ୟରେ ଓଡ଼ିଶାର କୋରାପୁଟ ଅନ୍ୟତମ। ୨୦୧୨ରେ ଏଫ୍‌ଏଓ ପକ୍ଷରୁ କୋରାପୁଟକୁ ବିଶ୍ୱ ଗୁରୁତ୍ୱପୂର୍ଣ୍ଣ କୃଷି ଐତିହ୍ୟ ପ୍ରଣାଳୀର ମାନ୍ୟତା ମିଳିଥିବା ସେ ଉଲ୍ଲେଖ କରିଥିଲେ। କୃଷକ ଅଧିକାର ଆଇନ-୨୦୦୧ ଉଦ୍ଭିଦ ପ୍ରଜନକଙ୍କ ଅଧିକାର ସହ କୃଷକଙ୍କ ଅଧିକାରକୁ ସନ୍ତୁଳିତ କରିଛି। ଏହି ଆଇନ ଅନୁଯାୟୀ କୃଷକଙ୍କୁ ଫସଲ କିସମର ସଂରକ୍ଷକ, ଚାଷୀ ଓ ବିକାଶକାରୀ ଭାବେ ମାନ୍ୟତା ମିଳିଛି। ଭାରତର ଜାତୀୟ ଜିନ୍ ବ୍ୟାଙ୍କ ବିଶ୍ୱର ଦ୍ୱିତୀୟ ବୃହତ୍ତମ ହୋଇଥିବାବେଳେ ପ୍ରାୟ ୩ ହଜାର ଜଳବାୟୁ ସହନଶୀଳ ଫସଲ କିସମ ବିକଶିତ ହୋଇଛି। କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ପାଇଁ ଗୋଷ୍ଠୀ ବିହନ ବ୍ୟାଙ୍କ, ଗୁଣାତ୍ମକ ବିହନ ବ୍ୟବସ୍ଥା, କୃଷକ ଉତ୍ପାଦକ ସଂଗଠନ ଓ ବ୍ୟାପକ ବଜାର ସହ ସେମାନଙ୍କୁ ଯୋଡ଼ିବା ଉପରେ ଡ. ମିଶ୍ର ଗୁରୁତ୍ୱ ଦେଇଥିଲେ। କେବଳ ପୁରସ୍କାର ନୁହେଁ, ବିହନ, ବଜାର ଓ ଲାଭର ନ୍ୟାୟସଙ୍ଗତ ଭାଗୀଦାରି ହିଁ କୃଷକଙ୍କୁ ପ୍ରତି ଋତୁରେ ସମୃଦ୍ଧ କରିପାରିବ ବୋଲି ସେ ମତ ଦେଇଥିଲେ।

କଣ୍ଟିଲୋକୁ ଏନ୍‌ଏସି ମାନ୍ୟତା ଦାବି

କଣ୍ଟିଲୋ, ୧୨।୧୧(ନିପ୍ର): ପର୍ଯ୍ୟଟନ ଓ ଶିଳ୍ପୀ ଗ୍ରାମ କଣ୍ଟିଲୋକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବି ଜୋର ଧରିଛି। ଏନେଇ କଣ୍ଟିଲୋ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ସରକାର ଏହି ଦାବି ପୂରଣ ନକଲେ କଣ୍ଟିଲୋବାସୀ ନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଉନ୍ନତ ଭିତ୍ତିଭୂମି ଓ ପର୍ଯ୍ୟଟନର ଅପାର ସମ୍ଭାବନା ଥିବା କଣ୍ଟିଲୋକୁ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ପୂର୍ବତନ ବିଜେଡି ସରକାର ନିର୍ବାଚନ ପୂର୍ବରୁ ଏନ୍‌ଏସି ଘୋଷଣା କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ନୂତନ ସରକାର ୬ଟି ଜିଲ୍ଲାରେ ୧୨ଟି ନୂଆ ଏନ୍‌ଏସି ଘୋଷଣା କରିଥିଲେ ମଧ୍ୟ ସେଥିରେ କଣ୍ଟିଲୋକୁ ସ୍ଥାନ ମିଳିନାହିଁ। ଏହି ପରିପ୍ରେକ୍ଷୀରେ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା ଓ ଉପଦେଷ୍ଟା ପ୍ରଭାକର ଶିରୋମଣି ଜିଲ୍ଲାପାଳ ଡ. ମଧୁମିତା ରଥଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ନଗର ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଦିଆଯାଇଛି।

● ଭଦ୍ରକ ଜିଲ୍ଲାରେ ୨୬,୬୫୫ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ୍ ମଞ୍ଜୁର

୧୫ରେ ମିଳିବ ଭତ୍ତା: ଏକୀକୃତ ପେନସନ୍ ପୋର୍ଟାଲ ଉଦ୍‌ଘାଟିତ

ଭଦ୍ରକ,୧୨।୧୧(ନିପ୍ର): ଭଦ୍ରକ ଜିଲ୍ଲାରେ ମଧୁବାବୁ ପେନସନ୍ ଯୋଜନାରେ ୨୬ ହଜାର ୬୫୫ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନର ଶୁଭାରମ୍ଭ ସହ ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ ଉଦ୍‌ଘାଟିତ ହୋଇଛି। ସହିଦ ସ୍ମୃତି ଭବନ (ଟାଉନ୍ ହଲ୍)ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ଏହାର ଶୁଭାରମ୍ଭ କରିଥିଲେ। ଜିଲ୍ଲାରେ ପୂର୍ବରୁ ୧ ଲକ୍ଷ ୩୩ ହଜାର ୪୬୪ ଜଣ ଏହି ଯୋଜନାରେ ଭତ୍ତା ପାଉଥିବାବେଳେ ନୂତନ ୨୬,୬୫୫ ଜଣଙ୍କୁ ମଞ୍ଜୁରୀ ମିଳିବା ପରେ ମୋଟ ହିତାଧିକାରୀଙ୍କ ସଂଖ୍ୟା ୧ ଲକ୍ଷ ୬୦ ହଜାର ୧୧୯ରେ ପହଞ୍ଚିଛି। ଏହି ଅବସରରେ ୫୦୦ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ନୂତନ ବ୍ୟବସ୍ଥା ଅନୁଯାୟୀ, ଆସନ୍ତା ଡିସେମ୍ବରରୁ ପ୍ରତି ମାସ ୧୫ ତାରିଖରେ ନିୟମିତ ଭତ୍ତା ପ୍ରଦାନ କରାଯିବ। ଯୋଗ୍ୟ ବ୍ୟକ୍ତି ଆବେଦନ କରିବାର ପରବର୍ତ୍ତୀ ମାସରୁ ଭତ୍ତା ପାଇପାରିବେ। ବିଡିଓଙ୍କ କାର୍ଯ୍ୟାଳୟ କିମ୍ବା ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରିହେବ। ସେହିପରି ଭତ୍ତା ପାଉଥିବା ବ୍ୟକ୍ତି ୮୦ ବର୍ଷ ବୟସରେ ପହଞ୍ଚିଲେ ପରବର୍ତ୍ତୀ ମାସରୁ ସ୍ୱୟଂଚାଳିତ ଭାବେ ବର୍ଦ୍ଧିତ ଭତ୍ତା ପାଇବେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦଉ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ଉପସ୍ଥିତ ଥିଲେ। ଏହାସହ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ, ଛାତ୍ରଛାତ୍ରୀଙ୍କୁ ଲାପଟପ୍ ବଣ୍ଟନ ଏବଂ ଭତ୍ତା ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା।

କଣ୍ଟିଲୋ ପ୍ରିମିୟର ଲିଗ୍: ଈଶାନ ରୟାଲ ଓ ପାୱାର ହିଟର ବିଜୟୀ



କଣ୍ଟିଲୋ, ୧୨।୧୧ (ନିପ୍ର): କଣ୍ଟିଲୋ ପଲଟନ ପଡ଼ିଆରେ ଚାଲିଥିବା କଣ୍ଟିଲୋ ପ୍ରିମିୟର ଲିଗ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨୯ତମ ଓ ୩୦ତମ ଲିଗ୍ ମ୍ୟାଚ୍‌ରେ ଯଥାକ୍ରମେ ଈଶାନ ରୟାଲ ଓ ପାୱାର ହିଟର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ଈଶାନ ରୟାଲ ନିର୍ଦ୍ଧାରିତ ୧୨ ଓଭରରେ ୩ଟି ଉଇକେଟ୍ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା। ଜବାବରେ ବିକାଶ ୱାରିୟର୍ସ ୬ଟି ୱିକେଟ୍ ହରାଇ ୧୩୮ ରନ୍ କରିବାରେ ସକ୍ଷମ ହୋଇଥିଲା। ଫଳରେ ଈଶାନ ରୟାଲ ୧୧ ରନ୍‌ରେ ବିଜୟୀ ହୋଇଥିଲା। ବିଜୟୀ ଦଳର ନୀଳାଞ୍ଚଳ ପରିଡ଼ା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ୩୦ତମ ମ୍ୟାଚ୍‌ରେ ଅଶୋକା କିଙ୍ଗସ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୮୯ ରନ୍ କରିଥିଲା। ଜବାବରେ ପାୱାର ହିଟର ମାତ୍ର ଗୋଟିଏ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା।



ସହାୟତା ଅପେକ୍ଷାରେ ରାଇସ୍ ମିଲ୍ ଓ ନିର୍ମାଣ ସାମଗ୍ରୀ ବ୍ୟବସାୟୀ

ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି, ଦୋହଲିଗଲା ପରିବାରର ଆର୍ଥିକ ମେରୁଦଣ୍ଡ



ହିଞ୍ଜିଳିକାଟୁ, ୧୨।୧୧ (ନିପ୍ର): ବାତ୍ୟା ଅର୍ଣ୍ଣବ ଓ ପରବର୍ତ୍ତୀ ବନ୍ୟାରେ ହିଞ୍ଜିଳିକାଟୁ ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ବ୍ୟାପକ କ୍ଷୟକ୍ଷତି ଘଟିଛି। ନୂଆଗାଁ-ବୁରୁପଡ଼ାଠାରେ ଥିବା ମା' ଶ୍ୟାମଳାଇ ରାଇସ୍ ମିଲ୍ ଓ ଜଗନ୍ନାଥ ଟ୍ରେଡର୍ସ ନାମକ ନିର୍ମାଣ ସାମଗ୍ରୀ ଦୋକାନ ବନ୍ୟା ପାଣିରେ ବୁଡ଼ି ଯାଇ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ମିଲ୍ ମାଲିକଙ୍କ ସ୍ୱାମୀ ରମେଶ ଚନ୍ଦ୍ର ପାତ୍ରଙ୍କ ସୂଚନା ଅନୁଯାୟୀ, ରାଇସ୍ ମିଲ୍‌ରେ ଗଚ୍ଛିତ ଥିବା ଧାନ ଓ ଚାଉଳ ବନ୍ୟା ପାଣିରେ ବୁଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ସେହିପରି ତାଙ୍କ ପୁଅ ରଜନୀକାନ୍ତଙ୍କ ମାଲିକାନାରେ ଥିବା ଜଗନ୍ନାଥ ଟ୍ରେଡର୍ସରେ ମହଜୁଦ ୩୦୦ରୁ ଅଧିକ ସିମେଣ୍ଟ ବସ୍ତା ଓ ୧୮୦୦ କିଲୋଗ୍ରାମ ଲୁହା ରଡ୍ ନଷ୍ଟ ହୋଇଛି। ଏଥିସହ ବନ୍ୟାର ପ୍ରଖର ସ୍ରୋତରେ ମିଲ୍‌ର କୋଠାବାଡ଼ି ଓ ଅନ୍ୟାନ୍ୟ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସମୁଦାୟ କ୍ଷୟକ୍ଷତିର ପରିମାଣ ଏକ କୋଟି ଟଙ୍କାରୁ ଅଧିକ ହେବ ବୋଲି ରମେଶ କହିଛନ୍ତି। ଦୀର୍ଘବର୍ଷ ଧରି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ରମେଶଙ୍କ ପରିବାର ଏବେ ଆର୍ଥିକ ସଙ୍କଟରେ ପଡ଼ିଛି। ବ୍ୟବସାୟିକ ପ୍ରତିଷ୍ଠାନର ପୁନରୁଦ୍ଧାର କରି ପୂର୍ବାବସ୍ଥାକୁ ଫେରାଇ ଆଣିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ତେଣୁ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ସଠିକ୍ ଆକଳନ ଓ ମୂଲ୍ୟାୟନ କରି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ରମେଶଙ୍କ ପରିବାର ଦାବି କରିଛନ୍ତି। ବର୍ତ୍ତମାନ ସେମାନେ ସରକାରୀ ସହାୟତାକୁ ଅପେକ୍ଷା କରି ରହିଛନ୍ତି।

ଦାମୀ ସମ୍ବଲପୁରୀ ଶାଢ଼ି ଚୋରି ଉଦ୍ୟମ, ମହିଳା ଗିରଫ

କୁଚିଣ୍ଡା, ୧୨/୧୧(ନିପ୍ର): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବାମରା ଷ୍ଟେସନ ବସ୍ତିର ଦେବଗଡ଼ିଆ କପଡ଼ା ଦୋକାନରୁ ଦାମୀ ସମ୍ବଲପୁରୀ ପାଟ ଶାଢ଼ି ଚୋରି ଉଦ୍ୟମ ଅଭିଯୋଗରେ ନିଶି ସେଠ୍ୱାରୀ (୩୦) ନାମକ ଜଣେ ମହିଳା ଗିରଫ ହୋଇଛନ୍ତି। ତାଙ୍କ ଘର ସମ୍ବଲପୁର ଧନୁପାଲି ଥାନା ଗୋବିନ୍ଦତୋଳାରେ। ପୁଲିସ ସୂଚନାନୁଯାୟୀ, ମହିଳା ଜଣକ ଦୋକାନକୁ ଆସି ୪୫ ହଜାର ଟଙ୍କାର ଦୁଇଟି ଶାଢ଼ି ଦେଖିବା ପରେ ୨୯ ହଜାର ଟଙ୍କାର ଗୋଟିଏ ଶାଢ଼ି ଧରି ଖସିଯିବାକୁ ଉଦ୍ୟମ କରିଥିଲେ। ଦୋକାନ କର୍ମଚାରୀ ଏହା ଜାଣିପାରି ତାଙ୍କୁ ପିଛା କରି ବାମରା ରେଳଷ୍ଟେସନରେ ଧରିଥିଲେ। ଏହି ସମୟରେ ସେ କର୍ମଚାରୀଙ୍କୁ ଠେଲିବା ସହ ଟେକାପଥର ଫିଙ୍ଗିଥିଲେ। ଦୋକାନ ମାଲିକଙ୍କ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଯାଇଛି। ଅଇଁଠାପାଲି ଅଞ୍ଚଳର ଅନ୍ୟ ଏକ ଚୋରି ମାମଲାରେ ମଧ୍ୟ ତାଙ୍କ ସମ୍ପୃକ୍ତି ଥିବା ପୁଲିସ କହିଛି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ